R.N.I. REGN. No. 65000/96 POSTAL REGN. No. OR/BN-32/12-14

11 October 2025, Saturday

ତ୍ରିଂଶତ୍ତମ ବର୍ଷ
ସଂଖ୍ୟା : ୦୭
ତିଥି : ଚତୁର୍ଥୀ
୧୧ ଅକ୍ଟୋବର ୨୦୨୫, ଶନିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

29th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur

## ୧୫ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ

ଭୁବନେଶ୍ୱର, ୧୦ ।୧୦ (ସବ୍ୟୁ) : ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ପରୀକ୍ଷାଗାର ଟେକ୍ନିସିଆନ୍ ସେବା ନିଯୁକ୍ତି ନିୟମକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ସେବା ସର୍ତ୍ତାବଳିର ସଠିକ୍ ନିୟନ୍ତ୍ରଣ ପାଇଁ ଏକ ନୂତନ କ୍ୟାଡର ନିୟମ ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ପରୀକ୍ଷାଗାର ଟେକ୍ନିସିଆନ୍ ସେବା ନିୟମ ପ୍ରସ୍ତୁତ କରାଯାଇଛି । ଉପରୋକ୍ତ ପ୍ରସ୍ତାବ ସମେତ କ୍ୟାବିନେଟ୍‌ରେ ୧୫ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୧୦ଟି ବିଭାଗର ୧୫ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ

# 'ସ୍ୱଚ୍ଛ ଓଡ଼ିଶା' ଲାଗି ୧୬୦୦ କୋଟି



ଅନୁମୋଦନ କରାଯାଇଥିଲା । ମୁଖ୍ୟ ସଚିବ ମନୋଜ ଆହୁଜା କ୍ୟାବିନେଟ୍‌ର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କହିଥିଲେ ଓଡ଼ିଶା ଟିକସ ଏବଂ ହିସାବ ସେବା ନିୟମ ୨୦୧୧ର ସଂଶୋଧନ କରାଯାଇଛି । ସେହିଭଳି ରାଜ୍ୟରେ ନୂତନ ପୁଞ୍ଜି ନିବେଶକୁ ଆକର୍ଷିତ କରିବା ପାଇଁ ପ୍ରସ୍ତାବିତ କାରଖାନା (ଓଡ଼ିଶା ସଂଶୋଧନ ଅଧ୍ୟାଦେଶ ୨୦୨୫) କୁ ଅନୁମୋଦନ କରାଯାଇଛି । ଏହା ଫଳରେ ସର୍ବାଧିକ କାର୍ଯ୍ୟ ଘଣ୍ଟାକୁ ଯେ କୌଣସି ଦିନରେ ନିର୍ଦ୍ଦିଷ୍ଟ ସର୍ତ୍ତରେ କୌଣସି ବର୍ଗର କାରଖାନା ୧୦ ଘଣ୍ଟା ପାଇଁ ବୃଦ୍ଧି କରିପାରିବେ । ବର୍ଦ୍ଧିତ କାର୍ଯ୍ୟ ନିମନ୍ତେ କର୍ମଚାରୀମାନଙ୍କ ଲିଖିତ ସମ୍ମତିର ଆବଶ୍ୟକ ହେବ ଏବଂ ସପ୍ତାହରେ ବାକି ଦିନ ମଜୁରୀ ସହ ଛୁଟି ମିଳିବ । ୩ ମାସର ଓଭର ଟାଇମ୍ କାର୍ଯ୍ୟସୀମା ୧୧୫ ଘଣ୍ଟାରୁ ୧୪୪ ଘଣ୍ଟାକୁ ବୃଦ୍ଧି କରାଯାଇଛି । ସମସ୍ତ କାରଖାନାରେ ନିଯୁକ୍ତି ମହିଳା ଅଧିକାରୀମାନେ ଅଧିକାର ପାଇବେ । ସକାଳ ୬ଟା ପୂର୍ବରୁ ଏବଂ ସନ୍ଧ୍ୟା ୭ଟା ପରେ ଲିଖିତ ସମ୍ମତି ସହ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସୁରକ୍ଷା ସମ୍ପର୍କିତ ସର୍ତ୍ତାବଳୀ ଉପରେ ନିଯୁକ୍ତି ଦିଆଯାଇପାରିବ । (୯ ପୃଷ୍ଠାରେ)

# ମାରିଆ କୋରିନାଙ୍କୁ ନୋବେଲ ଶାନ୍ତି




ନୂଆଦିଲ୍ଲୀ, ୧୦।୧୦ (ନୂଆଦିଲ୍ଲୀ): ଭେନେଜୁଏଲାର ବିରୋଧୀ ନେତ୍ରୀ ମାରିଆ କୋରିନା ମାଚାଡୋଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଛି । ଭେନେଜୁଆଲାରେ ଗଣତନ୍ତ୍ର ଏବଂ ମାନବାଧିକାର ପ୍ରୋତ୍ସାହିତ କରିବା ଏବଂ ଦେଶର ଏକଛତ୍ରବାଦୀ ଶାସନର ଅନ୍ତଃ ଘଟାଇବା ପାଇଁ ମାରିଆ କୋରିନା ଶାନ୍ତିପୂର୍ଣ୍ଣ ସଂଘର୍ଷର ନେତୃତ୍ୱ ନେଇଥିଲେ । ମାରିଆଙ୍କୁ ଭେନେଜୁଏଲାର ଆଇରନ୍ ଲେଡି ବୋଲି କୁହାଯାଏ । ତେବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଶାନ୍ତି ପୁରସ୍କାର ନ ମିଳିବାରୁ ସେ କ୍ଷୁବ୍ଧ ହୋଇଥିଲେ । ଏପରିକି ଚୟନ କମିଟିକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଥିଲେ । ରାଜନୀତି ହେଉଛି ବୋଲି କହିଥିଲେ । ତେବେ ଏହାପରେ ମାରିଆ କୋରିନା ତାଙ୍କ ନୋବେଲ ଶାନ୍ତି ପୁରସ୍କାରକୁ ଟ୍ରମ୍ପଙ୍କ (୯ ପୃଷ୍ଠାରେ)

## ଦିଲ୍ଲୀରୁ ଫେରିଲେ ନବୀନ

ଭୁବନେଶ୍ୱର, ୧୦ ।୧୦ (ସବ୍ୟୁ) : ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜି ନୂଆଦିଲ୍ଲୀରୁ ଫେରିଛନ୍ତି । ମାସାଧିକକାଳ ଦିଲ୍ଲୀରେ ରହିବା ପରେ ଆଜି ସେ ଅପରାହ୍ନରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି । ରାଜନୀତିରେ ପ୍ରବେଶ ପରେ ପ୍ରଥମ ଥର ପାଇଁ ସେ ଏତେ ଲମ୍ବା ସମୟ ଧରି ଓଡ଼ିଶା ବାହାରେ ରହିଥିଲେ । ସେପ୍ଟେମ୍ବର ୭ ତାରିଖରେ ସେ ଦିଲ୍ଲୀ ଯାଇଥିଲେ । ଦିଲ୍ଲୀରେ ସମ୍ପୂର୍ଣ୍ଣ ବିଶ୍ରାମ ନେବାପାଇଁ ସେ ଯାଇଥିଲେ ବୋଲି କୁହାଯାଉଛି ।

ସର୍ଭିକାଲ ଆର୍ଥ୍ରାଇଟ୍ସ ଚିକିତ୍ସା ଲାଗି ଜୁନ୍ ୨୦ରେ ସେ ମୁମ୍ବାଇ ଯାଇଥିଲେ । ୨୨ ତାରିଖରେ ତାଙ୍କର ଅପରେସନ୍ ହେବାପରେ ଜୁଲାଇ ୭ରେ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇ ଜୁଲାଇ (୯ ପୃଷ୍ଠାରେ)

### ପୀତବାସ ପଣ୍ଡା ହତ୍ୟା ମାମଲା

## ନିକଟରୁ ହୋଇଥିଲା ଗୁଳିମାଡ

ବ୍ରହ୍ମପୁର, ୧୦ ।୧୦ (ସବ୍ୟୁ): ବହୁଚର୍ଚ୍ଚିତ ଆଇନଜୀବୀ ପୀତବାସ ହତ୍ୟାକାଣ୍ଡର ଖିଅ ଖୋଜୁଛି ପୋଲିସ । ୫୦ରୁ ଉର୍ଦ୍ଧ୍ୱ ସିସିଟିଭି ଫୁଟେଜ

**୫୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଜେରା, ୭ ଅଟକ**

ସଂଗ୍ରହ ସହିତ ୫୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ପୋଲିସ ଜେରା କରୁଛି । ଏମାନଙ୍କ ମଧ୍ୟରୁ ୭ଜଣଙ୍କୁ ଅଟକ ରଖି ପଚରା ଉଚରା କରାଯାଉଛି । ଏହାରି ମଧ୍ୟରେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଛି । ଏଫ୍‌ଏମଫି ବିଭାଗ ତଦନ୍ତକାରୀ ଅଧିକାରୀଙ୍କୁ ରିପୋର୍ଟ ଦାଖଲ କରିଛି ।

ରିପୋର୍ଟରୁ ଜଣାପଡ଼ିଛି ଯେ, ପୀତବାସଙ୍କୁ ୨ରୁ ଅଢେଇ ମିଟର ଦୁରରୁ ଗୁଳିମାଡ଼ କରାଯାଇଥିଲା । ଗୁଳିମାଡ଼ ପରେ ଘଟଣାସ୍ଥଳରେ ପ୍ରବଳ ରକ୍ତସ୍ରାବ ହୋଇଥିଲା । ଭୟ ଓ ଆଭ୍ୟନ୍ତରୀଣ ଆଘାତ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିଲା । ଶରୀରରୁ ପ୍ରାୟ ୪ଲିଟର ରକ୍ତ ନିର୍ଗତ ହୋଇଥିଲା । ଫଳରେ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ନଷ୍ଟ ହୋଇଥିଲା । ପୀତବାସୀ ପଣ୍ଡା ହତ୍ୟ ମାମଲାରେ ଓଡ଼ିଶା ପୁଲିସ ଆନ୍ଧ୍ର ପ୍ରଦେଶରେ ଛାନ୍‌ଭିନ୍ ଆରମ୍ଭ କରିଛି । ଏକ ୬ଜଣିଆ ଟିମ୍ ଆନ୍ଧ୍ରପ୍ରଦେଶ ଯାଇଛନ୍ତି । (୯ ପୃଷ୍ଠାରେ)

## ଆଇଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୧୦।୧୦ (ସବ୍ୟୁ): ଆଇଏଏସ ସ୍ତରରେ ରାଜ୍ୟ ସରକାର ଅଦଳବଦଳ କରିଛନ୍ତି । ପଞ୍ଚାୟତିରାଜ କମିଶନର ତଥା ସଚିବ ଗିରିଶ ଏସଏନଙ୍କୁ ମିଶନ ଶକ୍ତିର କମିଶନର ତଥା ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ପୂର୍ବରୁ ଏହି ଦାୟିତ୍ୱରେ ଥିବା ସାଲିନ ପଣ୍ଡିତ କେନ୍ଦ୍ରକୁ ଡେପୁଟେସନରେ ଯାଇଥିବାରୁ ଏହି ଅତିରିକ୍ତ ଦାୟିତ୍ୱ ଗିରିଶ ଏସଏନଙ୍କୁ ପ୍ରଦାନ କରାଯାଇଛି ।

ସାଧାରଣ ପ୍ରଶାସନ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବିଡ଼ିଏର ଉପାଧ୍ୟକ୍ଷ ଥିବା ଏନ୍ ତିରୁମାଳା ନାୟକଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ସଚିବ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ମାନସୀ ନିମ୍ଭାଲଙ୍କୁ ଓଡ଼ିଶା ଉଠା ଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି । ସେହିଭଳି ସୁରେନ୍ଦ୍ର କୁମାର ମୀନାଙ୍କୁ ଏସଟି ଓ ଏସସି ବିକାଶ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତ ଦିଆଯାଇଛି । (୯ ପୃଷ୍ଠାରେ)

## ୫ ବର୍ଷରୁ କମ୍ ପିଲାଙ୍କୁ କଫ୍ ସିରପ ମନା

ଭୁବନେଶ୍ୱର, ୧୦।୧୦ (ସବ୍ୟୁ): କଫ ସିରଫ ଯୋଗୁଁ ମଧ୍ୟପ୍ରଦେଶ ସମେତ କେତେକ ରାଜ୍ୟରେ ୨୨ ଶିଶୁଙ୍କର ମୃତ୍ୟୁ ହେବା ପରେ କଫ ସିରଫ ବ୍ୟବହାର ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ୨ ବର୍ଷର କମ୍ ଶିଶୁଙ୍କ ପାଇଁ କଫ ଓ ଥଣ୍ଡା ସିରଫ ଦିଆଯିବା ଉଚିତ ନୁହେଁ । ସେହି ଭଳି ୫ ବର୍ଷରୁ କମ୍ ପିଲାଙ୍କ ପାଇଁ ଏହା ସୁପାରିଶ ନୁହେଁ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି ।

ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତରଫରୁ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଚଳିତ ମାସରେ ଏକ ପରାମର୍ଶକମୂଳକ ଚିଠି ଦିଆଯାଇଛି । ଏଥିରେ ଉଲ୍ଲେଖ କରାଯାଇଛି ଯେ, ପିଲାମାନଙ୍କ ମଧ୍ୟରେ ଦେଖାଯାଉଥିବା ଥଣ୍ଡା ଓ କଫ ରୋଗ ପ୍ରାୟତଃ ଆପେ ଆପେ ଶରୀରର ପ୍ରତିରୋଧକ ଶକ୍ତି ବଳରେ ଭଲ ହୋଇଥାଏ । ସେଥିପାଇଁ (୯ ପୃଷ୍ଠାରେ)

DSPL-312

LI-NING | Table Tennis Federation of India | ODISHA INDIA'S BEST KEPT SECRET. | Asian Table Tennis Union | ATT



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର ଆସୁଛନ୍ତି
ଏସିଆର ଶ୍ରେଷ୍ଠ ଖେଳାଳି



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୧୧-୧୫ ଅକ୍ଟୋବର, ୨୦୨୫

କଳିଙ୍ଗ ଷ୍ଟାଡ଼ିୟମ, ଭୁବନେଶ୍ୱର

ITTF-ATTU
28th Asian Table Tennis Team Championships
Bhubaneswar 2025

ଅନ୍‌ଲାଇନ୍‌ରେ ଟିକେଟ ମିଳୁଛି
bookmyshow



OIPR: 29001/13/0112/2526

କ୍ରୀଡ଼ା ଏବଂ ଯୁବ ସେବା ବିଭାଗ, ଓଡ଼ିଶା ସରକାର



## ଆଜି ଜନ୍ମଦିନ

# ଜୟପ୍ରକାଶ ନାରାୟଣ

ଲୋକନାୟକ ନାମରେ ଲୋକପ୍ରିୟ ଜୟପ୍ରକାଶ ନାରାୟଣ ଏକାଧାରାରେ ଥିଲେ ଜଣେ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ତଥା ରାଜନେତା । ୧୧ ଅକ୍ଟୋବର ୧୯୦୨ରେ ଉତ୍ତରପ୍ରଦେଶ ଓ ବିହାରର ସୀମାନ୍ତ ଅଞ୍ଚଳର ସିତାବ - ଦିଆରାଠାରେ ଜୟପ୍ରକାଶ ନାରାୟଣଙ୍କର ଜନ୍ମ ହୋଇଥିଲା । ପିଲାଟି ଦିନୁ ଅନ୍ୟାୟ ବିରୋଧରେ ସେ ଲଢେଇ ଜାରି ରଖିଥିଲେ । ଦେଶ ତଥା ବିଦେଶରୁ ପାଠପଢା ସମାପ୍ତ କରିବା ପରେ ଗାନ୍ଧିଜୀଙ୍କର ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିଲେ । ୧୯୭୪ରେ ସେ ସମ୍ପୂର୍ଣ୍ଣ ବିପ୍ଳବର ଆରମ୍ଭ କରିଥିଲେ, ଯାହା ତାଙ୍କୁ ଦେଶରେ ଖୁବ ପରିଚିତ କରାଇଥିଲା । ୧୯୯୯ ମସିହାରେ ସମାଜ ସେବା କ୍ଷେତ୍ରରେ ଜୟପ୍ରକାଶଙ୍କ ଉଲ୍ଲେଖନୀୟ ଅବଦାନ ଯୋଗୁଁ ତାଙ୍କୁ ମରଣୋତ୍ତର ଭାବେ ଭାରତର ସର୍ବୋଚ୍ଚ ବେସାମରିକ ଉପାଧି ଭାରତରତ୍ନ ଦ୍ୱାରା ସମ୍ମାନିତ କରାଯାଇଥିଲା । ପାଟଣାର ବିମାନ ବନ୍ଦର, ନୂଆ ଦିଲ୍ଲୀର ବାହାଦୂର ଶାହା ଜାଫର ମାର୍ଗରେ ଅବସ୍ଥିତ ଏକ ପାର୍କ ଏବଂ ଦିଲ୍ଲୀର ସର୍ବ ବୃହତ ଚିକିତ୍ସାଳୟ ମଧ୍ୟ ଜୟପ୍ରକାଶଙ୍କ ନାମରେ ନାମିତ କରାଯାଇଛି । ଏହାସହ ଛାପ୍ରା-ଦିଲ୍ଲୀ-ଛାପ୍ରା ସାପ୍ତାହିକ ଦୂରଗାମୀ ରେଳ ମଧ୍ୟ ଜୟପ୍ରକାଶଙ୍କ ସମ୍ମାନାର୍ଥେ ଲୋକନାୟକ ଏକ୍ସପ୍ରେସ ନାମରେ ନାମିତ ହୋଇଛି । ଏହି ଜନନାୟକଙ୍କର ୧୯୭୯ ମସିହା ଅକ୍ଟୋବର ୮ ତାରିଖରେ ଦେହାନ୍ତ ହୋଇଥିଲା ।

## ଆନ୍ତର୍ଜାତିକ ଶିଶୁକନ୍ୟା ଦିବସ



ପ୍ରତିବର୍ଷ ୧୧ ଅକ୍ଟୋବର ପାଳିତ ହୋଇଥାଏ ଆନ୍ତର୍ଜାତିକ ଶିଶୁ କନ୍ୟା ଦିବସ । ସମଗ୍ର ବିଶ୍ୱରେ ଝିଅମାନେ ସାମନା କରୁଥିବା ଲିଂଗଗତ ଅସମାନତା ସମ୍ପର୍କରେ ସଚେତନତା ବୃଦ୍ଧି କରିବା ପାଇଁ  ଏହା ଏକ ପ୍ରୟାସ । ସେମାନଙ୍କ ପାଇଁ ଶିକ୍ଷା ଅଧିକାର, ପୁଷ୍ଟି, ଆଇନ ଅଧିକାର, ସ୍ୱାସ୍ଥ୍ୟସେବା, ହିଂସା, ଭେଦଭାବ ଏବଂ ଅପରିପକ୍ୱ ବୟସରେ ବିବାହ ଭଳି ଅସମାନତା ବିରୁଦ୍ଧରେ ଲୋକଙ୍କୁ ସଚେତନତା କରିବା ଏହି ଦିବସର ମୂଳ ଉଦ୍ଦେଶ୍ୟ । ୧୧ ଅକ୍ଟୋବର ୨୦୧୨ରୁ ଆନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳନ ହୋଇ ଆସୁଛି । ଏହି ଦିବସ ପୁରା ଦୁନିଆରେ ଝିଅମାନଙ୍କ କ୍ଷେତ୍ରରେ ଦେଖିବାକୁ ମିଳୁଥିବା ମାମଲା ବିଷୟରେ ସଚେତନା ସୃଷ୍ଟି କରାଇଥାଏ । କନ୍ୟା ଦିବସ ନା କେବଳ କନ୍ୟାମାନଙ୍କର ସମସ୍ୟା ବିଷୟରେ ସେମାନଙ୍କୁ ସଚେତନ କରାଇଥାଏ ଏବଂ ଏହା ସହିତ କନ୍ୟାମାନଙ୍କୁ ସମସ୍ୟାର ସମାଧାନ କିପରି ହୋଇପାରିବ ତାହାକୁ ମଧ୍ୟ ଧ୍ୟାନ ଦେଇଥାନ୍ତି । ଯଦି ଝିଅମାନଙ୍କୁ ଶିକ୍ଷିତ କରାଯାଏ ତେବେ ସେମାନେ ବାଲ୍ୟ ବିବାହ , ବିଭିନ୍ନ ରୋଗ ଓ ସମାଜରେ ଘଟୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ, ସେମାନେ ସଚେତନ ହୋଇ ପାରିବେ ।

## ସୋସିଆଲ କୋଟ୍ସ



"ମୋ ଫଟୋକୁ ନେଇ ବିଭିନ୍ନ ପ୍ରମୋସନରେ ବ୍ୟବହାର କରାଯାଉଛି । ଯାହା ବେଆଇନ ଅଟେ । କେବଳ ମୋର ନୁହେଁ ମୋ ନାତୁଣୀର ଫଟୋକୁ ମଧ୍ୟ ଡିପଫେକ କରାଯାଉଛି ।

ସୁନିଲ ସେଟ୍ଟି, ଅଭିନେତା



"ବାପା ମା'ଙ୍କୁ ପିଲାଙ୍କର ସାଙ୍ଗ ହେବାର ଆବଶ୍ୟକତା ନାହିଁ । ଗୋଟିଏ ପିଲା ତା ବାପା ମା'ଙ୍କ ପାଖରୁ ସୁରକ୍ଷା, ଭଲପାଇବା ଓ ଗାଇଡାନ୍ସ ଆବଶ୍ୟକତା କରିଥାଏ । ଏହା ଦେବାକୁ ଚେଷ୍ଟା କରନ୍ତୁ, ସେ ଆପେ ଆପେ ଆପଣଙ୍କ ସହ ସବୁ ସେୟାର କରିବ ।

ଅଜୟ ଦେବଗନ, ଅଭିନେତା



"କନେଡା ସିରିଜ୍‌ରେ ଅଭିନୟ କରିବା ମୋର ଏକ ଇମୋସନାଲ ଜର୍ଣ୍ଣି । ଏଥିରେ ଅଭିନୟ କରିଥିବା ଚରିତ୍ର ମୋର ହୃଦୟର ଖୁବ ନିକଟରେ ରହିବ । ଏହି ସିରିଜ୍‌ରୁ ମୁଁ ଅନେକ କିଛି ଶିଖିଛି ।

ଜାସମିନ୍ ବାଜବା, ଅଭିନେତ୍ରୀ

## ଅମିତାଭ କରିଥିଲେ ପ୍ରେରିତ



ବଲିଉଡ ଅଭିନେତ୍ରୀ ରେଖା ଦୀର୍ଘ ଦଶନ୍ଧି ଧରି ଦର୍ଶକଙ୍କ ହୃଦୟରେ ରାଜ କରୁଛନ୍ତି । ଏବେ ବି ଲୋକ ତାଙ୍କ ସିନେମା ହେଉ କିମ୍ବା ନୃତ୍ୟ ଦେଖିବାକୁ ଉତ୍ସାହିତ ଥାଆନ୍ତି । ତେବେ ରେଖାଙ୍କର କ୍ୟାରିୟରର ପ୍ରଥମଭାବ ଖୁବ ସଂଘର୍ଷପୂର୍ଣ୍ଣ ଥିଲା । ପ୍ରଥମେ ସେ ଇଣ୍ଡଷ୍ଟ୍ରୀକୁ ଆସିବା ସମୟରେ ମାତ୍ର ୧୩ - ୧୪ ବର୍ଷର ଥିଲେ । ତେବେ ଏହି ସମୟରେ ତାଙ୍କର ଓଜନ, ରଙ୍ଗ ଓ ହିନ୍ଦୀ କହିବାର ଶୈଳୀକୁ ନେଇ ଖୁବ ଟ୍ରୋଲିଂର ଶିକାର ହେଉଥିଲେ । ତାଙ୍କୁ ଏଥିପାଇଁ କିଛିଥର ରିଜେକସନ୍‌ର ମଧ୍ୟ ସାମନା କରିବାକୁ ପଡିଛି । ତେବେ ଅମିତାଭ ବଚ୍ଚନ ରେଖାଙ୍କୁ ଖୁବ ପ୍ରଭାବିତ କରିଥିଲେ ଗ୍ରୁମିଂ କରିବାକୁ । ଅମିତାଭ ଓ ରେଖାଙ୍କର ପ୍ରଥମ ଫିଲ୍ମ ଥିଲା ଦୋ ଅନ୍‌ଜାନେ। ଏହାର ସେଟରେ ଅମିତାଭଙ୍କ ପ୍ରଫେସନାଲିଜ୍ମ ରେଖାଙ୍କୁ ଖୁବ ପ୍ରଭାବିତ କରିଥିଲା । ସେ ଏହି ସେଟରେ ଅମିତାଭଙ୍କ ପାଖରୁ ଅନେକ କିଛି ଶିଖିଥିଲେ । ସେ ନିଜର ଭାଷା ଓ ଆକ୍ଟିଂ ଉପରେ କାମ କରିବା ଆରମ୍ଭ କରିଥିଲେ ଏହା ସହିତ ନିଜ ଓଜନ ମଧ୍ୟ କମାଇଥିବା ଅନେକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ଏପରିକି ସେ ଲଣ୍ଡନରେ ମେକଅପର କୋର୍ସ ମଧ୍ୟ କରିଥିଲେ ।



## ବାଲିରୁ କାଗଜ

ଚୀନର ବୈଜ୍ଞାନିକମାନେ ବାଲିରୁ ପ୍ରସ୍ତୁତ କରୁଛନ୍ତି କାଗଜ । ଏହି ନୂଆଧରଣର କାଗଜକୁ ନିର୍ମାଣ କରିବାକୁ ପାଣି, କାଠ କିମ୍ବା ବ୍ଲିଚିଂର ବ୍ୟବହାର କରାଯାଇନାହିଁ । ଏହି କାଗଜର ନାଁ ଦିଆଯାଇଛି ଷ୍ଟୋନ ପେପର ଯାହା ଚିକ୍କଣ ସହିତ ୱାଟରପ୍ରୁଫ ଅଟେ । ସେହିଭଳି ଏହା ଅଏଲ ପ୍ରୁଫ ସହିତ ରିସାଇକେଲ ମଧ୍ୟ କରାଯାଇ ପାରିବ । ଏହି ନିଆରା କାଗଜକୁ ପ୍ରସ୍ତୁତ କରିବାକୁ ବର୍ତ୍ତମାନ ଚୀନର ବିଭିନ୍ନ ମରୁଭୂମି ଅଞ୍ଚଳରେ ଛୋଟଛୋଟ ଫ୍ୟାକ୍ଟ୍ରି ର ସ୍ଥାପନା କରାଯାଉଛି । ଏହି ପେପରକୁ ନୋଟବୁକ, ପ୍ୟାକେଜିଂ ଏବଂ ପୋଷ୍ଟର ନିର୍ମାଣ ପାଇଁ ବ୍ୟବହାର କରାଯାଉଛି ।

## ଇତିହାସ

୧୭୩୭- କଲିକତାରେ ବାତ୍ୟା କାରଣରୁ ପ୍ରାୟ ୩ ଲକ୍ଷ ଲୋକଙ୍କ ମୃତ୍ୟୁ ।

୧୮୫୨- ଅଷ୍ଟ୍ରେଲିଆ ମହାଦ୍ୱୀପର ପ୍ରଥମ ବିଶ୍ୱବିଦ୍ୟାଳୟ ସିଡ୍‌ନୀ ୟୁନିଭର୍ସିଟିର ସ୍ଥାପନା ।

୧୮୬୨- ବୈଜ୍ଞାନିକ ଥୋମାସ ଅଲବା ଏଡିଶନ୍ ଭୋଟ୍ ଗଣନା ପାଇଁ ଇଲେକ୍‌ଟ୍ରିକ୍ ଭଏସ୍ ମେସିନ୍‌ର ପେଟେଣ୍ଟ ହାସଲ କଲେ ।

୧୮୬୯- କାନାଡାରେ ବ୍ରିଟିଶ ସେନା ବିପକ୍ଷରେ ଲାଲ ନଦୀ ବିଦ୍ରୋହ ଆରମ୍ଭ ।

୧୮୮୧- ଡେଭିଡ୍ ହୁଷ୍ଟନ କ୍ୟାମେରା ପାଇଁ ଫିଲ୍ମ ରୋଲ୍‌ର ପେଟେଣ୍ଟ କରାଇଲେ ।

୧୯୧୧- ସ୍ୱାମୀ ବିବେକାନନ୍ଦଙ୍କ ସହଯୋଗୀ, ଶିକ୍ଷିକା ତଥା ସମାଜସେବିକା ସିଷ୍ଟର ନିବେଦିତାଙ୍କ ପରଲୋକ ।

୧୯୩୦- ଜୱାହରଲାଲ୍ ନେହରୁଙ୍କୁ ନୈନି ସେଣ୍ଟ୍ରାଲ୍ ଜେଲ୍‌ରୁ ବାହାର କରାଗଲା ।

୧୯୮୭- ଶ୍ରୀଲଙ୍କାରେ ଭାରତୀୟ ଶାନ୍ତି ସେନା ତରଫରୁ ଅପରେସନ୍ ପବନ ଶୁଭାରମ୍ଭ ।

୧୯୪୨- ବଲିଉଡ୍ ଇଣ୍ଡଷ୍ଟ୍ରିର ମହାନାୟକ ଅମିତାଭ ବଚ୍ଚନଙ୍କ ଜନ୍ମ ।

## ମଣିଷ ଶରୀରରେ ଘୁଷୁରୀ ଯକୃତ

ଚୀନ ବୈଜ୍ଞାନିକମାନେ ପ୍ରଥମଥର ପାଇଁ ଏକ ଘୁଷୁରୀର ଯକୃତକୁ ମଣିଷ ଶରୀରରେ ଲଗାଇଥିଲେ । ଯାହା ୬ମାସ ଧରି ଉକ୍ତ ବ୍ୟକ୍ତିଙ୍କ ଭିତରେ ଜୀବନ୍ତ ରହିଥିବା ଜଣା ପଡିଛି । ଏହି ଯକୃତକୁ ଜଣେ ବ୍ରେନ ଡେଡ ମଣିଷଙ୍କୁ ଲଗାଯାଇଥିଲା । ଯାହା ୧୭୧ ଦିନ ପର୍ଯ୍ୟନ୍ତ ଉକ୍ତ ବ୍ୟକ୍ତିଙ୍କ ଶରୀରରେ କାର୍ଯ୍ୟକ୍ଷମ ରହିଥିଲା । ଉକ୍ତ ବ୍ୟକ୍ତି ଜଣଙ୍କ କ୍ୟାନ୍ସର ଓ ଯକୃତ ରୋଗରେ ପୀଡିତ ହୋଇ ଚିକିତ୍ସା ହେଉଥିଲେ । ହେଲେ ତାଙ୍କୁ ଡୋନର ନମିଳିବାରୁ ଡାକ୍ତରମାନେ ଏଭଳି ନିଷ୍ପତ୍ତି ନେଇଥିଲେ । ଏହାକୁ ଲଗାଇବା ଆଗରୁ ମଣିଷ ଶରୀର ଭଳି ଜେନେଟିକାଲି ମୋଡିଫାଏ କରାଯାଇଥିଲା । ପ୍ରଥମରୁ ଏହା ଖୁବ ଭଲରେ କାମ କରିଥିଲା ହେଲେ ପରେ ଅର୍ଥାତ ୩୮ ଦିନରେ ଏହା ବ୍ୟକ୍ତିଙ୍କର ରୋଗପ୍ରତିରୋଧକ ଶକ୍ତିକୁ ସମସ୍ୟା ପହଞ୍ଚାଇବା ଆରମ୍ଭ କରିଥିଲା । ଉକ୍ତ ସମସ୍ୟାର ଚିକିତ୍ସା ଔଷଧ ଦ୍ୱାରା କରାଯାଇଥିଲା ହେଲେ ଏଥିରେ ସୁଧାର ଆସିନଥିଲା । ଯାହାପରେ ୧୭୧ ଦିନରେ ରୋଗୀର ମୃତ୍ୟୁ ହୋଇଯାଇଥିଲା । ତେବେ ଏହି ପରୀକ୍ଷଣରେ ବୈଜ୍ଞାନିକଙ୍କର ଆତ୍ମବିଶ୍ୱାସ ବଢିଛି ଆଗକୁ ଘୁଷୁରୀ ଯକୃତ ଉପରେ ଆହୁରି ଗବେଷଣା କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।





## ବର୍ଗର ପାଇଁ ନିୟମ



ନିକଟରେ ବର୍ଗର ପାଇଁ ଏକ ନିୟମ ଲାଗୁ କରାଯାଇଛି, ଯାହା ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ସୂଚନା ଅନୁସାରେ ୟୁରୋପିଆନ ୟୁନିଅନର ସଂସଦ ଭେଜ ଫୁଡ ମେନ୍ୟୁରୁ ବେଦି ବର୍ଗର ଓ ଟୋଫୁ ଷ୍ଟିକ ଭଳି ନାମକୁ ହଟାଇ ଦେଇଛି । ଏହାପରେ ବର୍ତ୍ତମାନ ବର୍ଗର କେବଳ ନନ୍‌ଭେଜ ଆଇଟମ ପାଲଟିଛି । ବର୍ଗରମାନେ ହିଁ ନନ୍‌ଭେଜ ବୋଲି ବର୍ତ୍ତମାନ ଧରାଯାଉଛି । ଏହି ସମସ୍ତ ଆଇଟମର ସାଦା ପ୍ରକାରକୁ ଏକ ଭିନ୍ନ ନାଁ ଦିଆଯିବ । ସୋସିଆଲ ମିଡିଆରେ ବର୍ତ୍ତମାନ ଘଟଣାଟି ଖୁବ ଭାଇରାଲ ହେବାରେ ଲାଗିଛି । ଏହାପଛରେ ସାଦା ଆମିଷ ଆଇଟମ ଭିତରେ କେବଳ ପାର୍ଥକ୍ୟ ଆଣିବା ଲକ୍ଷ ବୋଲି ସୂଚନା ଦିଆଯାଇଛି । କିନ୍ତୁ ଏହି ନିଷ୍ପତ୍ତିର କେବଳ ଫ୍ରାନ୍ସକୁ ଛାଡି ଅନ୍ୟ ୟୁରୋପୀୟ ଦେଶରେ ବିରୋଧ ହେଉଥିବା ଜଣା ପଡିଛି ।

## ଆଲ୍ଫା ଗେଲ୍ ସିଣ୍ଡ୍ରୋମ

ଏହାର ନାଁ ଭଳି ଏହି ରୋଗ ମଧ୍ୟ ବେଶ ବିରଳ । ଏହି ରୋଗ ଏକପ୍ରକାରର ବିରଳ ମାଂସ ଆଲର୍ଜି । ଏହି ଆଲର୍ଜି ବିଭିନ୍ନ ମାଂସ ଖାଇବା ପରେ ହିଁ ରୋଗୀଙ୍କ ଶରୀରରେ ଦେଖିବାକୁ ମିଳିଥାଏ । ଏହି ଆଲର୍ଜି ହେବା ପରେ ରୋଗୀଙ୍କୁ ନଏଜିଆ, ପେଟରେ ଯନ୍ତ୍ରଣା, ଡାଇରିଆ, ନିଃଶ୍ୱାସ ନେବାରେ ଅସୁବିଧା ଆଦି ଅନୁଭୂତ ହୋଇଥାଏ । ଏହି ରୋଗକୁ ଚିହ୍ନିବା କଷ୍ଟସାଧ୍ୟ । ଏହି ରୋଗ ଖୁବ ଜଟିଳ ପ୍ରକ୍ରିୟା ଦେଇ ମଣିଷ ଦେହକୁ ବ୍ୟାପିଥାଏ । ହରିଣ, ଛେଳି ଭଳି ପ୍ରାଣୀଙ୍କ ରକ୍ତରେ ଆଲଫା ଗେଲ୍ ନାମକ ଏକପ୍ରକାର ସୁଗାର ମଲିକ୍ୟୁଲ ମିଳିଥାଏ, ଯାହା ମଣିଷ ରକ୍ତରେ ନଥାଏ । ଯେତେବେଳେ  ଟିକ୍ସ ନାମକଏକ ପୋକ ସେହି ପ୍ରାଣୀଙ୍କୁ କାମୁଡିବା ପରେ ମଣିଷଙ୍କୁ କାମୁଡିଥାଏ, ସେହିସମୟରେ ଆଲ୍ଫା ଗେଲ୍ ମଣିଷଙ୍କ ରକ୍ତରେ ମିଶିଥାଏ । ଏହାପରେ ମଣିଷ ଯେତେବେଳେ କୌଣସି ରେଡ୍ ମିଟ୍ ଖାଇଥାଏ ସେଥିରେ ଥିବା ଆଲଫା ଗେଲକୁ ତାର ଶରୀର ଫରେନ୍ ପାର୍ଟିକିଲ ବୋଲି ବିବେଚନା କରିଥାଏ । ଯାହାଫଳରେ ଶରୀରରେ ଆପେଆପେ ଆଣ୍ଟିବଡି ପ୍ରସ୍ତୁତ ହୋଇଥାଏ ଏବଂ ଏହା ଆଲର୍ଜିର ରୂପ ନେଇଥାଏ । ଏହି ରୋଗୀମାନେ ହଠାତ ରାତିରେ ଉଠି ପେଟରେ ଯନ୍ତ୍ରଣା ହେଉଥିବାର ଅଭିଯୋଗ କରିଥାଆନ୍ତି । ତେବେ ଏଭଳି ଲକ୍ଷଣ ଦେଖିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।



# ବିଜେଡି ଉପସଭାପତି ଚିରଞ୍ଜୀବ ବିଶ୍ୱାଳଙ୍କୁ ଜଗତସିଂହପୁରରେ ବିପୁଳ ସମ୍ବର୍ଦ୍ଧନା

ଜଗତସିଂହପୁର(ସବ୍ୟୁ):ବରିଷ୍ଠ ରାଜନେତା ତଥା ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ବିଜେଡି ଉପସଭାପତି ଭାବରେ ମନୋନିତ ହେବା ପରେ ରାଜ୍ୟ ସାରା ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ଶୁକ୍ରବାର ଚିରଞ୍ଜୀବ ବିଶ୍ୱାଳ ଜଗତସିଂହପୁର ଗସ୍ତରେ ଆସିଥିବା ବେଳେ ସିପି ଛକ ସ୍ଥିତ ତାଙ୍କ ଜନସଂପର୍କ କାର୍ଯ୍ୟାଳୟରେ ବିପୁଳ ଜନସମାଗମ ଦେଖିବାକୁ ମିଳିଥିଲା।



ଜଗତସିଂହପୁର ଓ ନାଉଗାଁ ଅଞ୍ଚଳର ସରପଞ୍ଚ,ସମିତି ସଭ୍ୟ,ପଞ୍ଚାୟତ ସମିତି ଅଧ୍ୟକ୍ଷା,ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ଜନ ସଂପର୍କ କାର୍ଯ୍ୟାଳୟରେ ପହଞ୍ଚି ପୁଷ୍ପଗୁଚ୍ଛ ଦେଇ ଚିରଞ୍ଜୀବଙ୍କୁ ଶୁଭେଚ୍ଛା ଜଣାଇଥିଲେ। ତୃଣମୂଳ ସ୍ତରରେ ବିଜୁ ଜନତା ଦଳକୁ କିପରି ଆହୁରି ମଜବୁତ କରାଯିବ ସେ ବାବଦରେ ଦଳୀୟ ନେତୃବୃନ୍ଦ ଓ କର୍ମୀମାନଙ୍କ ସହିତ ଆଲୋଚନା କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ଠାରୁ ଆରମ୍ଭ କରି ପୌର ନିର୍ବାଚନ ଓ ସାଧାରଣ ନିର୍ବାଚନରେ ପୁଣି ବିଜୁ ଜନତା ଦଳ କିପରି କ୍ଷମତାକୁ ଆସିବ ସେ ବାବଦରେ ଆଲୋଚନା କରି ନେତା ଓ କର୍ମୀମାନଙ୍କ ମନୋବଳ ବଢାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ବିଜେଡି ଉପସଭାପତି ଦିପ୍ତି ଦାସ, ଜଗତସିଂହପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରତି ରଞ୍ଜନ ବେହେରା, ଆଲୋକ ଖୁଣ୍ଟିଆ, ପ୍ରଶାନ୍ତ ମଲ୍ଲିକ, ପ୍ରୀୟବ୍ରତ ମହାପାତ୍ର, ଦିଲ୍ଲିପ ସିଂହ, ସୁବାସ ସାହୁ, ରାଜେନ୍ଦ୍ର ଲେଙ୍କା, ସୁନିଲ ମାଟିଆ, ଗୌର ପ୍ରସାଦ ମହାନ୍ତି,ସୁଜିତ କୁମାର ଘୋଷ,ପଦ୍ମ ଚରଣ ରାଉତ, ଲିପକ ସାହୁ , ଜଗନ୍ନାଥ ମୁଦୁଲି, ସରୋଜ କୁମାର ବିଶ୍ୱାଳ, ସିକନ୍ଦର ଆଲମ, ବାବୁଲି ସାହୁ ପ୍ରମୁଖ ବହୁ ସରପଞ୍ଚ, ସମିତି ସଭ୍ୟ, ବିଜୁ ଜନତା ଦଳର ନେତୃବୃନ୍ଦ ଓ କର୍ମୀମାନେ ଉପସ୍ଥିତ ରହିଥିଲେ ।

## ଭିତ୍ତିହୀନ ଜନସ୍ୱାର୍ଥ ମାମଲା, ହାଇକୋର୍ଟ କ୍ଷୁବ୍ଧ

# ଆବେଦନକାରୀଙ୍କ ଉପରେ ୨୫ହଜାର ଜରିମାନା

କଟକ,(ସବ୍ୟୁ): ରାୟଗଡ଼ା ଜିଲ୍ଲାରେ କେତେକ ଉନ୍ନୟନ କାମକୁ ନେଇ ରୁଜୁ ଜନସ୍ୱାର୍ଥ ମାମଲାରେ ଆବେଦନକାରୀ ଯୁକ୍ତିଯୁକ୍ତ ତଥ୍ୟ ଉପସ୍ଥାପନ କରିନପାରିବାରୁ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଏଭଳି ଭିତ୍ତିହୀନ ଜନସ୍ୱାର୍ଥ ମାମଲା ରୁଜୁ କରି ଅଦାଲତଙ୍କ ସମୟ ନଷ୍ଟ କରିଥିବାରୁ ଆବେଦନକାରୀଙ୍କ ଉପରେ ୨୫ ହଜାର ଟଙ୍କାର ଅର୍ଥ ଦଣ୍ଡ କରିଛନ୍ତି। ଆବେଦନକାରୀ ଗଙ୍ଗାଧର କୌଶଲ୍ୟଙ୍କ ପକ୍ଷରୁ ଆଗତ ମାମଲାକୁ ଖାରଜ କରିବା ଅବସରରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଆବେଦନକାରୀ ଶ୍ରୀ କୌଶଲ୍ୟ ବିଭିନ୍ନ ପ୍ରକଳ୍ପରେ ହୋଇଥିବା କେତେକ କାର୍ଯ୍ୟରେ କିପରି ଦୁର୍ନୀତି ହୋଇଛି ସେ ନେଇ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ । ସେ ଅଭିଯୋଗ କରିଥିଲେ ଯେ, ଅନେକ ଗୁଡ଼ିଏ ପ୍ରକଳ୍ପ ହାତକୁ ନିଆଯାଇଛି । କିନ୍ତୁ ସେହିସବୁ ପ୍ରକଳ୍ପ କରାନଯାଇ ସେ ବାବଦ ଅର୍ଥ ଆତ୍ମସାତ୍ କରାଯାଇଛି। ତେଣୁ ଏହି ମାମଲାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରି ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରିଥିଲେ। ମାମଲାର ଶୁଣାଣି ବେଳେ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ଏହାର ପ୍ରତିବାଦ କରିଥିଲେ। ପ୍ରଥମେ ଆବେଦନକାରୀ ଅଦାଲତକୁ ଆସିବା ପୂର୍ବରୁ ତାଙ୍କ ଅଭିଯୋଗ ସଂକ୍ରାନ୍ତରେ ଜିଲ୍ଲାପାଳଙ୍କୁ ଅବଗତ କରିନାହାନ୍ତି। ମାମଲା ଯେଉଁଦିନ ହାଇକୋର୍ଟରେ କରିଛନ୍ତି ଏହାର ଦୁଇଦିନ ପରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପଠାଇଥିବା ଜଣାପଡ଼ିଛି। ତେଣୁ ଏଭଳି ଜନସ୍ୱାର୍ଥ ମାମଲା ଗ୍ରହଣୀୟ ନୁହେଁ ବୋଲି ଏଜିଏ ଶ୍ରୀ ତ୍ରିପାଠୀ ଅଦାଲତଙ୍କୁ କହିଥିଲେ ।

## ଦାଇଁଲୋ ସେବା ସମବାୟ ସମିତି ସମ୍ପାଦକ ନିଲମ୍ବିତ

ଜଗତସିଂହପୁର,(ସବ୍ୟୁ) : ତିର୍ତ୍ତୋଲ ବ୍ଲକ ଦାଇଁଲୋ ସେବା ସମବାୟ ସମିତିର ସମ୍ପାଦକ ଗଗନ ବିହାରୀ ସ୍ୱାଇଁଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି।ଚାଷୀଙ୍କୁ ସାର ଯୋଗାଣରେ ଅନିୟମିତତା, କର୍ତ୍ତବ୍ୟରେ ଅବହେଳା ଓ ଉଚ୍ଚ ଅଧିକାରୀଙ୍କ ଆଦେଶକୁ ଅବମାନନା କରିବା ଅଭିଯୋଗରେ ଜିଲ୍ଲପାଳ ଜେ ସୋନାଲ ଦାଇଁଲୋ ସେବା ସମବାୟ ସମିତିର ସମ୍ପାଦକ ଗଗନ ବିହାରୀ ସ୍ୱାଇଁଙ୍କୁ କାର୍ଯ୍ୟରୁ ଅର୍ଡର ନମ୍ବର ୧୬୨୩ରେ ନିଲମ୍ବିତ କରିଛନ୍ତି।

## ଔଷଧ ଦୋକାନରେ ଡ୍ରଗ୍ସ କଣ୍ଟ୍ରୋଲ ଚଢାଉ

# ୬ଲକ୍ଷର ଔଷଧ ଜବତ

ଭୁବନେଶ୍ୱର, (ସବ୍ୟୁ) : ନକଲି ଔଷଧ ଦୋକାନ ଖୋଲି ଔଷଧ କାରବାର କରୁଥିବା କଳିଙ୍ଗନଗରର ଏକ ଦୋକାନ ଉପରେ ଡ୍ରଗ୍ସ କଣ୍ଟ୍ରୋଲ ପକ୍ଷରୁ ଶୁକ୍ରବାର ଚଢାଉ କରାଯାଇଥିଲା । ଦୋକାନରୁ ପ୍ରାୟ ୬ଲକ୍ଷ ଟଙ୍କାର ଔଷଧ ଜବତ କରିଛି ୬ଜଣିଆ ଡ୍ରଗ୍ସ କଣ୍ଟ୍ରୋଲ ଟିମ୍ ।

ଭୁବନେଶ୍ୱରରେ ଗତ କିଛିଦିନ ପୂର୍ବରୁ ଔଷଧ ଦୋକାନମାନଙ୍କରେ ଡ୍ରଗ୍ସ କଣ୍ଟ୍ରୋଲ ପକ୍ଷରୁ ଚଢାଉ କରାଯାଇଥିଲା । ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ଶୁକ୍ରବାର କଳିଙ୍ଗନଗରର ଏକ ଔଷଧ ଦୋକାନ ଉପରେ ଚଢାଉ କରାଗଲା । କାରଣ ସେହି ଔଷଧ ଦୋକାନର ବିନା ଲାଇସେନ୍ସରେ ଦୀର୍ଘଦିନ ହେବ ଔଷଧ କାରବାର କରିଆସୁଥିଲା । ଗ୍ରାହକଙ୍କୁ ଦେଉଥିବା କ୍ୟାସ୍‌ମେମୋ ହାତରେ ଲେଖି ଦେଉଥିଲା । କାରଣ ସେହି ଦୋକାନୀ କ୍ୟାସ୍‌ମେମୋ ପାଇଁ ସ୍ୱତନ୍ତ୍ର ବହି ପ୍ରସ୍ତୁତ କରିନାହିଁ ।

ମନଇଚ୍ଛା ଔଷଧ ରଖି ନିଜ ସୁବିଧା ମୁତାବକ କାରବାର ଦୀର୍ଘଦିନ ହେବ କରିଆସୁଥିଲା । ସେଠାରେ ଯେଉଁ ଔଷଧ କମ୍ପାନୀର ଔଷଧ ବିକ୍ରି ହେଉଥିଲା ତାହା ସେହି ଦୋକାନୀକୁ କିଏ କିପରି ଯୋଗାଉଥିଲେ ସେଥିନେଇ ଡ୍ରଗ୍ସ କଣ୍ଟ୍ରୋଲ ଟିମ୍ ବ୍ୟଥିତ ହୋଇଛନ୍ତି । କାରଣ ଔଷଧ ଦୋକାନ ଲାଇସେନ୍ସ ନଥିଲେ କମ୍ପାନୀମାନେ ସେଠାରେ ଔଷଧ ଦେବା କଥା ନୁହେଁ ବୋଲି ଡ୍ରଗ୍ସ କଣ୍ଟ୍ରୋଲର ଜଣେ ଅଫିସର କହିଛନ୍ତି ।

## ଦୁର୍ଗା ପୂଜା ଭସାଣୀ ଗଣ୍ଡଗୋଳ ଓ ବେଆଇନ ଶୋଭାଯାତ୍ରା ଘଟଣା


# ପୁଣି ଶୋଭାଯାତ୍ରା ଗୁଜବ, ପୁଲିସର ତନାଘନା, ଦେଶଦ୍ରୋହ ମାମଲା ରୁଜୁ ହେବ

କଟକ,(ସବ୍ୟୁ): ଦୁର୍ଗା ପୂଜା ଭସାଣୀରେ ଗଣ୍ଡଗୋଳ ଘଟଣା ପରେ କଟକରେ ସ୍ଥିତି ଏବେ ନିୟନ୍ତ୍ରଣରେ ରହିଛି । ତେବେ ଶୁକ୍ରବାର ମୁସଲିମ ସମ୍ପ୍ରଦାୟର ଏକ ଶୋଭାଯାତ୍ରା ହେବା ଗୁଜବ ଉଠିବା ପରେ ଶୁକ୍ରବାର ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡାକଡି କରାଯାଇଥିଲା ।ପୁଲିସ କମିଶନର ଏସ୍. ଦେବଦତ୍ତ ସିଂଙ୍କ ସହ ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ କେନ୍ଦ୍ର ଓ ରାଜ୍ୟ ପୁଲିସ ଟିମ୍ ଶୁକ୍ରବାର ଦରଖାବଜାର ଥାନା ଅନ୍ତର୍ଗତ ହାତୀପୋଖରୀ, କଦମ-ଇ-ରସୁଲ ଆଦି ଅଞ୍ଚଳ ନମାଜ ପଢ଼ା ସମୟରେ ମୁସଲମାନ ସମ୍ପ୍ରଦାୟର ଲୋକଙ୍କୁ ଯାଞ୍ଚ କରିଥିଲେ । ଏପରିକି ଶୋଭାଯାତ୍ରା ଗୁଜବକୁ ନେଇ ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଥିବାବେଳେ ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରାଯାଇଥିଲା । ପୁଲିସ ପକ୍ଷରୁ ଦରଖାବଜାର ଅଞ୍ଚଳରେ ଦୋକାନ ଗୁଡିକୁ ବନ୍ଦ କରାଯାଇଥିଲା । ସେହିପରି ଏବେ ସୁଦ୍ଧା ଗିରଫଦାରୀ ସଂଖ୍ୟା ୩୦ରେ ପହଞ୍ଚିଥିବା ଏସିପି ଗିରିଜା ଶଙ୍କର ଚର୍କବର୍ତ୍ତୀ ସୂଚନା ଦେଇଛନ୍ତି । ଏହି ଘଟଣାକୁ ନେଇ କମିଶନର ଏସ୍. ଦେବଦତ୍ତ ସିଂ କହିଛନ୍ତି, ସୋସିଆଲ୍ ମିଡିଆରେ ଗୁଜବ ସୃଷ୍ଟି କରୁଥିବା ବ୍ୟକ୍ତି ହୁସିଆର୍ ରୁହନ୍ତୁ । ଆବଶ୍ୟକ ପଡ଼ିଲେ ଦେଶଦ୍ରୋହ ମାମଲା ରୁଜୁ କରାଯିବ । ଦରଘା ବଜାର ଓ କଦମ ରସୁଲରେ ପୁଲିସ ଫ୍ଲାଗମାର୍ଚ୍ଚ କରିଛି । କଟକ ସହର ସାରା ପୁଲିସ ମୁତୟନ ଅଛନ୍ତି, ସ୍ଥିତି ସ୍ୱାଭାବିକ ଅଛି । ତଥାପି କିଛି ଲୋକ ସୋସିଆଲ ମିଡିଆରେ ବିଭ୍ରାନ୍ତ ତଥ୍ୟ ରଖୁଛନ୍ତି । ସୋସିଆଲ ମିଡିଆରେ ବିଭ୍ରାନ୍ତ ତଥ୍ୟ ରଖୁଛନ୍ତି, ଭାଇରାଲ କରୁଛନ୍ତି । ଏଥିରୁ କ୍ଷାନ୍ତ ରୁହନ୍ତୁ, ନଚେତ୍ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି । ଆଜି ଯେଉଁ ଶୋଭାଯାତ୍ରା କରାଯିବା ଖବର ପ୍ରଚାର ହେଉଛି ତାହା ମିଛ ଖବର । ସେଭଳି ଅନୁମତି କାହାକୁ ଦିଆଯାଇ ନାହିଁ ବୋଲି କମିଶନର ଶ୍ରୀ ସିଂ କହିଛନ୍ତି ।

ଗତ ଶୁକ୍ରବାର ଦୂର୍ଗାପୂଜା ଭସାଣୀ ଯାତ୍ରାରେ ହାତୀପୋଖରୀ ଅଞ୍ଚଳରେ ଦୁଇ ପୂଜା କମିଟି କର୍ମକର୍ତ୍ତାଙ୍କ ଉପରେ ଆକ୍ରମଣ କରାଯାଇଥିଲା । ଏହାକୁ ପ୍ରତିବାଦ କରି ବିଭିନ୍ନ ସଂଗଠନ ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇଥିବାବେଳେ ପୁଲିସ ଅଟକାଇବାରୁ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା । ଏଥିରେ କଟକ ଡିସିପିଙ୍କ ସମେତ ପୁଲିସ ଅଧିକାରୀ ମାନେ ଗୁରୁତର ଆହତ ହୋଇଥିଲେ । ଭସାଣୀ ଯାତ୍ରାରେ ଗଣ୍ଡଗୋଳ ଘଟଣାରେ କମିଶନରେଟ ପୋଲିସ ୩ଟି ମାମଲା ରାଜୁ କରିଥିବାବେଳେ ଶୋଭାଯାତ୍ରାକାରୀଙ୍କ ବିଶୃଙ୍ଖଳା ଯୋଗୁ ଆଉ ଗୋଟିଏ ମାମଲା ବା ସମୁଦାୟ ୪ଟି ମାମଲା ରୁଜୁ କରାଯାଇଥିଲା । ଏହି ଘଟଣାରେ ଆଜି ସୁଦ୍ଧା ମୋଟ ୩୦ ଜଣଙ୍କୁ ଗିରଫ କରାଯାଇଛି । ଗୁଜବ ସୃଷ୍ଟିକାରୀଙ୍କ ସମ୍ପର୍କରେ ସୂଚନା ଦେବାକୁ ପୁଲିସ ହ୍ୱାଟସ୍ ଆପ୍ ନମ୍ବର ୭୩୨୮୦୭୭୩୪୨ ଓ ୮୪୮୦୫୧୩୦୦୭ ଜାରି କରିଛି । କମିଶନରେଟ୍ ପୁଲିସ ପକ୍ଷରୁ ଶାନ୍ତି, ସଦ୍‌ଭାବନା ଓ ଭାଇଚାରା ବଜାୟ ରଖିବାକୁ ନିବେଦନ କରାଯାଇଛି ।







## ବିଦେଶ ଗସ୍ତରେ ବାଚସ୍ପତି

# ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ଓ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀରେ ଯୋଗଦେଲେ

ଭୁବନେଶ୍ୱର, (ସବ୍ୟୁ): ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ୬୮ତମ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ସମ୍ମିଳନୀ ଓ ନବମ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀରେ ଯୋଗଦେବା ପାଇଁ ବାର୍ବାଡୋସ୍ ଗସ୍ତରେ ଯାଇଥିବାବେଳେ ବ୍ରିଜଟାଉନଠାରେ 'ରାଜ୍ୟଗୋଷ୍ଠୀ ମଧ୍ୟରେ ଲିଙ୍ଗଗତ ସମ୍ବେଦନଶୀଳତା ଓ ସଂସଦଗୁଡ଼ିକୁ ସାକାର କରିବା ପାଇଁ ଭଲ ଅଭ୍ୟାସ ଓ ରଣନୀତି' ଶୀର୍ଷକ ଆଲୋଚନାରେ ନିଜ ବକ୍ତବ୍ୟରେ କହିଲେ ଯେ ବିଶ୍ୱରେ ଭାରତ ଏକ ବୃହତ ଗଣତନ୍ତ୍ର ହୋଇ ମଧ୍ୟ ୧୯୯୫ରେ ପାର୍ଲାମେଣ୍ଟରେ ୧୫ ପ୍ରତିଶତ ମହିଳା ପ୍ରତିନିଧିତ୍ୱ କରୁଥିବାବେଳେ ଆଜି ୩୦ ବର୍ଷ ପରେ ମଧ୍ୟ ଏହି ପ୍ରତିନିଧିତ୍ୱ ହାର ୨୭ ପ୍ରତିଶତରେ ରହିଛି । ଏହା ନିଶ୍ଚିତ ଭାବେ ଆମର ନେତୃତ୍ୱ ନେବା କ୍ଷେତ୍ରରେ ଆମର ଅସମାନତାକୁ ସୂଚାଉଛି । ଦେଶରେ ମହିଳା ନେତୃତ୍ୱକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଜାତୀୟ ଓ ରାଜ୍ୟ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣ ପାଇଁ



ଆଇନ ପ୍ରଣୟନ ହୋଇଛି ।

ସବୁଠାରୁ ଉଲ୍ଲେଖନୀୟ ଘଟଣା ହେଉଛି ମହିଳାମାନେ ଆଜି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି । ଉଦ୍ୟୋଗ ଜଗତଠାରୁ ଆରମ୍ଭ କରି ପ୍ରତିରକ୍ଷା କ୍ଷେତ୍ର, ବୈଷୟିକ କ୍ଷେତ୍ରଠାରୁ ମହାକାଶ ଅଭିଯାନ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ମହିଳାମାନେ ସଫଳ ସାବ୍ୟସ୍ତ ହୋଇପାରିଛନ୍ତି । ମହିଳା ସଶକ୍ତିକରଣ ହେଉଛି ସମୟର ଆହ୍ୱାନ ଓ ଆଜିର ଆବଶ୍ୟକତା । ଏହାକୁ ଏକ ଦାତବ୍ୟ କାର୍ଯ୍ୟ ବୋଲି ବିବେଚନା କରିବା ଅନୁଚିତ । ଏକ ସମୃଦ୍ଧ ରାଷ୍ଟ୍ରଗଠନରେ ମହିଳାମାନଙ୍କର ଅଂଶଗ୍ରହଣ ଓ ଭାଗୀଦାରି ଖୁବ୍ ଗୁରୁତ୍ୱପୂର୍ଣ୍ଣ ।

କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଓଡ଼ିଶାରେ ତୃଣମୂଳ ସ୍ତରରୁ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ସଂରକ୍ଷଣ ୫୦ ପ୍ରତିଶତକୁ ବୃଦ୍ଧି କରାଯାଇଛି । ରାଜ୍ୟରେ ମହିଳାମାନଙ୍କୁ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ କରିବା ପାଇଁ ସରକାର ବହୁତଗୁଡ଼ିଏ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ତେବେ କିଛି ଉତ୍ତମ ଅଭ୍ୟାସ ଓ ରଣନୀତି ଗ୍ରହଣ କରିବା ଦ୍ୱାରା ମହିଳାମାନେ କେବଳ ପାର୍ଲାମେଣ୍ଟରେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ ତାହା ନୁହେଁ ନେତୃତ୍ୱ ନେବା କ୍ଷେତ୍ରରେ ମଧ୍ୟ ନିଜର ପରାକାଷ୍ଠା ପ୍ରଦର୍ଶନ କରିପାରିବେ । ଏଥି ପ୍ରତି ଆମକୁ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ ପ୍ରକାଶ କରିଛନ୍ତି । ଏହି ସମ୍ମିଳନୀରେ ୫୬ ଦେଶ ସଭ୍ୟ ଭାବରେ ରହିଥିବାବେଳେ ଲୋକସଭାର ବାଚସ୍ପତି ଶ୍ରୀ ଓମ୍ ବିର୍ଲାଙ୍କ ନେତୃତ୍ୱରେ ରାଜ୍ୟସଭାର ଉପାଧ୍ୟକ୍ଷ ଶ୍ରୀ ହରିବଂଶଙ୍କ ସମେତ ପାର୍ଲାମେଣ୍ଟର ସଦସ୍ୟ, ୨୨ ରାଜ୍ୟର ବାଚସ୍ପତି, ଉପବାଚସ୍ପତି ଓ ସଚିବ ଏହି କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି ।

## ଦାଦାବଟି ମାଗି କୁମ୍ଭାଟୁଆ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଶିଳ୍ପାଂଚଳ ଥାନା ଅଧିନ କୁମାରବସ୍ତ ଗ୍ରାମରେ ଜଣେ ବ୍ୟବସାୟୀଙ୍କୁ ଦାଦାବଟି ମାଗି ଖଣି ମାଫିଆ କୁମ୍ଭାଟୁଆ ଗିରଫ ହୋଇଛି । ଗିରଫ କୁମ୍ଭାଟୁଆ ଓ ଦୀପକ ପ୍ରଧାନ ର ଘର କୁମାରବସ୍ତ ପ୍ରଧାନ ସାହିରେ । ସୂଚନା ଅନୁସାରେ କୁମ୍ଭାଟୁଆ ଦୀର୍ଘଦିନ ହେବ କିଛି ନେତାଙ୍କ ଛତ୍ରଛାୟାତଳେ ରହି ଧରା କୁ ସରା ମଣୁନଥିଲେ । ସ୍ଥାନୀୟ ଅଂଚଳରେ ବହୁ ବେଆଇନ ଖଣି କରି ସେ ମାଫିଆ ହୋଇଥିବାବେଳେ ପୁଣି ଜଣେ ବ୍ୟବସାୟୀଙ୍କୁ ୫ଲକ୍ଷ ଟଙ୍କା ଦାଦା ବଟି ମାଗି ପୁଲିସ ହାତରେ ଧରାପଡିଛି । ବ୍ୟବସାୟୀଙ୍କ ଅଭିଯୋଗ କ୍ରମେ ପୁଲିସ ୨୩୮/୨୫ରେ ଏକ ମାମଲା ରୁଜୁ କରି କୁମ୍ଭାଟୁଆ କୁ ଆଜି ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ତିରୁପତି ପାଣିଗ୍ରାହୀ

ଭୁବନେଶ୍ୱର (ସବ୍ୟୁ): ଓଡିଶାରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଏକ ସୌଜନ୍ୟ ମୂଳକ ସାକ୍ଷାତ କରି ଓଡିଶାରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ ପ୍ରଚଳିତ ହୋଇଥିବା ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ଯୋଗୁଁ ଅନେକ ନିମ୍ନ ମଧ୍ୟବିତ୍ତ, ଗରିବ ଓ ଖଟିଖିଆ ଲୋକମାନେ ସ୍ୱାସ୍ଥ୍ୟ କ୍ଷେତ୍ରରେ ସାହାଯ୍ୟ ସହଯୋଗ ପାଇଥିବାରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ୍ ଦେବା ସହ ଏହି ସାହାଯ୍ୟ ସହଯୋଗ ଯୋଗୁଁ ସୁଦୂର ମଣିପୁରର କିଛି ଅଧିବାସୀ ମଧ୍ୟ ଓଡିଶାରେ ଆସି ସାହାଯ୍ୟ ସହଯୋଗ ହାଇଟେକ୍



ମେଡିକାଲ କଲେଜ ତରଫରୁ ନେଇ ପାରିଛନ୍ତି । ଏଥିପାଇଁ ହାଇଟେକ୍ ମେଡିକାଲ କଲେଜ ରାଉରକେଲାର ନିକଟବର୍ତ୍ତି ଛତିଶଗଡ ଓ ଝାଡଖଣ୍ଡର ସୀମାବର୍ତ୍ତୀ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାକୁ ଆଧାର କରି ବଞ୍ଚୁଥିବା ଲୋକମାନଙ୍କୁ ସାହାଯ୍ୟ ସହଯୋଗର ହାତ ବଢାଇ ଦେଲେ ଓଡିଶାବାସୀ ମୁଖ୍ୟମନ୍ତ୍ରୀଙ୍କ ପାଖରେ ସଦାସର୍ବଦା ରୋଗୀମାନଙ୍କ ପାଖରେ ଚିରଞ୍ଜିବୀ ହୋଇ ରହିବେ । ମୁଖ୍ୟମନ୍ତ୍ରୀ ଏ ବିଷୟରେ ଦୃଷ୍ଟି ଦେବେ ବୋଲି ତିରୁପତି ପାଣିଗ୍ରାହୀଙ୍କୁ ପ୍ରତିଶୃତି ଦେଇଛନ୍ତି ।

# ଶାରୀରିକ ସମ୍ପର୍କ ପରେ ବିବାହ ନକରିବାରୁ ଯୁବକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଶାରୀରିକ ସମ୍ପର୍କ ପରେ ବିବାହ ନକରିବାରୁ ଶ୍ରୀ ଲିଙ୍ଗରାଜ ଥାନା ପୋଲିସ ଜଗନ୍ନାଥ ସାହୁ (୨୭)କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି । ଅଭିଯୋଗକାରିଣୀ ୨୦୦୫ ମସିହାରେ ବିବାହ କରିଥିବା ବେଳେ ତାଙ୍କର ୧୮ ବର୍ଷ ଓ ୧୫ବର୍ଷ ବୟସ୍କା ଦୁଇଟି ଝିଅ ଅଛନ୍ତି । ୨ବର୍ଷ ତଳେ ଏକ ଫାଇନାନ୍ସ କମ୍ପାନୀରେ ଚାକିରି କରିଥିବା ଜଗନ୍ନାଥ ସହ ତାଙ୍କର ପରିଚୟ ହୋଇଥିଲା । ଜଗନ୍ନାଥ ତାଙ୍କୁ ୪୦ ହଜାର ଟଙ୍କାର ଏକ ଋଣ କରାଇ ଦେଇଥିବା ବେଳେ ପ୍ରତି ମାସରେ ତାଙ୍କ ନିକଟରୁ କିସ୍ତି ଆଦାୟ କରୁଥିଲା । ସମୟ କ୍ରମେ ଉଭୟଙ୍କ ମଧ୍ୟରେ ସମ୍ପର୍କ କ୍ରମଶଃ ନିବିଡ ହେବାରେ ଲାଗିଲା । ଅଭିଯୁକ୍ତ ଅଭିଯୋଗକାରିଣୀଙ୍କୁ ବିବାହ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲା । ନିଜ ଭଉଣୀଙ୍କ ବିବାହ ପରେ ସେ ତାଙ୍କୁ ବିବାହ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା । ଭଉଣୀଙ୍କ ବିବାହ ପରେ ଅଭିଯୋଗକାରିଣୀ ତାଙ୍କୁ ବିବାହ କରିବା ପ୍ରସ୍ତାବ ଦେବାରୁ ସେ ଆଉ ଶୁଣି ନଥିଲା । ଉପାୟଶୂନ୍ୟ ହୋଇ ପୀଡିତା ଶ୍ରୀଲିଙ୍ଗରାଜ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । କିନ୍ତୁ କିଛିଦିନ ପରେ ସ୍ଥାନୀୟ ମୁରବୀଙ୍କ ଉପସ୍ଥିତିରେ ଆପୋଷ ବୁଝାମଣା ହୋଇଥିବା ଏବଂ ପୀଡିତାଙ୍କୁ ୩ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଅଭିଯୁକ୍ତ ରାଜି ହୋଇଥିବା କଥା ନେଇ ଥାନାରେ ଜଣାଇଥିଲେ । ଅଭିଯୁକ୍ତ ତାଙ୍କୁ ଟଙ୍କା ନଦେଇ ଜୋରଜବରଦସ୍ତ ଏକ ଷ୍ଟାମ୍ପ ପେପରରେ ଦସ୍ତଖତ କରାଇ ଦେବାକୁ ଚେଷ୍ଟା କରିବାରୁ ପୀଡିତା ପ୍ରତିବାଦ କରିଥିଲେ । ଏଥିରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତ ତାଙ୍କୁ ବିଭିନ୍ନ ପ୍ରକାର ଧମକ ଦେବା ସହ ପାଖରେ ରଖିଥିବା ଫଟୋ ଭାଇରାଲ କରଦେବାକୁ ଧମକ ଦେଇଥିଲା । ଯାହା ଫଳରେ ଅଭିଯୋଗକାରୀ ନିରୂପାୟ ହୋଇ ଥାନାରେ ଏସବୁ କଥା ଜଣାଇଥିଲେ ।

ପୋଲିସ ପରାମର୍ଶ ଅନୁଯାୟୀ ପୀଡିତା ଆଉ ଥରେ ଏତଲା ଦାଏର କରିଥିଲେ । ଏଥଲାକୁ ଆଧାର କରି ପୋଲିସ ଶୁକ୍ରବାର ଜଗନ୍ନାଥ ସାହୁକୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଜଗନ୍ନାଥ ଘର ବାଲିପାଟଣା ଥାନା ଅନ୍ତର୍ଗତ ଝିଇଣ୍ଟିଶାସନ ଗ୍ରାମରେ ବୋଲି ପୋଲିସ କହିଛି ।

# ଗହଣା ଜବତ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଏୟାରପୋର୍ଟ ଥାନା ପୋଲିସ ୪ଟି ସୁନାଚେନ, ୨ଟି ହୀରାମୁଦି ଜବତ କରିବା ସହ ଅଭିଯୁକ୍ତ ସତ୍ୟବାନ ପଲେଇକୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି । ଅଭିଯୋଗକାରିଣୀ ସନ୍ଧ୍ୟାରାଣୀ ଦାସଙ୍କ ଅନନ୍ତ ବିହାର ଘରେ ଅଭିଯୁକ୍ତ ସତ୍ୟବାନର ସ୍ତ୍ରୀ ଲିଲି ଘରୋଇ ସହାୟିକା ଭାବେ କାମ କରୁଥିଲେ । ଗତ କିଛିଦିନ ହେବ ଘରୁ ସୁନାଗହଣା ସହ ଅନ୍ୟାନ୍ୟ ଗୃହପୋକରଣ ଚୋରି ହେଉଥିବା ଅଭିଯୋଗକାରିଣୀ ଜାଣିବାକୁ ପାଇଥିଲେ । ଏହି ଛୋରି ପଛରେ ଘରୋଇ ସହାୟିକାର ହାତଥିବା ସନ୍ଦେହ କରି ସନ୍ଧ୍ୟାରାଣୀ ଏୟାରପୋର୍ଟ ଥାନାରେ ଏତଲା କରିଥିଲେ । ତାଙ୍କ ଏତଲା ଆଧାରରେ ପୋଲିସ ଗଞ୍ଜାମ ଜିଲ୍ଲାରେ ଥିବା ଅବଯୁକ୍ତର ଘରେ ଚଢାଉ କରି ତାକୁ କାବୁ କରିବା ସହ ଗହଣା ଜବତ କରିଥିଲା । ଶୁକ୍ରବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ୪ଲକ୍ଷ ଟଙ୍କା ଓ ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଗହଣା ଚୋରି, ରୋଷେୟା ଗିରଫ

ଭୁବନେଶ୍ୱର, (ସବ୍ୟୁ) : ୪ଲକ୍ଷ ଟଙ୍କା ଓ ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଗହଣା ଚୋରି କରି ନେଇଥିବା ରୋଷେଧା ନୀଳମାଧବ ସାହୁ (୨୮)କୁ ନନ୍ଦନ କାନନ ଥାନା ପୋଲିସ ଅଟକ ରଖି ଶୁକ୍ରବାର କୋର୍ଟ କରିଛି । ନୀଳମାଧବ ଅଭିଯୁକ୍ତ ନମିତା ପଟ୍ଟନାୟକଙ୍କ ଘରେ ଗତ ଜୁଲାଇ ମାସରୁ ରୋଷେୟା ତଥା ଡ୍ରାଇଭର ଭାବେ କାମ କରିଆସୁଥିଲା । କୌଶଳ କ୍ରମେ ଅଭିଯୋଗକାରିଣୀଙ୍କ ଅଜ୍ଞାତରେ ତାଙ୍କର ଏଟିଏମ୍ କାର୍ଡ ଓ ପାସ୍‌ୱାର୍ଡ୍ ହାତେଇ ନେଇଥିଲା । ଏଟିଏମ୍ କାର୍ଡ ବ୍ୟବହାର କରି କ୍ରିକେଟ୍ ବେଟିଂ ଆପ୍‌ରେ ପ୍ରାୟ ୪ଲକ୍ଷ ୫ ହଜାର ୮୮୨ ଟଙ୍କା ଖର୍ଚ୍ଚ କରିଦେଇଥିଲା । ଏତଦ୍‌ବ୍ୟତୀତ ଅଭିଯୁକ୍ତ ଅଭିଯୋଗକାରିଣୀଙ୍କ ଘରୁ ସୁନାଚେନ, ସୁନା ମୁଦି ଓ ଦୁଇହଳ କାନଫୁଲ ଚୋରି କରିନେଇ ବନ୍ଧା ରଖି ୨ଲକ୍ଷ ୩୨ ହଜାର ୧୦୦ ଟଙ୍କା ଆଣିଥିଲା । ସେସବୁ ଟଙ୍କାକୁ କ୍ରିକେଟ୍ ବେଟିଂ ଆପ୍‌ରେ ଲଗାଇ ହାରିଯାଇଥିଲା । ଆକାଉଣ୍ଟ ଟଙ୍କା ଓ ଗହଣା ଟଙ୍କାରେ କ୍ରିକେଟ୍ ବେଟିଂ ଖେଳି ସବୁ ହାରିଗଲା । ଏସବୁ କଥା ଅଭିଯୋଗକାରିଣୀ ନମିତା ପଟ୍ଟନାୟକ ଜାଣିବା ପରେ ନନ୍ଦନକାନନ ଥାନାରେ ଏତଲା କରିଥିଲେ । ତାଙ୍କ ଏତଲା ଆଧାରରେ ନୀଳମାଧବକୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହାଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ମହିଳା ଦକ୍ଷତା ସମିତି, ରାଜ୍ୟଶାଖାର ବାର୍ଷିକ ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ବୁଦ୍ଧମନ୍ଦିର ସଭାଗୃହରେ ମହିଳା ଦକ୍ଷତା ସମିତି, ରାଜ୍ୟଶାଖାର ୩୩ ତମ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି । ସୁଲେଖା ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସଭାରେ ବିଶିଷ୍ଟ ଶିକ୍ଷାବିତ ଓ ସମାଜସେବିକା ଡକ୍ଟର କନକମଞ୍ଜରୀ ମିଶ୍ର ମୁଖ୍ୟ ଅତିଥି ଏବଂ ସମାଜସେବିକା ତଥା ରାଜ୍ୟ ମହିଳା ଓ ଶିଶୁ ବିକାଶ ପରିଷଦର ସଦସ୍ୟା କସ୍ତୁରୀ ମିଶ୍ର ସମ୍ମାନିତ ଅତିଥି ଭାବରେ ମଞ୍ଚ ମଣ୍ଡନ କରିଥିଲେ । ସମିତିର ଉପ-ସଭାପତି କାନନବାଳା ପଟ୍ଟନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ଓ ସାଧାରଣ ସମ୍ପାଦିକା ଡକ୍ଟର ସୁଚେତା ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ । ସମିତିର ସଭାପତି ବୀଣାପାଣି ସାହୁଙ୍କ ଶୁଭେଚ୍ଛା ବାର୍ତ୍ତାକୁ ନୀହାରିକା ରାୟ ବରାଳ ପାଠ କରିଥିଲେ । ସାମ୍ପ୍ରତିକ ସାମାଜିକ ପରିସ୍ଥିତିରେ ମହିଳାମାନଙ୍କ ସଶକ୍ତିକରଣ ଓ ଦକ୍ଷତା ବୃଦ୍ଧି ସହ ମହିଳା ଏବଂ ଶିଶୁମାନଙ୍କ ନ୍ୟାଯ୍ୟ ଅଧିକାର ପ୍ରାପ୍ତି ବିଷୟରେ ନିମନ୍ତ୍ରିତ ଅତିଥି ମାନେ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ମହିଳା ଦକ୍ଷତା ସମିତିର ସ୍ମରଣିକା ଏବଂ ଡକ୍ଟର ସୁଚେତା ରାଉତଙ୍କ ପୁସ୍ତକ




'ଓଡ଼ିଶାରେ ଦେବୀ ଉପାସନାର ପରମ୍ପରା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସମିତି ତରଫରୁ ଡକ୍ଟର ପ୍ରତିଭା ମହାରଥୀଙ୍କୁ ସଦାଶିବ ସାହୁ ଧର୍ମ ଓ ସଂସ୍କୃତି ସମ୍ମାନ, କାନନବାଳା ପଟ୍ଟନାୟକଙ୍କୁ ବୀଣାପାଣି ସାହୁ ଅନୁସୃଜନ ସମ୍ମାନ, ଶରତ କୁମାରୀ ମିଶ୍ରଙ୍କୁ ସବିତାରାଣୀ ବେହେରା ପ୍ରତିଭା ସମ୍ମାନ, ସବିତାରାଣୀ ବେହେରାଙ୍କୁ ଅନ୍ନପୂର୍ଣ୍ଣା ଦେବୀ ସମ୍ପାଦିକା ସମ୍ମାନ ଓ ଆଶାରାଣୀ ପଣ୍ଡାଙ୍କୁ ପାର୍ବତୀ ଦେବୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ପିଠା, କୁଇଜ ଓ କବିତା ପ୍ରତିଯୋଗିତାର ପୁରସ୍କାର ମଧ୍ୟ ବିଭିନ୍ନ କୃତୀ ସଦସ୍ୟାଙ୍କୁ ବିତରଣ କରାଯାଇଥିଲା । ସଭା ଆରମ୍ଭ ପୂର୍ବରୁ ବହୁ ସଦସ୍ୟା ଏକ ମିନିଗଳ୍ପ ପାଠୋତ୍ସବରେ ଭାଗ ନେଇ ଚମତ୍କାର ଗଳ୍ପ ମାଧ୍ୟମରେ ଶ୍ରୋତାଙ୍କୁ ଉଦବୁଦ୍ଧ କରିଥିଲେ । ବିଦ୍ୟୁଲତା ସ୍ୱାଇଁ ଓ ମନ୍ଦାକିନୀ ମିଶ୍ର ଏକ କ୍ଷୁଦ୍ର ଗୀତିନାଟ୍ୟ ପରିବେଷଣ କରିଥିଲେ । କୋଷାଧ୍ୟକ୍ଷା କାନନବାଳା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ନିଶା ମାଫିଆଙ୍କ ସମ୍ପତ୍ତି ବାଜ୍ୟାପ୍ତ

ଭୁବନେଶ୍ୱର, (ସବ୍ୟୁ) : ଦୁଇ ନିଶା ମାଫିଆ ଭାଇଙ୍କ ସମ୍ପତ୍ତି ବାଜ୍ୟାପ୍ତି କରିଛି କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ । ୨୨ଲକ୍ଷ ୫୮ ହଜାର ୯୧୦ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି କରାଯାଇଥିବା ଏସ୍‌ଟିଏଫ୍ ସୂଚନା ଦେଇଛି । କନ୍ଧମାଳ ଜିଲ୍ଲାରେ ବିକାଶ ଦିଘାଲ ଓ ଭାଇ ସୌମ୍ୟ ଦିଘାଲଙ୍କ ଘର । ସେମାନେ ମୈତ୍ରୀବିହାର ଥାନା ଅନ୍ତର୍ଗତ ବିଡିଏ କଲୋନୀ ଶ୍ରମିକ ବସ୍ତିରେ ରୁହନ୍ତି । ଦୁହିଁଙ୍କ କାମ ହେଲା କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱରରେ ବିଭିନ୍ନ ବ୍ୟବସାୟୀଙ୍କୁ ଯୋଗାଇବା । ପୂର୍ବରୁ ବହୁବାର ଧରାପଡିଥିଲେ ମଧ୍ୟ ଅଦାଲତରୁ ଜାମିନରେ ଆସି ପୁଣି ଗଞ୍ଜେଇ ବେପାରରେ ବ୍ୟସ୍ତ ରହିଲେ ।

୨୦୦୪ ମସିହା ଏପ୍ରିଲ୍ ୧୭ ତାରିଖରେ କାର୍‌ରେ ୫୨କେଜି ଗଞ୍ଜେଇ ନେଇ ଯାଉଥିବା ବେଳେ କାର ଏସ୍‌ଟିଏଫ୍ ତାଙ୍କୁ କାବୁ କରିଥିଲା । ପରେ ତାଙ୍କ ସମ୍ପତ୍ତି କ'ଣ ଅଛି ବୋଲି ଏସ୍‌ଟିଏଫ୍ ଜାଣିବାକୁ ଚାହିଁବାରୁ ୯ଟି କାର୍ ଠାବ ହୋଇଥିଲା । ୯ଟି କାର୍ ମଧ୍ୟରେ ୨ଟି ବିଳାସପୂର୍ଣ୍ଣ କାର୍ ଅଛି । ସେହି କାର୍ ଗୁଡିକ ସହ ଅନ୍ୟାନ୍ୟ ୨୨ଲକ୍ଷ ୫୮ ହଜାର ୯୧୦ଟଙ୍କାର ସମ୍ପତ୍ତି ଏସ୍‌ଟିଏଫ୍ ବାଜ୍ୟାପ୍ତ କରିଛି ।

ଅପରେସନ ପ୍ରହାର ଜାରି ରହିଥିବା ବେଳେ କେଉଁଠି ନିଶା ମାଫିଆଙ୍କ ସମ୍ପତ୍ତି ବାଜ୍ୟାପ୍ତି ହେଉଛି ତ ଆଉ କେଉଁଠି ସେମାନଙ୍କ ଘର ଭାଙ୍ଗି ମାଟିରେ ମିଶାଇ ଦିଆଯାଉଛି । ଅବକାରୀ ଓ କମିଶନରେଟ୍ ପୋଲିସ ପକ୍ଷରୁ ସାଲିଆ ସାହିରେ ତିନୋଟି ଘରକୁ ଭାଙ୍ଗି ମାଟିରେ ମିଶାଇ ଦିଆଯାଇଥିବା ବେଳେ କେଦାରପଲ୍ଲୀରେ ଜଣେ ବ୍ରାଉନସୁଗର ବ୍ୟବସାୟୀଙ୍କ ଘରକୁ ଭାଙ୍ଗି ଛାରଖାର କରିଦେଇଛି ପୋଲିସ । ଶୁକ୍ରବାରେ ଦିନ ଭରତପୁର ଅଞ୍ଚଳରେ ଦେଶୀମଦ କାରବାର କରୁଥିବା ଜଣେ ବ୍ୟବସାୟୀଙ୍କ ଘରକୁ ଭାଙ୍ଗି ମାଟିରେ ମିଶାଇ ଦେଇଛି ଅବକାରୀ । ଅପରେସନ ପ୍ରହାରରେ ନିଶା ମାଫିଆଙ୍କ ମୁଣ୍ଡକୁ ବଜ୍ର ପ୍ରହାର କରାଯାଉଛି ।

# ଶିଶୁ ଓ ନାବାଳକଙ୍କୁ ନେଇ ପୁରୀ ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ପୁରୀ, (ସବ୍ୟୁ): ଶିଶୁ ଓ ନାବାଳକ ମାନେ ଅପରାଧିକ କାର୍ଯ୍ୟକଳାପ ପରିତ୍ୟାଗ କରି ପାଠ ପଢିବା ସହ ନୂତନ ଜୀବନ ଶୈଳୀ ଆରମ୍ଭ କରିବା ପାଇଁ ଶୁକ୍ରବାର ଦିନ ପୁରୀ ପୋଲିସ ପକ୍ଷରୁ ଟାଉନ ଥାନା ସମ୍ମିଳନୀ କକ୍ଷରେ ଏକ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପୁରୀ ଏସ୍ପି ପ୍ରତୀକ ସିଂ ଏଥିରେ ଅଧ୍ୟକ୍ଷତା କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଅପ୍ରାପ୍ତବୟସ୍କ ଶିଶୁ ଓ ନାବାଳକ ଯେଉଁମାନେ ପୂର୍ବରୁ କିଛି ଅପରାଧରେ ଜଡିତ ହୋଇଥିଲେ ଓ ଆଇନଗତ ଶାସନ ପାଇଥିଲେ, କିନ୍ତୁ ବର୍ତ୍ତମାନ ସଠିକ୍ ପଥରେ ଫେରି ନୂତନ ଜୀବନ ଆରମ୍ଭ କରିବାକୁ ଯାଉଛନ୍ତି, ସେମାନଙ୍କୁ ଏକତ୍ରିତ କରି କିପରି ଅପରାଧ ପରିତ୍ୟାଗ କରି ସାମାଜିକ ମୁଖ୍ୟ ସ୍ରୋତରେ ନିଜର ନୂତନ ଜୀବନ ଆରମ୍ଭ କରିବେ ସେ ସମ୍ପର୍କରେ ଆଲୋଚନା ହୋଇ ଥିଲା । ଏହି କାର୍ଯ୍ୟକ୍ରମରେ ଏସପି ଶ୍ରୀ ସିଂ ନାବାଳକଙ୍କ ସହିତ ସାକ୍ଷାତ ଆଲୋଚନା କରି ସେମାନଙ୍କ ଜୀବନରେ ହୋଇଥିବା ପରିବର୍ତ୍ତନ, ପାଠ ପଢା ଓ ସମାଜରେ ସୁପଥରେ ଚାଲିବା ପାଇଁ ସଂକଳ୍ପ କରାଇଛନ୍ତି । ଏସପି ସମସ୍ତ ଶିଶୁ ଓ ନାବାଳକ ଅଭିଭାବକମାନଙ୍କୁ ମଧ୍ୟ ଡାକି ସଚେତନ କରାଇଛନ୍ତି । ସେମାନେ ନିଜ ସନ୍ତାନଙ୍କ ଆଚରଣ ଉପରେ ନିରନ୍ତର ନଜର ରଖନ୍ତୁ । ସେମାନଙ୍କୁ ଶିକ୍ଷା, କ୍ରୀଡ଼ା ଓ ଭଲ କାର୍ଯ୍ୟରେ ଅଗ୍ରସର କରାନ୍ତୁ ।

ଏହି ଅବସରରେ ଏସପି ଶ୍ରୀ ସିଂ କହୁଥିଲେ "ଶିଶୁମାନେ ଆମ ସମାଜର ଭବିଷ୍ୟତ୍ । କେବେ କେବେ ଭୁଲ ସଙ୍ଗ ଓ ପରିସ୍ଥିତି ସେମାନଙ୍କୁ ଅପରାଧ ପଥରେ ନେଇଯାଏ । କିନ୍ତୁ ଯଦି ସମୟରେ ଠିକି ମାର୍ଗଦର୍ଶନ ଓ ସମର୍ଥନ ମିଳେ, ସେମାନେ ନିଶ୍ଚୟ ନୂତନ ଜୀବନ ଗଢ଼ିପାରିବେ ।" ଆଜିର ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍ପି ସୌମ୍ୟ ରଞ୍ଜନ ମଲ୍ଲିକ, କୁମ୍ଭାରପଡା ଥାନା ଅଧିକାରୀ ସୁଶାନ୍ତ ସାହୁ, ଟାଉନ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ, ତାଳବଣିଆ ଥାନା ଅଧିକାରୀ ଗୀତାଞ୍ଜଳି ନାୟକ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ସେମାନେ ଜୁଭେନାଇଲ୍, ଶିଶୁମାନଙ୍କ ପୁନର୍ଜୀବନ ଗଠନ, ଶିକ୍ଷା ସହାୟତା ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ ।

ଏସ୍ପି ସମସ୍ତ ଶିଶୁମାନଙ୍କୁ ଭବିଷ୍ୟତ ଗଢ଼ିବା ପାଇଁ ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି । ଆଗାମୀ ଦିନରେ କ୍ୟାରିଅର କାଉନସେଲିଂ, ମୋଟିଭେସନାଲ୍ ଶିବିର ଓ ଶିକ୍ଷା ସହାୟତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଏସପି କହିଛନ୍ତି । ସେ ଅଭିଭାବକମାନଙ୍କୁ ନିୟମିତ ଭାବରେ ପୋଲିସ ସହିତ ସମ୍ପର୍କ ରଖିବାକୁ ଅନୁରୋଧ କରି ଛନ୍ତି । ଯାହାଦ୍ୱାରା ସେମାନଙ୍କ ସନ୍ତାନଙ୍କ ସୁଭବିଷ୍ୟତ ନିଶ୍ଚିତ ହେବ । ପୁରୀ ପୋଲିସ ପକ୍ଷରୁ ଏହି ପଦକ୍ଷେପ ଆଗାମୀ ଦିନରେ ମଧ୍ୟ ଚାଲିବ ବୋଲି ସୂଚନା ଦିଆ ଯାଇଛି ।

# ହବିଷ୍ୟାଳୀ ବ୍ରତଧାରୀଙ୍କ ସୁବିଧା ଅସୁବିଧା ପଚାରି ବୁଝିଲେ ଏସପି ପ୍ରତୀକ ସିଂ



ପୁରୀ, (ସବ୍ୟୁ): ପବିତ୍ର କାର୍ତ୍ତିକ ମାସ ଅବସରରେ ଶ୍ରୀକ୍ଷେତ୍ରରେ ଆଜି ଲକ୍ଷାଧିକ ଭକ୍ତ ଓ ହବିଷ୍ୟାଳୀ ବ୍ରତଧାରୀ ମା ମାନଙ୍କ ସମାଗମ ହୋଇଛି । ଭକ୍ତମାନଙ୍କ ଶୃଙ୍ଖଳିତ ଏବଂ ନିରାପଦ ଦର୍ଶନ, ଶାନ୍ତି, ଶୃଙ୍ଖଳା ଓ ରକ୍ଷା ନିମନ୍ତେ ପୁରୀ ପୋଲିସ ପକ୍ଷରୁ ବିଶେଷ ବ୍ୟବସ୍ଥା କରାଯାଇଥିଲା । ପୁରୀ ଏସପି ପ୍ରତୀକ ସିଂ ଖୋଦ୍ ନିଜେ ଶ୍ରୀମନ୍ଦିର ପରିସରରେ ଉପସ୍ଥିତ ରହି ହବିଷ୍ୟାଳୀ ମା ଓ ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳା ପୂର୍ଣ୍ଣ ଦର୍ଶନ ବ୍ୟବସ୍ଥା ନିରୀକ୍ଷଣ କରିଥିଲେ । ସେ ସମସ୍ତ ଅଧିକାରୀ ଓ ପୋଲିସ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ, ଭକ୍ତମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ସହ ସମସ୍ତ ପ୍ରକାର ସହଯୋଗ ଓ ସୁବିଧା ଯୋଗାଇ ଦେବା ପାଇଁ । ଏଥି ସହିତ ଏସପି ଶ୍ରୀ ସିଂ ବୃନ୍ଦାବତୀ ହବିଷ୍ୟାଳୀ

ଗୃହକୁ ଯାଇ ସେଠାର ସୁବିଧା ବ୍ୟବସ୍ଥା, ଖାଦ୍ୟ ବିତରଣ ଓ ଆଶ୍ରୟ ସୁବିଧା ନିରୀକ୍ଷଣ କରିଥିଲେ । ହବିଶ୍ୟାଳୀ ମା ମାନେ ଏସ୍ପିଙ୍କ ସହ ବାର୍ତ୍ତାଳାପ କରି ଖୁସି ପ୍ରକାଶ କରିଥିଲେ ଓ ତାଙ୍କୁ ଆଶୀର୍ବାଦ ଦେଇଥିଲେ । ଏଏସପି ମଧ୍ୟ ସେମାନଙ୍କ ଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ, ଯାହା ଦୃଶ୍ୟ ସେଠାରେ ଭାବାବେଗମୟ ଏକ ସୁସ୍ଥ ଓ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା । ପୁରୀ ପୋଲିସ ସବୁ ସମୟରେ ଭକ୍ତ ଓ ହବିଷ୍ୟାଳୀ ମା ମାନଙ୍କ ସୁରକ୍ଷା, ସେବା ଓ ସୁବିଧା ପାଇଁ ପ୍ରତିବଦ୍ଧ ବୋଲି ଏସପି କହିଛନ୍ତି ।

## ଟାଇମ୍‌ସ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍ୟାଙ୍କିଙ୍ଗ ୨୦୨୬

# ବିଶ୍ୱରେ ୫୦୧ କୋହର୍ଟରେ କିଟ୍, ଭାରତର ୫ମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, (ସବ୍ୟୁ): ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଟାଇମ୍‌ସ ହାଇଅର ଏଜୁକେସନ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ ପ୍ରକାଶ ପାଇଛି । ଚଳିତବର୍ଷ କିଟ୍ ବିଶ୍ୱବିଦ୍ୟାଳୟ ଏହି ରାଙ୍କିଙ୍ଗରେ ବିଶ୍ୱ ତଥା ସର୍ବଭାରତୀୟସ୍ତରରେ ତାର ସ୍ଥାନରେ ଉନ୍ନତି ଆଣିଛି । ଗୁରୁବାର ଟାଇମ୍‌ସ ହାଇଅର ଏଜୁକେସନ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ-୨୦୨୬ ପ୍ରକାଶିତ ହୋଇଥିବା ବେଳେ ଏଥିରେ କିଟ୍ ଅତ୍ୟଧିକ ଭଲ ପ୍ରଦର୍ଶନ କରିଛି । ବିଶ୍ୱର ୨୧୯୧ ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ୫୦୧ କୋହର୍ଟ ମଧ୍ୟ ରହିଛି । ସେହିପରି କିଟ୍ ବିଶ୍ୱବିଦ୍ୟାଳୟ ଦେଶର ୧୨୮ଟି ଅନୁଷ୍ଠାନ ମଧ୍ୟରେ ଶ୍ରେଷ୍ଠ ୫ମ ବିଶ୍ୱବିଦ୍ୟାଳୟ ହୋଇଥିବା ବେଳେ ଓଡ଼ିଶାରେ ପ୍ରଥମ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଛି । ଭାରତରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସେସ୍ (ଆଇଆଇଏସ୍) ଏହି ରାଙ୍କିଙ୍ଗର ପ୍ରଥମ ସ୍ଥାନରେ ରହିଥିବା ବେଳେ କିଟ୍ ୫ମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ହେବାର ଗୌରବ ଅର୍ଜନ କରିଛି ।

ଚଳିତବର୍ଷ ଟାଇମ୍‌ସ ହାଇଅର ଏଜୁକେସନ୍ ବିଶ୍ୱ ବିଶ୍ୱବିଦ୍ୟାଳୟ



ରାଙ୍କିଙ୍ଗର ଆକାଡେମିକ୍ ଏକ୍ସଲେନ୍ସରେ କିଟ୍ ସମଗ୍ର ବିଶ୍ୱରେ ୨୫୯ତମ ସ୍ଥାନରେ ରହିଛି । ଟାଇମ୍‌ସ ହାଇଅର ଏଜୁକେସନ୍ ୫ଟି ମାନଦଣ୍ଡକୁ ନେଇ ରାଙ୍କିଙ୍ଗ ପ୍ରଦାନ କରିଥାନ୍ତି । କିଟ୍ ବିଶ୍ୱବିଦ୍ୟାଳୟ ଇଣ୍ଡଷ୍ଟ୍ରି ଇଣ୍ଟିଗ୍ରେସନ୍, ଇଣ୍ଟରନ୍ୟାସ୍‌ନାଲ ଆଉଟଲୁକ ଓ ସୋସିଆଲ୍ କମିଟ୍‌ମେଣ୍ଟ (ଏସ୍‌ଡିଜି) ମାନଦଣ୍ଡରେ ଭାରତରେ ଶ୍ରେଷ୍ଠ ପ୍ରଦର୍ଶନ କରିଛି । ଚଳିତବର୍ଷ ମଧ୍ୟ ଦେଶର ପୂର୍ବାଞ୍ଚଳ ଓ ଓଡ଼ିଶା ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ କିଟ୍ ପ୍ରଥମ ସ୍ଥାନରେ ରହିପାରିଛି । କିଟ୍ ଖୁବ୍ କମ୍ ଦିନର ଏକ ବିଶ୍ୱବିଦ୍ୟାଳୟ ହୋଇଥିବା ବେଳେ ବିଶ୍ୱର ଲବ୍ଧ ପ୍ରତିଷ୍ଠିତ ଓ ପୁରାତନ ବିଶ୍ୱବିଦ୍ୟାଳୟଗୁଡ଼ିକ ସହ ସମକକ୍ଷ ହୋଇ ଏତେ ଉନ୍ନତ ପ୍ରଦର୍ଶନ କରିଥିବାରୁ ବହୁ ଶିକ୍ଷାବିତ୍ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସାଧୁବାଦ ଜଣାଇଛନ୍ତି ।

ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ ୨୦୨୬ରେ କିଟ୍‌ର ଏହି ପ୍ରଦର୍ଶନକୁ ପ୍ରଶଂସା କରାଯାଇଛି । ଟାଇମ୍‌ସ ପକ୍ଷରୁ କୁହାଯାଇଛି, କିଟ୍‌ର ଏହି ପ୍ରଦର୍ଶନ ଦଶନ୍ଧି ଧରି ସ୍ଥାନୀୟ ଉତ୍କର୍ଷତାରୁ ବିଶ୍ୱସ୍ତରୀୟ ସ୍ୱୀକୃତିକୁ ପ୍ରତଫଳିତ କରୁଛି । ଓଡ଼ିଶା ଭଳି ଏକ ଛୋଟିଆ ରାଜ୍ୟରେ କିଟ୍ ପ୍ରତିଷ୍ଠା ହୋଇଥିଲେ ମଧ୍ୟ ବିଶ୍ୱରେ ତାର ପରିଚୟ ପ୍ରତିଫଳିତ ହେବା ସହ ସ୍ୱୀକୃତି ଲାଭ କରିପାରିଛି । କିଟ୍ ଓଡ଼ିଶାର ଏକ ସାମାଜିକ ଅନ୍ତର୍ଭୁକ୍ତି ବିଶ୍ୱବିଦ୍ୟାଳୟ ନବସର୍ଜନା, କରୁଣା ଏବଂ ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟମାନଙ୍କ ସହିତ ପ୍ରତିଯୋଗିତା କରିପାରେ ବୋଲି ଏହି ରାଙ୍କିଙ୍ଗରୁ ସ୍ପଷ୍ଟ ହୋଇଛି । କିଟ୍‌ର ଏହି ସଫଳତାରେ ଖୁସି ବ୍ୟକ୍ତ କରି ଶ୍ରୀ ସାମନ୍ତ କହିଛନ୍ତି, ପ୍ରତ୍ୟେକ ରାଜ୍ୟ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗରେ ବିଶ୍ୱର ଶ୍ରେଷ୍ଠ ୫ଶହଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ରହିବାକୁ ଆଶା ରଖିଥାନ୍ତି । କିଟ୍ ମାତ୍ର ୨୮ ବର୍ଷର ଅନୁଷ୍ଠାନ ଓ ୨୨ ବର୍ଷର ବିଶ୍ୱବିଦ୍ୟାଳୟ ହୋଇଥିବା ବେଳେ ଏହା ବିଶ୍ୱର ବହୁ ଲବ୍ଧ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ମଧ୍ୟରେ ୫୦୧କୋହର୍ଟ ମଧ୍ୟରେ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛି । ଏହା ଠାକୁରଙ୍କ ଆଶୀର୍ବାଦ ଓ ଓଡ଼ିଶାବାସୀଙ୍କ ଶୁଭେଚ୍ଛା ପାଇଁ ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି । ଏହା ଓଡ଼ିଶା ତଥା ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ । ଏହି ସଫଳତା ପାଇଁ କିଟ୍ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କ ନିରନ୍ତର ପ୍ରଚେଷ୍ଟା ଓ ଦୂରଦୃଷ୍ଟିକୁ ସାଧୁବାଦ ଜଣାଇଛନ୍ତି ।

# ବିଜେଡି ପକ୍ଷରୁ ଏସଆଇ ପରୀକ୍ଷା ଦୁର୍ନୀତିର ସିବିଆଇ ତଦନ୍ତ ଦାବିରେ ପଦଯାତ୍ରା

ବ୍ରହ୍ମପୁର, (ସବ୍ୟୁ): ଶୁକ୍ରବାର ବିଜୁ ଯୁବ-ଛାତ୍ର ଜନତା ଦଳର ମିଳିତ ଆନୁକୂଲ୍ୟରେ ଗଞ୍ଜାମ ଜିଲ୍ଲା ବିଜେଡି ପକ୍ଷରୁ ପୋଲିସ ଏସଆଇ ଚାକିରୀ ଘୋଟାଲା, ଦୁର୍ନୀତି ଏବଂ କଳେଙ୍କାରୀ ବିରୁଦ୍ଧରେ ସ୍ଥାନୀୟ ରାମ ଲିଙ୍ଗେଶ୍ୱର ପାର୍କ ନିକଟରୁ ବାହାରୀ ଗିରିଜା ଛକ, ଅର୍ବାନ ବ୍ୟାଙ୍କ ରୋଡ, ଅର୍ଣ୍ଣ ପୂର୍ଣ୍ଣା ବଜାର, ଫାୟର ଷ୍ଟେସନ ରୋଡ, ପୁରୁଣା ବସଷ୍ଟାଣ୍ଡ, ଟେଲିଫୋନ ଭବନ ରୋଡ ଦେଇ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ କୁଶ ପୁତ୍ତଳିକା ଦାହ କରିଥିଲେ ।

ଏହି ବିକ୍ଷୋଭ ଶୋଭାଯାତ୍ରା ବିଜୁ ଜନତା ଦଳ ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ସାଂସଦ ଚନ୍ଦ୍ର ଶେଖର ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ,ସୁବାସ ବେହେରା, ଶ୍ରିକାନ୍ତ ସାହୁ, ଭୃଗୁ ବକ୍ସିପାତ୍ର, ରାଜ୍ୟ ଯୁବ ସଭାପତି ଚିନ୍ମୟ ସାହୁଙ୍କ, ଛାତ୍ର ସଭାନେତ୍ରୀ ଇପସିତା ସାହୁ, ରଞ୍ଜିତା ସାହୁ, ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା,ଜ୍ୟୋତି ରଞ୍ଜନ ସାହୁ, ଅଜିତ କୁମାର ପଣ୍ଡା, ରଞ୍ଜନ ପଲୋଇ, ମମତା ବିଶୋଇଙ୍କ ବହୁ ଦଳିୟ କର୍ମକର୍ତ୍ତା ଛାତ୍ରଛାତ୍ରୀ ଯୋଗଦେଇ ରାଜ୍ୟ ପୋଲିସ ଏସଆଇ ଚାକିରୀରେ ଘୋଟାଲା, ଦୁର୍ନୀତି ଏବଂ କଳେଙ୍କାରୀ ବିରୁଦ୍ଧରେ ଏକ ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏକ ବିଶାଳ ରାଲି ବ୍ରହ୍ମପୁର ରାମଲିଙ୍ଗ ପାର୍କ ଠାରୁ ବାହାରି ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଠାରେ ପହଞ୍ଚି କୂଶପୁତ୍ତଳିକା ଦାହ କରିବା ସହ ସରକାର ବିରୋଧୀ ନାରା ଦେବା ସହ ଏସଆଇ ପରୀକ୍ଷା ଓ ନିଯୁକ୍ତି ଜାଲିଆତିକୁ ନେଇ ବିଜେପି ସରକାରଙ୍କ ଉପରେ ବର୍ଷୀଥିଲେ । ବିଜୁ ଯୁବ ଓ ଛାତ୍ର ଜନତା ଦଳ ରାଜ୍ୟ ସଭାପତି ତାଙ୍କ ସହ ଗଞ୍ଜାମ ଜିଲ୍ଲା ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।

## ଏନ୍‌ଏସି କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟରେ ଏନ୍‌ଏସି କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଏନ୍‌ଏସି କ୍ଲଷ୍ଟର ଅଧିନସ୍ଥ ୧୧ଟି ବିଦ୍ୟାଳୟରୁ ୯୭ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା । କୃତି ପ୍ରତିଯୋଗୀଙ୍କୁ ଚୟନ ନିମନ୍ତେ ବିଚାରକ ଭାବେ ସିଆରସିସି ସୁନିତା ପାଣିଗ୍ରାହୀ ଓ ଶର୍ମିଷ୍ଠା ଜେନାଙ୍କ ସମେତ ଅନ୍ୟ କେତେକ ଶିକ୍ଷକ ଓ ଶିକ୍ଷୟିତ୍ରୀ ନିୟୋଜିତ ଥିଲେ । ଏନ୍‌ଏସି କ୍ଲଷ୍ଟର ସିଆରସିସି କିରଣବାଳା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ କୃଷ୍ଣପ୍ରିୟା ମହାରଣା ଉଦଘାଟନ କରିଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ଏବିଇଓ ଅମିତା କୁମାରୀ ପାଢ଼ୀ, ସମ୍ମାନିତ ଅତିଥି ଭାବେ ପିପୁଲ୍ଲ ହାଇସ୍କୁଲ ଏନସିସି ଶିକ୍ଷକ ପ୍ରଶାନ୍ତ କୁମାର ଗୌଡ ଓ ବୁଦ୍ଧଗିରି ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ମୀନ କେତନ ବେହେରା ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ ।

# ଏମଡିଏ ପକ୍ଷରୁ ଉତ୍କଳମଣିଙ୍କ ଜୟନ୍ତୀ



କଟକ, (ସ୍ୱପ୍ର): ମହାନଦୀବିହାର ଡେଭଲପମେଣ୍ଟ ଆସୋସିଏସନ୍ (ଏମଡିଏ) ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୮ତମ ଜନ୍ମଜୟନ୍ତୀ ଉତ୍ସବ ମହାନଦୀଭବନ ପରିସରରେ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ସଞ୍ଜୟ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ପୂର୍ବତନ ସଭାପତି ଇଂ ଗୋପାଳ କୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ ଜଗନ୍ନାଥ ସାଂସ୍କୃତିକ ପରିଷଦ, ବରିଷ୍ଠ ନାଗରିକ ମଞ୍ଚ, ପେନସନର୍ସ ଆସୋସିଏସନ୍, ମହିଳା ସମିତିର କର୍ମକର୍ତ୍ତା ମାନେ ଉପସ୍ଥିତ ରହି ଉତ୍କଳ ପ୍ରଦେଶ କଂଗ୍ରେସର ପ୍ରଥମ ସଭାପତି, ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ, କବି, ବାଗ୍ମୀ, ଦେଶଭକ୍ତ ତଥା ଉତ୍କଳର ମଣି ଗୋପବନ୍ଧୁଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇ ତାଙ୍କର ସେବା, ତ୍ୟାଗ ଓ ବଳିଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

ଏହି ଜୟନ୍ତୀ ଉତ୍ସବରେ ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡାଇ, ସରୋଜ ପ୍ରସାଦ ସ୍ୱାଇଁ, ଜ୍ଞାନରଞ୍ଜନ ଦାସ, ଚତୁର୍ଭୁଜ ମହାପାତ୍ର, ପ୍ରମୋଦ କୁମାର ଦାସ, ଶରତ ଚନ୍ଦ୍ର କୁଣ୍ଡୁ, ଭାଗିରଥି ସାମଲ, ସୁଶ୍ରୀ ଇନ୍ଦୁ ଦାସ, ମଧୁସ୍ମିତା ଶତପଥୀଙ୍କ ସମେତ ବହୁ ସଂଖ୍ୟାରେ ଅଞ୍ଚଳବାସୀ ଉପସ୍ଥିତ ଥିଲେ । ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଉପଖଣ୍ଡ ସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ଉପଖଣ୍ଡସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବନ୍ୟା, ବାତ୍ୟା, ସାପ କାମୁଡା, ପାଣିରେ ବୁଡି ମୃତ୍ୟୁବରଣ କରିଥିବା ଓ ବିଜୁଳି ଆଘାତରେ ମୃତ୍ୟୁ ବରଣ କରିଥିବା ଲୋକଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ଅନୁକମ୍ପା ରାଶିକୁ ତୁରନ୍ତ ପ୍ରଦାନ କରିବା ସହ ବିଭିନ୍ନ ଜାତିଗତ ପ୍ରମାଣପତ୍ରକୁ ଲୋକଙ୍କୁ ସଠିକ୍ ସମୟରେ ପ୍ରଦାନ କରିବା ପାଇଁ ଉପଜିଲ୍ଲାପାଳ ଶ୍ରୀ ବରାଳ ନିର୍ଦ୍ଦେଶ ଦେଇଥିଲେ । ସହରାଂଚଳ ଓ ଗ୍ରାମାଂଚଳରେ ସରକାର ଜମି ଜବରଦଖଲ କରି କୋଠା ନିର୍ମାଣ କରିଥିବା ଲୋକଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, କଲମ ଟୁ ଆର ଆରକରାକ୍ସନ (ଜମି ପଟ୍ଟା ଗୁଡିକ ଅପଡେଟ୍) ଗୁରୁତ୍ୱ ଦେବା ସହ ପ୍ରତିଶତ ବୃଦ୍ଧି କରିବା, ଗ୍ରାମ କଣ୍ଟକ ମାମଲା ଗୁଡିକୁ ସମାଧାନ କରି ପ୍ରଦାନ କରିବା, ସରକାରୀ ସ୍କୁଲ କଲେଜ ଓ ଡିଗ୍ରୀ କଲେଜ ଭଳି ଶିକ୍ଷାନୁଷ୍ଠାନକୁ ଜମି ପଟ୍ଟା ପ୍ରଦାନ କରିବା, ସିଏମ ପୋର୍ଟାଲ ଏବଂ ଅଭିଯୋଗ ଶୁଣାଣି ଆସିଥିବା ମାମଲା ଗୁଡିକ ତୁରନ୍ତ ସମାଧାନ କରିବା, ରାଜସ୍ୱ ନିରୀକ୍ଷକ ଅଧୀନରେ ହେବାକୁ କର୍ପୋରେଟିଭ ସୋସାଇଟି ଗୃହ ଏବଂ କାର୍ଯ୍ୟାଳୟ ନିମନ୍ତେ ଜମି ଚିହ୍ନଟ କରି କାର୍ଯ୍ୟର ଅଗ୍ରଗତି ନିମନ୍ତେ ସହଯୋଗ କରିବା, ଏହା ସହ ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା ।




# ଏମ୍‌ପିସି ସ୍ୱୟଂଶାସିତ କଲେଜରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ



ବାରିପଦା, (ସବ୍ୟୁ) : ସ୍ଥାନୀୟ ଏମ୍‌ପିସି ସ୍ୱୟଂଶାସିତ କଲେଜରେ ମନସ୍ତତ୍ତ୍ୱ ବିଭାଗ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । କଲେଜର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ର. ବେହେରା ନିଜ ବକ୍ତବ୍ୟରେ ମନ ମୂଳେ ଏ ଜଗତ କଥା ଉଲ୍ଲେଖ କରିବା ସହ ମାନସିକ ସ୍ୱାସ୍ଥ୍ୟ ଏ ସମୟର ଏକ ବଡ଼ ଆହ୍ୱାନ ବୋଲି କହିଥିଲେ । ଏବଂ ବିଭିନ୍ନ ପ୍ରସିଦ୍ଧ ମନସ୍ତତ୍ତ୍ୱ ବିତଙ୍କର ତତ୍ତ୍ୱର ଉଦାହରଣ ଦେଇ ସେ ମଣିଷର ମାନସିକ ସ୍ଥିତାବସ୍ଥାକୁ ଦର୍ଶାଇଥିଲେ । କାର୍ଯ୍ୟକ୍ରମରେ ବିଷୟ ବିଶାରଦ ଭାବରେ ଏମ୍‌ପିସି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଉପେନ୍ଦ୍ର କୁମାର ମାଝୀ ଏବଂ ମନୋଚିକିତ୍ସକ ତଥା ସମାଜସେବୀ ସଞ୍ଜୟ କୁମାର ସାହୁ ଯୋଗଦେଇ ପିପିଟି ମାଧ୍ୟମରେ ମାନସିକ ସ୍ୱାସ୍ଥ୍ୟ ବିଷୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ଡଃ ପ୍ରଭାକର ଦୁଆରୀ ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ, ବିଭାଗୀୟ ଅଧ୍ୟାପକ ଡଃ ମନୋଜ କୁମାର ସେଠୀ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକ- ଅଧ୍ୟାପିକା ଡଃ ରନୀ ହାଁସଦାଃ, ଡଃ ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର, ଡଃ ଦୀପକ କୁମାର ବେହେରା, ଭୀମ ଚରଣ ମୁର୍ମୁ, ଡଃ ସିଦ୍ଧେଶ୍ୱର ପଣ୍ଡା, ଡଃ ଅନାମ ରାଉଳ ଓ ରାଇମଣି ମାର୍ଣ୍ଡି ଉପସ୍ଥିତ ଥିଲେ । ବିଭାଗୀୟ ଅଧ୍ୟାପିକା ସସ୍ମିତା ମଣ୍ଡଳ, ପୂର୍ବୀ ଦାସ ପଟ୍ଟନାୟକ କାର୍ଯ୍ୟକ୍ରମର ସଫଳ ରୂପାୟନରେ ସକ୍ରିୟ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପରିଶେଷରେ ଅଧ୍ୟାପିକା ଦିଗୀମଣି ସୋରେନ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।


## ଫୁଲବାଣୀରେ ଦ୍ୱିତୀୟ ଦିଶା ଅଧିବେଶନ

ଫୁଲବାଣୀ, (ସବ୍ୟୁ) : ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଅଧ୍ୟକ୍ଷ ସାଂସଦ ସୁଶାନ୍ତ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଦ୍ୱିତୀୟ ଦିଶା ଅଧିବେଶନ ଆୟୋଜିତ ହୋଇଯାଇଛି । ସାଂସଦ ଶ୍ରୀ ପାଣିଗ୍ରାହୀ କହିଥିଲେ ଯେ ଏହି ଦିଶା ବୈଠକ କନ୍ଧମାଳ ଜିଲ୍ଲାର ଉନ୍ନତି ଓ ପ୍ରଗତି ପାଇଁ ଦିଶା ଦେଖାଇବ । ବିଧାୟକ ଉମା ଚରଣ ମଲ୍ଲିକ, ବିଧାୟକ ଚକ୍ରମଣି କହଁର, ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଜିଲ୍ଲାପାଳ କନ୍ଧମାଳ ବେଦଭୂଷଣ, ଅଧ୍ୟକ୍ଷା, ଜିଲ୍ଲା ପରିଷଦ, କନ୍ଧମାଳ ସୁଶ୍ରୀ ନନ୍ଦିନୀ ମଲ୍ଲିକ ଜିଲ୍ଲାର ବିଭିନ୍ନ ବିଭାଗର ଯେପରି ଶିକ୍ଷା , ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ଜଳସେଚନ, ଜଙ୍ଗଲ ଓ ସାମାଜିକ ସୁରକ୍ଷା ଇତ୍ୟାଦିର ଲୋକ କଲ୍ୟାଣ ଯୋଜନା ଗୁଡ଼ିକର ସମୀକ୍ଷା କରିବା ସହିତ ବିଭିନ୍ନ ସମସ୍ୟା ଓ ତାର ପ୍ରତିକାର ଉପରେ ଆଲୋଚନା କରିଥିଲେ । ତତ୍ପରତାର ସହିତ କାମକରି ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ନିମନ୍ତେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, କନ୍ଧମାଳ ଶମ୍ଭୁନାଥ ନନ୍ଦୀ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ପ୍ରଶାସନ), ଜିଲ୍ଲା ପରିଷଦ, କନ୍ଧମାଳ ନରେନ୍ଦ୍ର ନାୟକଙ୍କ ସମେତ ଜିଲ୍ଲାର ସମସ୍ତ ୧୨ ଗୋଟି ପଞ୍ଚାୟତ ସମିତିର ଅଧ୍ୟକ୍ଷା/ଅଧ୍ୟକ୍ଷ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଉପଖଣ୍ଡ ସ୍ତରୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କର୍ମକର୍ତ୍ତା, ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।









# ଥାନା ଭିତରେ ଥାର୍ଡ ଡିଗ୍ରୀ ଅଭିଯୋଗ, କନଷ୍ଟେବଲ ନିଲମ୍ବିତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା କିସିଣ୍ଡା ଥାନା ଭିତରେ ଯୁବକଙ୍କୁ ଥାର୍ଡଡିଗ୍ରୀ ଦିଆଯାଇଥିବା ଅଭିଯୋଗ ହୋଇଛି । ଏନେଇ ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ ଶୁକ୍ରବାର ସଂପୃକ୍ତ କନେଷ୍ଟବଳ ବୈଦ୍ୟନାଥ ବେହେରାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ତାଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି । ଅନ୍ୟପଟେ ଥାନା ଅଧିକାରୀଙ୍କ ବିରୋଧରେ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସୂଚନାଯୋଗ୍ୟ, କିସିଣ୍ଡା ଥାନା ଅନ୍ତର୍ଗତ ମହୁକୁଦ ଗ୍ରାମର ରୀତା ମୁଖୀ ଗତ ୪ତାରିଖରେ ପାରିବାରିକ କଳହ ଯୋଗୁଁ ଥାନାର ଦ୍ୱାରସ୍ଥ ହୋଇଥିଲେ । ଅଭିଯୋଗ ପାଇବା ପରେ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ ଗତ ୫ତାରିଖରେ ଥାନାକୁ ଡକାଯାଇଥିଲା । ଥାନା ଅଧିକାରୀ ଅନୁପସ୍ଥିତିରେ କନେଷ୍ଟବଳ ବୈଦ୍ୟନାଥ ବେହେରା ପାରିବାରିକ କଳହକୁ ସମାଧାନ କରିବା ବଦଳରେ ସ୍ୱାମୀ ରମେଶ ମୁଖୀକୁ ଥାନାର ଅନ୍ୟ ଏକ କଠୋରୀରେ ପୁରାଇ ନିସ୍ଥୁକ ମାଡ ମାରିଥିଲେ । ଦୁହେଁ ଆପୋଷ ବୁଝାମଣା ପାଇଁ ରାଜି ଥିବାସତ୍ତ୍ୱେ ସଂପୃକ୍ତ କନେଷ୍ଟବଳ ପାଇପ ଯୋଗେ ମାଡ ମାରିବା ସହ ଜାତିଆଣ ଆକ୍ଷେପ ମଧ୍ୟ କରିଥିଲେ । ଏପରିକି ଜୀବନରେ ମାରି



ଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି । ଗୁରୁତର ଅବସ୍ଥାରେ ରମେଶଙ୍କୁ ନାକଟିଦେଉଳ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସିତ ହୋଇ ଫେରିବା ପରେ ଏନେଇ କିସିଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତେବେ ଥାନା ଅଧିକାରୀ ପୀଡିତ ଯୁବକଙ୍କ ଏତଲା ଦାୟର କରିନଥିବା ଜଣାପଡିଛି । ସାଧାରଣ ଲୋକେ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହେଉଥିବା ବେଳେ କିସିଣ୍ଡା ଥାନା ପୋଲିସର ଅଜବନୀତି ଦେଖିବାକୁ ମିଳିଛି ।

## କିଏ ହାତେଇବ ନୂଆପଡ଼ା ବିଧାନସଭା ଆସନ !

# ବିଜେଡ଼ି-ବିଜେପି ପ୍ରାର୍ଥୀଙ୍କ ଉପରେ ସଭିଙ୍କ ନଜର

ନୂଆପଡା,(ସବ୍ୟୁ): ନୂଆପଡ଼ା ଉପନର୍ବାଚନର ତାରିଖ ଘୋଷଣା ପରେ ସମଗ୍ର ଜିଲ୍ଲାରେ ଆଦର୍ଶ ଆଚରଣ ନିର୍ବାଚନ ସଂହିତା ଲାଗୁ ହୋଇଛି । ରାଜନୈତିକ ବାତାବରଣ ଧିରେ ଧିରେ ଗରମ ହେଉଛି। ଚା , ପାନ ଦୋକାନ, ଛକ ଛକରେ ଗୋଟିଏ ଚର୍ଚ୍ଚା କିଏ ହାତେଇବ ନୂଆପଡ଼ା ବିଧାନ ସଭା ଆସନ । କଂଗ୍ରେସ ତାର ପ୍ରାର୍ଥୀ ଭାବେ ପ୍ରଥମରୁ ଘାସିରାମ ମାଝୀଙ୍କୁ ଘୋଷଣା କରିଦେଇ ପ୍ରଚାର କାର୍ଯ୍ୟ ଆରମ୍ଭ କରିଦେଇଥିବା ବେଳେ ଉଭୟ ବିଜେପି ଓ ବିଜେଡ଼ିର କିଏ ପ୍ରାର୍ଥି ହେବେ ଅଙ୍କ ଛିଣ୍ଡୁ ନାହିଁ । ଗରିବ ଖଟିଖିଆ ଆଦିବାସୀ ନେତା ଘାସିରାମ ମାଝିଙ୍କ ଉପରେ ଆସ୍ଥା ପ୍ରକଟ କରି କଂଗ୍ରେସ ଦଳୀୟ ଟିକେଟ ଦେଇ ତାଙ୍କ ନ୍ୟାୟ ଯାତ୍ରା ଆରମ୍ଭ କରି ପ୍ରଚାର ଆରମ୍ଭ କୀ ସ୍ଥିତିକୁ ସରଗରମ କରିଦେଲାଣି । ଏପଟେ ବିଜୁ ଜନତା ଦଳ ଉପରେ ଜୟ ଢୋଲକିଆଙ୍କ ଉପରେ ନଜର, ଏ ଯାଏଁ ବିଜେଡ଼ି ସୁପ୍ରିମୋଙ୍କ ପ୍ରାର୍ଥୀ ଘୋଷଣା ହୋଇନଥିବା ବେଳେ ବିଭିନ୍ନ କମିଟି ଗଠନ କରାଯାଇ ପ୍ରାର୍ଥିତ୍ୱ ନେଇ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି ।

ସେହିପରି ବିଜେପି ମଧ ନିଜ କାର୍ଡ ଖୋଲିନି । ବିଜେପିରେ ଆଶାୟୀଙ୍କ ଲମ୍ବା ଲାଇନ୍ ଲାଗିଛି। ଘୋଷଣାରେ ବିଳମ୍ବକୁ ନେଇ ବି ବିଜେପିର ବରିଷ୍ଠ ନେତା ଓ କର୍ମୀମାନେ ସମୟକୁ ଅପେକ୍ଷା କରିଛନ୍ତି। ଯେତେ ଦିନ ଗଡୁଛି ସେତେ ଆଶାୟୀ ବଢ଼ଉଥିବା ବେଳେ ତାଲିକା ଲମ୍ବା ହେବାରେ ଲାଗିଛି । ବର୍ତ୍ତମାନ ସୁଦ୍ଧା ଏହି ଆସନ ଲାଗି ବିଜେପିର ୩ ନେତାଙ୍କ ନାଁ ଚର୍ଚ୍ଚା ଆଗରେ । କିନ୍ତୁ ଉଚ୍ଚ ନେତୃମଣ୍ଡଳୀ ଏ ସମ୍ପର୍କରେ ନିଷ୍ପତ୍ତି ଝୁଲାଇ ରଖିଛନ୍ତି। ଫଳରେ ପୂର୍ବତନ ବିଜେପି ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ପୁଅ ତଥା ଗତ ୨୦୨୪ ରେ ବିଜେପି ପ୍ରାର୍ଥ ହୋଇଥିବା ଅଭିନନ୍ଦନ ପଣ୍ଡା ପୁଣି ଟିକେଟ ପାଇବେ ନା ନୂଆଁ ଚେହେରାଙ୍କୁ ମଇଦାନକୁ ଛଡ଼ାଯିବ ତାକୁ ନେଇ ଚର୍ଚ୍ଚା ଜୋର । ରାଜନୈତିକ କର୍ମି ଓ ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ଏକ ଉତ୍କଣ୍ଠା ଧିରେ ଧିରେ ବଢ଼ିବାରେ ଲାଗିଛି। ଗତ ସାଧାରଣ ନିର୍ବାଚନରେ ଅଭିନନ୍ଦନ ପଣ୍ଡା ଦଳୀୟ ଟିକେଟ ପାଇଥିବା ବେଳେ ତୃତୀୟ ନମ୍ବରରେ ଥିଲେ । ଗତ ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ଥିଲେ ପରାଜିତ ପ୍ରାର୍ଥୀ ଘାସିରାମ ମାଝି । ଶ୍ରୀ ମାଝୀ ତତକାଳୀନ ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଠାରୁ ୧୦ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ପରାଜିତ ହୋଇଥିଲେ । ସେତେ ବେଳେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ସମର୍ଥନରେ ଶ୍ରୀ ମାଝି ସ୍ୱାଧୀନ ପ୍ରାର୍ଥୀ ଥିଲେ । କିନ୍ତୁ ବର୍ତମାନ ସେ କଂଗ୍ରେସ ଦଳୀୟ ଟିକେଟରେ ଲଢ଼ିବେ। ଗତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ତଥା ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଚତୁର୍ଥ ସ୍ଥାନରେ ରହିଥିଲେ। କଂଗ୍ରେସ ରାଜ୍ୟ ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏବେ କଂଗ୍ରେସ ନବ ଜୀବନ ପାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ପଶ୍ଚିମ ଓଡ଼ିଶାର ଏକ ଟାଣୁଆ ନେତା ରୁପେ ଭକ୍ତଙ୍କ ପ୍ରଭାବ ରହିଛି ଓ ସେ ରାଜ୍ୟ ସଭାପତି ହେବା ପରେ ତୃଣମୂଳ ସ୍ତରରେ ସଂଗଠନ ମଜଭୁତ ହୋଇଛି। ଏହାର ଲାଭ କଂଗ୍ରେସକୁ ମିଳିବ ହେଲେ ସ୍ୱର୍ଗତ ଢୋଲକିଆଙ୍କ ସହାନୁଭୂତି ଲହରରେ ଓ ବିଜେଡ଼ି ଦୁର୍ଗକୁ ଭାଙ୍ଗିବାକୁ କଂଗ୍ରେସ ଓ ଅନ୍ୟାନ୍ୟ ଦଳଙ୍କୁ ନାକେଦମ୍ ହେବାକୁ ପଡିବ। ଡବଲ ଇଞ୍ଜିନ ସରକାରର ନୂଆପଡ଼ା ବିଧାନ ସଭା ପ୍ରଥମ ଉପ ନିର୍ବାଚନ ଲଢ଼େଇ । ବିଜେପିର ସମ୍ମାନର ପ୍ରଶ୍ନ। ବିଜେପି ଯେମିତି ହେଲେ ଏ ଆସନ ହାତେଇବ ସେହି ଉଦ୍ୟମ ଚଳାଇଛି । ହେଲେ ନୂଆପଡ଼ା ବିଧାନସଭା ନିର୍ବାଚନରେ ଗତ ୨୫ ବର୍ଷରେ କ୍ରମାଗତ ସ୍ୱର୍ଗତ ଢୋଲକିଆ ବିଜୟୀ ହୋଇ ଥରେ ମାତ୍ର ପରାଜିତ ହୋଇଥିଲେ । ରାଜେନ୍ଦ୍ର ଢ଼ୋଲକିଆ ଏକଦା ନବୀନ ସରକାରରେ ମନ୍ତ୍ରୀ ମଧ୍ୟ ହୋଇଥିଲେ । ସେ ରାଜନେତା କମ୍ ଏକ ନିର୍ମଳ ଭାବମୂର୍ତ୍ତି ସମାଜ ସେବୀ ଥିଲେ। ତାଙ୍କ ଅନୁପସ୍ଥିତିରେ ତାଙ୍କ ଦାୟାଦ ଜୟ ଢୋଲକିଆ ସହାନୁଭୂତି ଲହରର ସଠିକ ଲାଭ ଉଠାଇ ପାରିବେ ତ ? କାରଣ ବିଜେଡ଼ିରେ ଦଳୀୟ କନ୍ଦଳ ନଥିଲେ ବି ଜୟ ପାଖରେ ଅଭିଜ୍ଞତାର ଅଭାବ ରହିଛି। ଏକ ଭଲ ସାରଥୀ ପାଇଲେ ସେ ନିର୍ବାଚନ ବୈତରଣୀ ପାର ହୋଇ ପାରିବେ ବୋଲି ରାଜନୈତିକ ସମୀକ୍ଷକ ମତ ଦେଉଛନ୍ତି। ଏ ଭଳି ପରିସ୍ଥିତିରେ ତ୍ରିମୁଖି ପ୍ରତିଦ୍ୱନ୍ଦିତା ନିଶ୍ଚିତ।

ଉପ ନିର୍ବାଚନ ପାଇଁ ବିଜେପି ନେତାଙ୍କ ଛାତି ଏବେ ଧଡଧଡ । ଆଉ ମାସକ ପରେ ଉପ ନିର୍ବାଚନ। ଆଶାୟୀ ନେତା ଭୁବନେଶ୍ୱର ଯାଇ ବିଜେପି କାର୍ଯ୍ୟାଳୟ । ସଭାପତି ମନମୋହନ ସାମଲଙ୍କ ପାଖରେ ପଇଁତରା ମାରୁଛନ୍ତି । ତଥାପି ପ୍ରାର୍ଥୀଙ୍କ ନାମ ଘୋଷଣା ହେଉନାହିଁ । ଆଶାୟୀ ନେତାଙ୍କ ଏହି ଆସନ ନେଇ କିଛି ଅଲଗା ଅଙ୍କକଷା ଚାଲିଛି ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ବିଜେପିର ତିନି ତୁଙ୍ଗ ଆଶାୟୀ ପ୍ରାର୍ଥୀ ଅଭିନନ୍ଦନ , ଯଦୁମଣି ଓ ପ୍ରସନ୍ନକୁ ଛାଡ଼ି ବିଜେପି ଚତୁର୍ଥ ଚେହେରା ନେଇ ବି ବିଚାର ବିମର୍ଷ କରୁଛି ।

## ବାଇକ୍ -କାର୍ ମୁହାଁମୁହିଁ ବାଇକ ଆରୋହୀ ଗୁରୁତର

ପଦ୍ମପୁର ,(ସବ୍ୟୁ): ବିଜୁଏକ୍ସପ୍ରେସ୍ ୱେ ପାଲଟିଛି ମରଣଯନ୍ତା। ସୂଚନା ଅନୁଯାଇ ବରଗଡ ଜିଲ୍ଲା ସୋହେଲା ବ୍ଲକ ବିଜାମ ପଞ୍ଚାୟତ ଅଧିନସ୍ଥ ବଣେଇପାଳି ଗ୍ରାମର ରାଧାବଲ୍ଲଭ ବେହେରା(୪୭) ବାଇକରେ ଶାଶୁଘର ହରିଶଙ୍କରରୁ ନିଜ ଗାଁ ବଣେଇପାଲିକୁ ଫେରୁଥିଲେ । ସନିମାଲ ଛକ ଠାରେ ଓଡି୧୭ଏସି୫୫୫୭ ନମ୍ବର ବିଶିଷ୍ଟ କାର ସହ ତାଙ୍କର ଧକ୍କା ହୋଇଥିଲା । ଫଳରେ ବାଇକ ଆରୋହୀଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ଘଟଣା ସ୍ଥଳକୁ ମେଲଛାମୁଣ୍ଡା ପୋଲିସ ପହଞ୍ଚି ତଦନ୍ତ କରିବା ସହ ବାଇକ ଆରୋହୀକୁ ଆମ୍ବୁଲାନ୍ସ ଯୋଗେ ବରଗଡ କୁ ଚିକିତ୍ସା ପାଇ ନିଆଯାଇଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ପି.ଡବ୍ଲୁ.ଡି ବିଭାଗର ଅବହେଳା ଯୋଗୁ ପ୍ରତିଦିନ ସନିମାଳ ଛକ ଠାରେ ଏହିଭଳି ଦୁର୍ଘଟଣାମାନ ଘଟୁଛି।

## ମଦ ବନ୍ଦ ଦାବିରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା କୁକୁଡ଼ାବାହାଳି ପଞ୍ଚାୟତ ଅନ୍ତର୍ଗତ ବଡକସିବାହାଲ ଗ୍ରାମରେ କୁଚିଆ ମଦ ବିକ୍ରିକୁ ବନ୍ଦ କରିବାକୁ ନେଇ ଗ୍ରାମବାସୀ ଏକ ଦାବୀ ପତ୍ର ରେଢ଼ାଖୋଲ ଉପଜିଲ୍ଲାପାଳଙ୍କ ଠାରେ ପ୍ରଦାନ କରିଛନ୍ତି । ରେଢ଼ାଖୋଲ ଥାନା କୁକୁଡ଼ାବାହାଳୀ ପଞ୍ଚା ୟତ ର ବଡକଶିବାହାଲ ଗ୍ରାମ ରେ ବେଆଇନ ମଦ ଦୋକାନ ଓ କୁଚିଆ ଭାଟିରେ ଖୋଲା ଖୋଲି ମଦ ବିକ୍ରି ଚାଲୁଥିବାରୁ ସ୍କୁଲକୁ ଆସୁଥିବା ଛୋଟ ଛୋଟ ଛାତ୍ର ଛାତ୍ରୀ ମାନେ ଓ ନିକଟରେ ଥିବା ମନ୍ଦିରକୁ ଆସୁଥିବା ମହିଳା ଭକ୍ତମାନେ ମଦୁଆ ମାନଙ୍କ ଠାରୁ ଖରାପ ଭାଷା ଶୁଣୁ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମରେ ଏହି ମଦ ବନ୍ଦ କରିବାକୁ ଗ୍ରାମବାସୀ ରେଢ଼ାଖୋଲ ଉପଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଆଗାମୀ ଦିନରେ ଗ୍ରାମରେ ଯଦି ମଦ ବନ୍ଦ କରା ନ ଯାଏ ରାସ୍ତାରୋକ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଚୋରି ଟ୍ରାକ୍ଟର, ଟ୍ରଲି ଉଦ୍ଧାର ତିନି ଅଭିଯୁକ୍ତ ଗିରଫ

ବରଗଡ/ ଅତାବିରା,(ସବ୍ୟୁ) : ଅତାବିରା ପୋଲିସ ଏକ ଟ୍ରାକ୍ଟର ଚୋରି ମାମଲାରେ ୩ ଅଭିଯୁକ୍ତକୁ ଗିରଫ କରିଛି । ଅତାବିରା ଥାନା ଅଧିକାରୀ ପ୍ରକାଶ କୁମାର କର୍ଣ୍ଣ ଙ୍କ ନେତୃତ୍ୱରେ ଟ୍ରାକ୍ଟର ଚୋରି ଘଟଣାରେ ତଦନ୍ତ କରି ଚୋରି ଟ୍ରାକ୍ଟର ଜବତ କରିବାରେ ସଫଳ ହୋଇଛି । ଅତାବିରା ପୋଲିସ ଟିମ ବିଏନ୍ଏସ ଧାରା ୩୦୩(୨)/୩(୫) ଅନୁଯାୟୀ ପଞ୍ଜିକୃତ ପିଏସ୍ କେସ୍ ନଂ ୩୨୭/୨୫ ସହିତ ଜଡିତ ଗୋଟିଏ ଚୋରି ହୋଇଥିବା ଟ୍ରାକ୍ଟର ଏବଂ ଟ୍ରଲିକୁ ସଫଳତାର ସହ ଉଦ୍ଧାର କରିଛି। ବିଶ୍ୱସ୍ତ ସୂତ୍ରରୁ ସୂଚନା ଏବଂ ଦ୍ରୁତ ତଦନ୍ତ ଉପରେ କାର୍ଯ୍ୟ କରି, ପୋଲିସ ଚୋରିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି , ଅଚ୍ୟୁତାନନ୍ଦ ପ୍ରଧାନ, କୁସନପୁରୀ, ଭେଡେନର ବାସିନ୍ଦା, ତ୍ରିଲୋଚନ ନାଗ, ବର୍ଗଡିପାଲି, ଭେଡେନର ବାସିନ୍ଦା, ସୟଦ ଆବାସ, ଧନୁପାଲି, ସମ୍ବଲପୁରର ବାସିନ୍ଦା । ଏହି ତିନି ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।

## ପ୍ରେସର ବୋମା ଫୁଟି ନାବାଳକ ଗୁରୁତର

ମାଲକାନଗିରି,(ସବ୍ୟୁ) : ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ମାଓ ହିଂସା ଦେଖିବାକୁ ମିଳିଛି। ମାଓବାଦୀ ଏଥର ଜଣେ ନାବାଳକକୁ ଟାର୍ଗେଟ କରିଛନ୍ତି। ଗାଙ୍ଗଲୁର ଥାନା ଅନ୍ତର୍ଗତ ପିଡିଆ ଅଞ୍ଚଳରେ ମାଓବାଦୀ ଲଗାଇଥିବା ପ୍ରେସର ବୋମାର ଶିକାର ହୋଇଛନ୍ତି ସ୍ଥାନୀୟ ଜଣେ ନାବାଳକ ମୋହନ । ସେ ଜଂଗଲରୁ ଘରକୁ ଫେରୁଥିବା ବେଳେ ହଠାତ୍ ପ୍ରେସର ବୋମା ବିସ୍ଫୋରଣ ହୋଇଥିଲା। ନାବାଳକର ଡାହାଣ ଗୋଡ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି। ତୁରନ୍ତ ସ୍ଥାନୀୟ ୧୯୯ ସିଆରପିଏଫ ବାଟାଲିୟନର ଯବାନ ଘଟଣାସ୍ଥଳରେ ପହଞ୍ଚି ମୋହନକୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଇଥିଲେ। ମେଡିକାଲରେ ମୋହନ ଚିକିତ୍ସିତ ହେଉଥିବା ଜଣାପଡିଛି। ତେବେ ମାଓବାଦୀ ସବୁବେଳେ ଜନତାକୁ ଟାର୍ଗେଟ କରି ହତ୍ୟା କରୁଥିବା ଯୋଗୁଁ ଲୋକେ ଏଥର ନକ୍ସଲଙ୍କୁ ଆଉ ସମର୍ଥନ କରିବେ ନାହିଁ ବୋଲି ସଫା ସଫା କହିଛନ୍ତି। ସ୍ଥାନୀୟ ଆଦିବାସୀମାନେ ମାଓବାଦୀଙ୍କ ଏହି ଆକ୍ରମଣକୁ ଘୋର ନିନ୍ଦା କରିବା ସହ ମାଓବାଦୀ ସହ ଦରକାର ପଡିଲେ ଲଢିବେ ବୋଲି କହିଛନ୍ତି। ଯାହାକୁ ନେଇ ପୁଲିସ ଏବେ ଆଶ୍ୱସ୍ତି ଲାଭ କରିଛି। ଜନସାଧାରଣ ମାଓବାଦୀଙ୍କ ଙ୍କର ଏଭଳି ହିଂସାକାଣ୍ଡ ସଂପର୍କରେ ଅବଗତ ହେଲେଣି ବୋଲି ପୁଲିସ କହିଛି।

## ପ୍ରଧାନ ଶିକ୍ଷକ ଛାତ୍ରଙ୍କୁ ଟିସି ଦେବା ସହ ଜାତିଆଣ ବ୍ୟବହାର ନେଇ ତଦନ୍ତ ଆରମ୍ଭ

ରାୟଗଡା,(ସବ୍ୟୁ): ଅମ୍ବାଦୋଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରଙ୍କୁ ଟିସି ବାହାର କରି ଅଭିଭାବକଙ୍କୁ ଜାତିଆଣ ଦୁର୍ବ୍ୟବହାର ଅଭିଯୋଗ ଘଟଣାର ପ୍ରଶାସନିକ ତଦନ୍ତ ଆରମ୍ଭ। ଏହି ଘଟଣାକୁ ନେଇ ଥାନାରେ ଜାତିଆଣ ମାମଲା ରୁଜୁ କରାଯାଇଥିବା ବେଳେ ଦଶହରା ଛୁଟି ସରିବା ପରେ ଶିକ୍ଷା ବିଭାଗ ପକ୍ଷରୁ ଦୁଇ ଜଣିଆ ଟିମ ଅମ୍ବାଦଳା ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଛନ୍ତି। କିଛି ଦିନ ପୂର୍ବରୁ ଥାନାରେ ଏତଲାକୁ ନେଇ ପ୍ରଥମେ ବିଷମକଟକ ଏସଡିପିଓ ସନ୍ତୋଷୀନି ଓରାମ, ପରେ ଅତିରିକ୍ତ ଏସପି ଅମୂଲ୍ୟ କୁମାର ଧର ତଦନ୍ତ କରି ଫେରିଥିବା ବେଳେ ଗତ ବୁଧବାର ଦିନ ପୁଣି ଏସଡିପିଓ ଶ୍ରୀମତୀ ଓରାମ ବିଦ୍ୟାଳୟକୁ ଯାଇ ତଦନ୍ତ କରିଥିଲେ। ଆଜି ଜିଲ୍ଲା ଶିକ୍ଷା ନିରୀକ୍ଷକ ଶ୍ୟାମ ଘନ ଭୂଇଁଆ ଓ ମୁନିଗୁଡା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କୃଷ୍ଣ ଚନ୍ଦ୍ର ବେହେରା ଶିକ୍ଷକ ଶିକ୍ଷୟତ୍ରୀ ଛାତ୍ର ଓ ଅଭିଭାବକ ମାନଙ୍କୁ ପଚରା ଉଚରା କରି ଲିଖିତ ଗ୍ରହଣ କରିଛନ୍ତି। ଘଟଣାଟି ହେଲା ନବମ ଶ୍ରେଣୀ ଛାତ୍ର ଦେହ ଅସୁସ୍ଥ ହେତୁ ସ୍କୁଲରେ ଅନୁପସ୍ଥିତ ଥିବାରୁ ପ୍ରଧାନ ଶିକ୍ଷକ କୋଲା ବାମନ ମୁର୍ତ୍ତି ଟିସି ଦେଇ ବାହାର କରିଦେଲେ। ଏନେଇ ଛାତ୍ରଙ୍କ ପରିବାର ପ୍ରଧାନ ଶିକ୍ଷକଙ୍କୁ ସାକ୍ଷାତ କରିବା ବେଳେ ମାନସିକ ନିର୍ଯାତନା ସହ ଜାତିଆଣ ଭେଦଭାବ କରିଥିବା ଅଭିଯୋଗ ଏତଲାରେ ଉଲ୍ଲେଖ କରାଯାଇଛି। ଏନେଇ ଗ୍ରାମବାସୀ ଏବଂ ସାମାଜିକ କର୍ମୀ ଲିଖିତ ଅଭିଯୋଗ କରିଥିଲେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଅଭିଯୋଗ ଏବଂ ଗଣମାଧ୍ୟମକୁ ଆଧାରକରି ଜିଲ୍ଲାପାଳ ଅନୁମତି କ୍ରମେ ସରକାରଙ୍କୁ ସମସ୍ତ ଘଟଣା ବିଷୟରେ ଅବଗତ କରାଯାଇଥିବା ସହ ଦୁଇଟି ପ୍ରଶାସନିକ କମିଟି କରାଯାଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ କହିଛନ୍ତି। ଦଶହରା ଛୁଟି ନିମନ୍ତେ ସ୍କୁଲ ବନ୍ଦ ରହିଥିଲା ତେଣୁ ତଦନ୍ତ ବିଳମ୍ବ ହୋଇଛି। ତଦନ୍ତ ରିପୋର୍ଟକୁ ନେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ କହିଛନ୍ତି। ଏହି ଘଟଣାକୁ ନେଇ ଗ୍ରାମବାସୀ ଏବଂ ସ୍କୁଲ କର୍ମଚାରୀ ଏଠାକାର ପ୍ରଧାନ ଶିକ୍ଷକ ମୁର୍ତ୍ତି ଆଜ୍ଞା ଅତି କଠୋର ଏବଂ କଥା ବାର୍ତ୍ତାରେ ଶାଳୀନତା ନଥାଏ ପୂର୍ବରୁ ଯେଉଁ ସ୍କୁଲରେ ଥିଲେ ସେଠାରେ ମଧ ଏମିତି ଘଟଣା ଘଟିଥିଲା ବୋଲି ନାମ ପ୍ରକାଶ ନକରି କହିଛନ୍ତି।

## ନୂଆପଡ଼ା ଉପନିର୍ବାଚନ : ଆନ୍ତଃ ରାଜ୍ୟ ପୋଲିସ ଅଧିକାରୀ ସମନ୍ୱୟ ବୈଠକ

ନୂଆପଡ଼ା,(ସବ୍ୟୁ): ଆସନ୍ତ ମାସ ନୂଆପଡା ବିଧାନସଭା ନିର୍ବାଚନମଣ୍ଡଳୀ-୨୦୨୫ ଉପର୍ନିବାଚନକୁ ଦୃଷ୍ଟିରେ ରଖି, ଏଡିଜି ଆଇନ ଏବଂ ଶୃଙ୍ଖଳା,କଟକଙ୍କ ନିର୍ଦ୍ଦେଶରେ ଶୁକ୍ରବାର ପଡ଼ୋଶୀ ଛତିଶଗଡ଼ ରାଜ୍ୟର ଜିଲ୍ଲା ଗୁଡ଼ିକ ସହିତ ଏକ ଆନ୍ତଃରାଜ୍ୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଅମରେଶ ମିଶ୍ର, ଆଇପିଏସ୍, ଆଇଜିପି, ରାୟପୁର ରେଞ୍ଜ, ଆଶୁତୋଷ ସିଂହ, ଆଇପିଏସ୍, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମହାସମୁନ୍ଦ ଏବଂ ନିଖିଲ ରଖେଚା, ଆଇପିଏସ୍, ଜିଲ୍ଲା ଆରକ୍ଷି ଅଧିକ୍ଷକ, ଗରିଆବନ୍ଧ ଜିଲ୍ଲା ସହିତ ଡକ୍ଟର କନୱର ବିଶାଲ ସିଂହ, ଆଇପିଏସ୍, ଡିଆଇଜିପି, ଏସଡବ୍ଲୁଆର, କୋରାପୁଟ ଏବଂ ଅମ୍ରିତପାଲ ସିଂହ, ଆଇପିଏସ୍, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନୂଆପଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବୈଠକରେ ଆସନ୍ତା ଉପ ର୍ନିବାଚନ କେମିତି ଅପରାଧ ମୁକ୍ତ ହେବ ସେ ନେଇ ବିଭନ୍ନ ପ୍ରସଙ୍ଗ ଗୁଡ଼ିକ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ସୀମା ସୁରକ୍ଷା ଏବଂ ଆନ୍ତଃରାଜ୍ୟ ଚେକ୍ ପୋଷ୍ଟ ସହିତ ସିଲ୍ କରିବା, ସୀମାନ୍ତ ଅଞ୍ଚଳରେ ବାମପନ୍ଥୀ ଉଗ୍ରବାଦୀ ଦମନ ପାଇଁ ମିଳିତ ଅଭିଯାନ ଓ ସୀମାପାର ଅସାମାଜିକ, ୱାରେଣ୍ଟି ଏବଂ ହିଷ୍ଟ୍ରି ସିଟର ଅପରାଧୀଙ୍କ ଉପରେ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସ୍ଥିର ହୋଇଛି । ଅବୈଧ ମଦ ଏବଂ ଡ୍ରଗ୍ସ ଚୋରା ଚାଲାଣକାରୀଙ୍କ ଉପରେ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ତଥା ଏସଡିପିଓ ଏବଂ ଆଇଆଇସି ପୋଲିସ ଅଧିକାରୀ ସ୍ତର ପର୍ଯ୍ୟନ୍ତ ସୁଗମ ସମନ୍ୱୟ ଏବଂ ଯୋଗାଯୋଗ ରକ୍ଷା କରିବା ଉପରେ ଉଭୟ ରାଜ୍ୟ ପୋଲିସ ପ୍ରଶାସନ ମଧରେ ବୈଠକରେ ନିଷ୍ପତ୍ତି ହୋଇଛି।

## ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଜିଲ୍ଲା ପୁନର୍ବାସ ଓ ଥଇଥାନ କେନ୍ଦ୍ର ବାଲିବନ୍ଧା ଠାରେ ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଅଶୋକ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପରିବର୍ତ୍ତନଶୀଳ ସମାଜରେ ଖାପଖୁଆଇ ଚାଲିବା ସହ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ କିପରି ପ୍ରତିବନ୍ଧକ ଅନୁଭବ ନହୁଏ ସେଥିପ୍ରତି ଧ୍ୟାନ ଦେବାକୁ କହିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୌରଚନ୍ଦ୍ର ପାଣି, ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ଗାୟକ ଦିଲ୍ଲୀପ ବାଗ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦୀପେନ ପଟ୍ଟନାୟକ ଓ ଅବସରପ୍ରାପ୍ତ ରାଜସ୍ୱ ଅଧିକାରୀ ଧିରେନ୍ଦ୍ର କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବରିଷ୍ଠ ନାଗରିକଙ୍କ ମାନସିକ, ସାମାଜିକ ଓ ଅର୍ଥନୈତିକ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ଆଖି, କାନ, ନାକ, ଅସ୍ଥି ଓ ରକ୍ତ ଆଦି ପରୀକ୍ଷା କରାଯାଇଥିଲା । ଏଥିସହ ଆବଶ୍ୟକ ବରିଷ୍ଠ ନାଗରିକଙ୍କୁ ଶ୍ରବଣ ଯନ୍ତ୍ର, ଆଶାବାଡି ଆଦି ପ୍ରଦାନ କରାଯାଇଥିଲା । ଶେଷରେ ବିଭୁତି ପଟ୍ଟନାୟକଙ୍କ ସମ୍ବଲପୁରୀ ସାଂସ୍କୃତିକ ଦଳ ଓ ଭୁବନେଶ୍ୱର ଇଟୋ ଏବିଲିଟି ଟ୍ରଷ୍ଟର କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଶେଷରେ ରେଢାଖୋଲ ଉପଖଣ୍ଡୀୟ ସାମାଜିକ ସୁରକ୍ଷା ଅଧିକାରୀ ସୌରେନ୍ଦ୍ରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ସଂଯୁକ୍ତା ସାହୁ ଓ ଭାଗ୍ୟଶ୍ରୀ ଭୋଇଙ୍କ ସମେତ ଶତାଧିକ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ ।

## ସରିଆଁ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ନର୍ଲା, (ସବ୍ୟୁ): ସରିଆଁ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି -୨୦୨୫' ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ଛାତ୍ରଛାତ୍ରୀଙ୍କ ମଧରେ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତଲିଖନ, ସାଂସ୍କୃତିକ କାର୍ଯ୍ୟକ୍ରମ, ପିଏମ୍ ପୋଷଣ ଚିତ୍ରକଳା ଓ ଶିଳ୍ପକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସରିଆଁର ପ୍ରଧାନଶିକ୍ଷକ ସାଧୁରାମ ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥି ଭାବେ ନର୍ଲା ବରିଷ୍ଠ ବିଇଓ ତପିମଣି ଜାନୀ, ସମ୍ମାନିତ ଅତିଥି ଭାବେ ଏବିଇଓ ତଥା ବିଆରସିସି ଗୋବର୍ଦ୍ଧନ ମାଝୀ, ଏବିଇଓ ସୁଢଳଦେବ ମୁଣ୍ଡ, ଏବିଇଓ ସୂର୍ଯ୍ୟଦେବ ବାଗ, ସରିଆଁ ସମିତି ସଭ୍ୟ ଭାସ୍କର ଭୋଇ, ନର୍ଲା ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ସଂପାଦକ ଅମିତ ଶର୍ମା, ସରିଆଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଟଙ୍କଧର ସାହା, ଚିଆଁପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ୍ତ ସେଠୀ, ସିଆରସିସି ଜିତେନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଶିକ୍ଷକ ସୁଧୀର ଧଙ୍ଗଡ଼ାମାଝୀ ମଞ୍ଚ ପରିଚାଳନା କରିଥିଲେ। ସିଆରସିସି ଜିତେନ୍ଦ୍ର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ବାସୁଦେବ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଗୋକୁଳ ସାହୁ, ଭଗବାନ ମାଝୀ, ଶୁକଦେବ ସାହା, ଦେବରାଜ ପ୍ରଧାନ, ଲକ୍ଷ୍ମୀଧର ସାହୁ, ଚନ୍ଦ୍ରମଣି ନାଗ, ଲମ୍ବୋଦର ବେହେରା, କୃତାଞ୍ଜଳ ସାହୁ, ଗଙ୍ଗାନାରାୟଣ ଦାଶ, ଜଗନ୍ନାଥ ମୁର୍ମୁ, ହେମନ୍ତ ସାହୁ, କିଶୋର ତ୍ରିପାଠୀ, ବଳଭଦ୍ର ହରିଜନଙ୍କ ସମେତ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ବିବାହର ପ୍ରଲୋଭନ ଦେଖାଇ ୬୪ଲକ୍ଷ ଟଙ୍କା ଲୁଟି ନେଲେ ଯୁବକ

ସମ୍ବଲପୁର,୧୦।୧୦(ସବ୍ୟୁ): ବିବାହର ପ୍ରଲୋଭନ ଦେଖାଇ ୬୪ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ଜଣକ ଗୋଲବଜାର ନୟାପଡାର ରାହୁଲ ରକ୍ଷିତ(୩୯) ବୋଲି ଜଣାପଡିଛି । ସୂଚନାଯୋଗ୍ୟ, ପଶ୍ଚିମବଙ୍ଗ ହୁଗଲି ଜିଲ୍ଲା ସୋମା ଘୋଷ ଓ ରାହୁଲଙ୍କ ମଧ୍ୟରେ ୨୦୨୩ରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ତେବେ ରାହୁଲ ବିବାହର ପ୍ରତିଶ୍ରୁତି ଦେଇ ସୋମାଙ୍କ



ଠାରୁ ଉପରୋକ୍ତ ଟଙ୍କା ଧାର ଆଣିଥିଲେ । ମାତ୍ର ସେ ବିବାହ ନକରି ଫେରାର ହୋଇ ଯାଇଥିଲେ । ଏହା ଜଣାପଡିବା ପରେ ଯୁବତୀ ଜଣକ ଗତ ୩୦ସେପ୍ଟେମ୍ବର, ୨୦୨୩ରେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିଥିଲା । ଏହି ଅଭିଯୋଗରେ ଅଭିଯୁକ୍ତ ରାହୁଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

# ଜିଲ୍ଲାସ୍ତରୀୟ ବୟସ୍କ ନାଗରିକ ଦିବସ ପାଳିତ

ଝାରସୁଗୁଡ଼ା, (ସବ୍ୟୁ) : ଜିଲ୍ଲାସ୍ତରୀୟ ବୟସ୍କ ନାଗରିକଙ୍କ ଦିବସ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ପାଳିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ସାହିତ୍ୟିକ ସୀତାରାମ ବିର୍ତ୍ତିଆ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ଆଲୋକମୟୀ ପ୍ରଧାନ,ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଏସପି ଜେମ୍ସ ସମାଦ, ଡାକ୍ତର ରାଧାରମଣ ବିର୍ତ୍ତିଆ, ବରିଷ୍ଠ ନାଗରିକ ସଂଘ ସଭାପତି ବାଳଗୋବିନ୍ଦ ମିଶ୍ର, ପ୍ରଫେସର ଟହଲୁ ସାହୁ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା ଯୋଗଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ବୟସ୍କ ନାଗରିକମାନଙ୍କୁ



ସମାଜର ସ୍ତମ୍ଭ ଭାବେ ଅଭିହିତ କରି ସମାଜରେ ଏମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରିବାକୁ ଆହ୍ୱାନ ଦେଇଥିଲେ । ବରିଷ୍ଠ ନାଗରିକଙ୍କ ଅଭିଜ୍ଞତା ଓ ଅନୁଭୂତି ସମାଜ ପାଇଁ ଏକାନ୍ତ ଅପରିହାର୍ଯ୍ୟ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ । ସ୍ଥାନୀୟ ଏମ୍ ସି ଏଲ୍ ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମ ରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ବରିଷ୍ଠ ନାଗରିକମାନଙ୍କ ପ୍ରତି ଯେ କୌଣସି ଅନ୍ୟାୟ , ଅସୁବିଧାକୁ ପ୍ରତିହତ କରି ପାଇଁ ଆଇନରେ ଥିବା ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶ୍ରୀମତୀ ପ୍ରଧାନ ଏହି ଅବସରରେ ପିତାମାତାଙ୍କ ମୂଲ୍ୟବୋଧକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଶ୍ରୀ ରାମଚନ୍ଦ୍ର ଓ ଶ୍ରବଣ କୁମାରଙ୍କ ଉଦାହରଣ ଉପସ୍ଥାପନ ପୂର୍ବକ ପିତାମାତାଙ୍କୁ ସମାଜରେ ଚଳନ୍ତି ଦେବତା ବୋଲି ମତବ୍ୟକ୍ତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ , କ୍ଷେତ୍ର ସ୍ତରରେ ବରିଷ୍ଠ ନାଗରିକମାନଙ୍କ ନିକଟରେ ଯେପରି ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ ହେବ ସେଥି ପ୍ରତି ଧ୍ୟାନ ଦିଆଯାଉଥିବା ଉଲ୍ଲେଖ କରିଥିଲେ। ମୁଖ୍ୟ ବକ୍ତା ଶ୍ରୀ ବିର୍ତ୍ତିଆ ବର୍ତ୍ତମାନର ସମାଜରେ ବୃଦ୍ଧାଶ୍ରମ ସଂଖ୍ୟା ବୃଦ୍ଧି ଉଦବେଗଜନ ବୋଲି ଆଲୋଚନା କରି ବୟସ୍କ ପିତାମାତାଙ୍କ ପ୍ରତି ସେମାନଙ୍କ ସନ୍ତାନ ସନ୍ତତି ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଥିଲେ । ବରିଷ୍ଠ ନାଗରିକମାନେ ନିଜ ନିଜର ଅଧିକାର ପ୍ରତି ସଚେତନ ହେବା ଜରୁରୀ ବୋଲି କହିଥିଲେ। ଡାକ୍ତର ବିର୍ତ୍ତିଆ ବୟସାଧିକ୍ୟ ଜନିତ ରୋଗ ତଥା ବିଭିନ୍ନ ଅସୁବିଧାର ସମାଧାନ ପାଇଁ ବରିଷ୍ଠ ନାଗରିକ ମାନେ ନିୟମିତ ଯୋଗାଭ୍ୟାସ , ସନ୍ତୁଳିତ ଖାଦ୍ୟ ଗ୍ରହଣ, ମାନସିକ ଶାନ୍ତି ଆହରଣ ସକାଶ ନିଜକୁ ଆଧ୍ୟାତ୍ମିକ,ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜଡିତ ରଖିବା ଉପରେ ଗୁରୁତ୍ୱ ପ୍ରଦାନ କରିବା ଉଚିତ ବୋଲି କହିଥିଲେ । ଜିଲ୍ଲାର ବିଭିନ୍ନ ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତା , ବୁଦ୍ଧିଜୀବୀ , ବରିଷ୍ଠ ନାଗରିକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ ନାଏକଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଦିତ୍ୟ ବାଦୀ, ସୁସ୍ମିତା ଭୋଇ, ରଂଯୁକ୍ତା ମେହେର, ସୁରମା ବେସନ, ପ୍ରଜ୍ଞା ମିଶ୍ର, ଆରତିବାଇ ସାଂଘାଇ , ଅଙ୍କିତା ବେହେରା, ଶାନ୍ତିରଞ୍ଜନ ଦାସ, ଆଲିଶ ପଟେଲ,ରାଜେଶ ସେଠ ଓ ଧିରଜ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଝାରସୁଗୁଡ଼ା ପୌର ପରିଷଦ କାଉନସିଲ ବୈଠକ

# ପରିମଳ ଅବ୍ୟବସ୍ଥାକୁ ନେଇ କାଉନସିଲରଙ୍କ ଅସନ୍ତୋଷ


ଝାରସୁଗୁଡ଼ା ,(ସବ୍ୟୁ): ଝାରସୁଗୁଡ଼ା ପୌର ପରିଷଦ ସଭା ଗୃହରେ ୧୫ ତମ କାଉନସିଲ ବୈଠକ ଅନୁଷ୍ଠିତ ହୋଇଯାଇଛି । ପୌରାଧକ୍ଷା ରାନୀ ହାତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଉନ୍ନତି ମୂଳକ ବିଷୟ ଉପରେ ଆଲୋଚନା ହୋଇଥିଲା । ବୈଠକରେ ବିଭିନ୍ନ ୱାର୍ଡର ସଦସ୍ୟ ମାନେ ଉପସ୍ଥିତ ରହି ଗଠନ ମୂଳକ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ୧୪ ରୁ ୮ ଟି ଏଲସିଭି ଗାଡ଼ି ଅଚଳ ହୋଇ ପଡ଼ିଥିବା ବେଳେ ଚାର୍ଜର ଅଭାବରୁ ସମସ୍ତ ୧୪ ଟି ବିଓଭି ଗାଡ଼ି ଅଚଳ ହୋଇ ପଡ଼ିଥିବା ଯୋଗୁଁ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଘରକୁ ଘର ଯାଇ ଅଳିଆ ସଂଗ୍ରହ ପାଇଁ ୧୦ ଟି ବିଓଭି ଗାଡ଼ି ଓ ୧୦ ଟି ଏଲସିଭି ଗାଡ଼ି ଭଡ଼ା ସୂତ୍ରରେ ନିୟୋଜିତ କରିବା ପାଇଁ ଗତ ଅଗଷ୍ଟ ୮ ତାରିଖରେ ହୋଇଥିବା ୧୪ ତମ କାଉନସିଲ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ହେଲେ ଏନେଇ ଜିଲ୍ଲା ପ୍ରଶାସନର




ଅନୁମତି ନ ମିଳିବାରୁ ଏ ପର୍ଯ୍ୟନ୍ତ ଟେଣ୍ଡର ହୋଇ ପାରିନଥିବା ଯୋଗୁଁ ବୈଠକରେ ଉଦବେଗ ପ୍ରକାଶ କରିଥିଲେ ସମସ୍ତ କାଉନସିଲର ।

ବୈଠକରେ ଉପ ନଗରପାଳ ବେଣୁ ଗୋପାଳ ପାଣିଗ୍ରାହୀ(ରାଜୁ), ବିଭିନ୍ନ ୱାର୍ଡ ର କାଉନସିଲର, ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଆଇଏଏସ ପ୍ରବେଶନର ପ୍ରଜ୍ଞାନନ୍ଦନ ଗିରି ପ୍ରମୁଖଙ୍କ ସହ ମୁଖ୍ୟ ଯନ୍ତ୍ରୀ ସୀମାଞ୍ଚଳ ଦାସ, କନିଷ୍ଠ କିରାଣୀ ସୁବ୍ରତ ସରାଫ ପ୍ରମୁଖଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ପୂର୍ବତନ ବ୍ୟାଙ୍କ ଅଧିକାରୀ ସୁରେଶ ନାୟକଙ୍କ ପରଲୋକ



ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ରୁଗୁଡ଼ିପଡ଼ା ସହରର ପୂର୍ବତନ ବ୍ୟାଙ୍କ ଅଧିକାରୀ ସୁରେଶ ଚନ୍ଦ୍ର ନାୟକଙ୍କ ଶୁକ୍ରବାର ପୂର୍ବାହ୍ନରେ ( ୯.୩୦ ମିନିଟ) ପରଲୋକ ହୋଇଯାଇଛି । ଶ୍ରୀ ନାୟକ କିଛି ଦିନ ହେଲା ଅସୁସ୍ଥ ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୭୩ ବର୍ଷ ହେଉଥିଲା । ୩୦.୪.୧୯୫୨ରେ ସେ ଜନ୍ମ ଗ୍ରହଣ କରିଥିଲେ । ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ଜଣେ ବରିଷ୍ଠ ଅଧିକାରୀ ଭାବେ ଚାକିରୀ କରି ସେ ନାମ ଅର୍ଜନ କରି ଅବସର ପରେ ନିଜ ରୁଗୁଡ଼ିପଡ଼ା ଘରେ ରହୁଥିଲେ । ତାଙ୍କର ବିଧବା ପତ୍ନୀ ଅଛନ୍ତି । ସ୍ୱର୍ଗତ ସୁରେଶ ନାୟକ ହେଉଛନ୍ତି ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଲଳିତ କୁମାର ନାୟକଙ୍କ ବଡ଼ ଭାଇ ଓ ପୂର୍ବତନ ବିଶିଷ୍ଟ ଠିକାଦାର ସ୍ୱର୍ଗତ ଶୁକଦେବ ନାୟକ( ଶୁକ) ଙ୍କ ସାନ ଭାଇ । ଏହି ଖବର ପ୍ରଚାରିତ ହେବା ପରେ ସହରରେ ଶୋକର ଛାୟା ଖେଳି ଯାଇଛି । ମଧ୍ୟାହ୍ନରେ ସ୍ଥାନୀୟ ଆରଟିଓ ଅଫିସ ନିକଟ ଶିଲ୍ପାଞ୍ଚଳ ଶ୍ମଶାନରେ ଅନ୍ତେଷ୍ଟିକ୍ରୀୟା ସମାପନ ହୋଇଥିଲା । ସ୍ୱର୍ଗତ ସୁରେଶ ନାୟକଙ୍କ ବଡ଼ ପୁତୁରା ବାବୁନ୍ ନାୟକ ମୁଖାଗ୍ନି ଦେଇଥିଲେ । ସାନ ପୁତୁରା ବାବୁଲୁ ନାୟକଙ୍କ ସମେତ ପରିବାର, ବନ୍ଧୁବର୍ଗ ଓ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ମଶାନ ଘାଟରେ ଉପସ୍ଥିତ ଥିଲେ ।

# ଦୁଇ ଯୁବକଙ୍କୁ ଅପହରଣ ପରେ ମରଣାନ୍ତକ ଆକ୍ରମଣ : ଥାନାରେ ମାମଲା ରୁଜୁ

ମୁରିବାହାଲ ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଅଞ୍ଚଳରୁ ଦୁଇ ଜଣ ଯୁବକଙ୍କୁ ଟିଟିଲାଗଡକୁ ଅପହରଣ କରି ନେଇ ନିସ୍ଥୁକ ମାଡ ଓ ମରଣାନ୍ତକ ଆକ୍ରମଣ ହୋଇଥିବା ବେଳେ ଟିଟିଲାଗଡ ପୁଲିସ ଦ୍ୱାରା ଉଦ୍ଧାର ପରେ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡିଛି।ଏହି ମାମଲାରେ ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ଏହି ଥାନା ପାତଳପଡ଼ା ଗ୍ରାମର ଦଶରଥ ରଣାଙ୍କ ପୁଅ ସୁରେନ୍ଦ୍ର ରଣା(୩୪) ବୁଧବାର ସନ୍ଧ୍ୟାରେ ଘରେ ଥିଲେ। ଏକ ଚାରିଚକିଆ ଗାଡ଼ି(ଓଡ଼ି ୦୩ ଜି ୦୯୫୩)ରେ ଏହି ଥାନା ସୁକୁନାଭଟା ଗ୍ରାମର ସ୍ୱର୍ଗତ ଦେଣ୍ଟୁ ମିଶ୍ରଙ୍କ ପୁଅ ମୁରଲୀ ମିଶ୍ର ଓ ଅନ୍ୟ ବହୁ ଯୁବକ ଆସି ତାଙ୍କୁ ଡାକିଥିଲେ। ସେମାନେ ତାଙ୍କ ଗ୍ରାମର ଆଶୀର୍ବାଦ ରଣାଙ୍କ ଘର କେଉଁଠି ଅଛି ବୋଲି ପଚାରି ଚାଲ ଦେଖାଇଦେବ ବୋଲି କହିଲେ। ସୁରେନ୍ଦ୍ର ସେମାନଙ୍କୁ ଆଶୀର୍ବାଦଙ୍କ ଘର ଦେଖାଇ ଦେବାରୁ ସେ ଘରେ ନ ଥିଲେଛସେ ହଳଦୀ ଛକରେ ଥିବା କହିବା ପରେ ସେମାନେ ସୁରେନ୍ଦ୍ରଙ୍କ ସହ ଆଶୀର୍ବାଦଙ୍କୁ ମଧ ହଳଦୀ ଛକରୁ ଜୋର୍ ଜବରଦସ୍ତ ଗାଡ଼ିରେ ଟିଟିଲାଗଡକୁ ଅପହରଣ କରି ନେଇଥିଲେ। ସେମାନେ ଉଭୟଙ୍କୁ ଟିଟିଲାଗଡ଼ ଡିଏଭି କଲେଜ ପଛପଟ ଖେଳ ପଡିଆକୁ ନେଇ ନିସ୍ଥୁକ ମାଡ଼ ମାରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ପୁଅ ସୁରେନ୍ଦ୍ରକୁ ଅପହରଣ କରିନେଇ ନିସ୍ଥୁକ ମାଡ଼ ମାରୁଥିବା ଜାଣି ବାପା ଦଶରଥ ମୁରିବାହାଲ ଥାନାକୁ ଯାଇ ଉଦ୍ଧାର କରିବାକୁ ପୁଲିସକୁ ପ୍ରଥମେ ଲିଖିତ ଅନୁରୋଧ କରିଥିଲେ। ଅପହରଣକାରୀମାନେ ଠେଙ୍ଗା,ବାଡ଼ି ଆଦିରେ ମାଡ଼ ମାରିବାରୁ ସୁରେନ୍ଦ୍ରଙ୍କ ବାମ ହାତ ଭାଙ୍ଗି ଯାଇଥିବା ବେଳେ ବେକରେ ମଧ ମାଡ ଦେଇଥିଲେଛସେମାନେ ଉଭୟଙ୍କ ତଣ୍ଟି ଚିପି ମାରିଦେବାକୁ ଉଦ୍ୟମ କରିଥିଲେ। ଉଭୟଙ୍କୁ ମାଡ ମାରୁଥିବା ସୂଚନା ପାଇ ଟିଟିଲାଗଡ ପୁଲିସ ଘଟଣା ସ୍ଥଳକୁ ପହଞ୍ଚିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିବା ବେଳେ ଉଭୟ ଗୁରୁତରଙ୍କୁ ଉଦ୍ଧାର କରି ଆଣି ମୁରିବାହାଲ ପୁଲିସକୁ ହସ୍ତାନ୍ତର କରିଥିଲା। ଅପହରଣ ପରେ ମୁରଲୀ ମିଶ୍ର ଓ ଅନ୍ୟ ବହୁ ଗୁଣ୍ଡା ଶ୍ରେଣୀୟ ଯୁବକମାନେ ଉଭୟଙ୍କୁ ନିସ୍ଥୁକ ମାଡ଼ ମାରିବା ଓ ମରଣାନ୍ତକ ଆକ୍ରମଣ କରିବା ନେଇ ଉଭୟ ସୁରେନ୍ଦ୍ର ରଣା ଓ ଆଶୀର୍ବାଦ ରଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉଭୟଙ୍କ ଏତଲା ଆଧାରରେ ପୁଲିସ ବିଭିନ୍ନ ଦଫାରେ କେଶ ନ ୨୧୦/୨୫ ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି ବୋଲି ଥାନା ଆଇଆଇସି ସନାତନ ସାହୁ ପ୍ରକାଶ କରିଛନ୍ତ।

# ବାଙ୍କିପାଲି କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଏସ୍.ରାମପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ବାଙ୍କିପାଲି କ୍ଲଷ୍ଟର ଅନ୍ତର୍ଗତ କନ୍ଦାଗାଡ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସୁନିଲ ସେଠ୍ ଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ବିଶ୍ୱାମିତ୍ର ବାରିକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାଙ୍କିପାଲି ସରପଞ୍ଚ ଲକ୍ଷ୍ମୀ ପାଣ୍ଡେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସୃଜନଶୀଳତାର ପ୍ରକୃଷ୍ଟ ମାଧମ ସୁରଭି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା ସମିତିର ପ୍ରଥମ ସଭାପତି ବାସୁଦେବ ନାଏକ, ବିଦ୍ୟାଳୟ ପରିଚାଳନା ସମିତିର ବର୍ତ୍ତମାନ ଅଧକ୍ଷ ରାଜକିଶୋର ପଧାନ, ଉଚ୍ଚପ୍ରାଥମିକ ବିଦ୍ୟାଳୟ ଅଧକ୍ଷ ନବୀନ ପଧାନ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କ୍ଲଷ୍ଟର୍ ର ବିଭିନ୍ନ ବିଦ୍ୟାଳୟରୁ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ,ଗୀତ,ବକ୍ତୃତା, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, କୁଇଜ୍ ପରି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରଥମ ତିନୋଟି ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ସହ ପୁରସ୍କୃତ କରାଯାଇଥିଲା। ବାଙ୍କିପାଲି ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ସଞ୍ଜୀବ କୁମାର ସାହୁ ଓ ବଲେନପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଣନାଥ ତାଣ୍ଡି ସଂଯୋଜନା କରିଥିଲେ। କ୍ଲଷ୍ଟର ର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ । ଶେଷରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସନ୍ତୋଷ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁରୁଣା ଡାକ୍ତରଖାନା କାର୍ଯ୍ୟକ୍ଷମ ନେଇ ପକ୍ଷ ରଖିଲା କଂଗ୍ରେସ

ଦେବଗଡ,(ସବ୍ୟୁ): ଦେବଗଡର ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ଚବିଶଘଣ୍ଟିଆ ଡାକ୍ତରୀ ସେବା ଯୋଗାଇଦେବା ଦାବି ଦିନକୁ ଦିନ ବଢ଼ିବାରେ ଲାଗିଛି। ଜିଲ୍ଲା କଂଗ୍ରେସ ଜନସାଧାରଣ ଏହି ଦାବିକୁ ନାର୍ଯ୍ୟ ଦାବି ବୋଲି କହିବା ସହ ଖୁବ ଶୀଘ୍ର ଏହାର କାର୍ଯ୍ୟକାରିତା ଗ୍ରହଣ କରିବାକୁ ଦାବି କରାଯାଇଛ। ସହର ଠାରୁ ପାଞ୍ଚ କିଲୋମିଟର ଦୂରରେ ର୍ନିମିତ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାକୁ ସମସ୍ତ ଆସବାବ ପତ୍ର ସ୍ଥାନାନ୍ତରିତ ହୋଇ କାର୍ଯ୍ୟକ୍ଷମ ହେବା ପରେ ସହର ମଝିରେ ଥିବା ପୁରୁଣା କୋଠାରେ କେବଳ ଜଣେ ଡାକ୍ତର ସକାଳେ ଚାରିଘଣ୍ଟା ଓ ଅପରାହ୍ନ ସମୟରେ ଦୁଇ ଘଣ୍ଟା ବସି ଚିକିତ୍ସାସେବା ଯୋଗାଉଛନ୍ତି। କିନ୍ତୁ ସହରବାସୀ ଏହି କୋଠାରେ ଚବିଶ ଘଣ୍ଟିଆ ସହରାଞ୍ଚଳ ଡାକ୍ତରଖାନା ଆରମ୍ଭ କରି ଚିକିତ୍ସାସେବା ଯୋଗାଇ ଦେବାପାଇଁ ଦାବି କରୁଛନ୍ତି। ବିଭିନ୍ନ ସଂଗଠନ ପକ୍ଷରୁ ଏନେଇ ଅନେକ ଦାବିପତ୍ର ଦିଆଯିବା ସହ ସହର ବନ୍ଦ ପାଳନ ମଧ୍ୟ କରାଯାଇଛି। ଏହା ପରେ ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ପଦକ୍ଷେପ ନିଆଯାଇନାହିଁ। ସାତଦିନ ମଧ୍ୟରେ ଜନସାଧାରଣଙ୍କ ଦାବି ପୂରଣ ନ ହେଲେ ଜିଲ୍ଲା କଂଗ୍ରେସ ରାଜରାସ୍ତା କୁ ଓହ୍ଲାଇବ ବୋଲି ଦେବଗଡ ଜିଲ୍ଲା କାର୍ଯ୍ୟାଳୟ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ସେମ ହେମରମ ସୂଚନା ଦେଇଛନ୍ତି।

# କୋହଲା ପାଗ ସାଙ୍ଗକୁ ଗୁଳୁଗୁଳି, ଚାଷକୁ ବିପିଏଚ ଭୟ

କଲମପୁର,(ସବ୍ୟୁ): ଅନେକ ପ୍ରତିକୂଳ ପରିସ୍ଥିତି କୁ ସାମନା କରି ଚାଷୀକୁଳ ବିଭିନ୍ନ ଉପାୟରେ କ୍ଷେତରେ କରିଥିବା ଫସଲକୁ ବଞ୍ଚାଇବା ପାଇଁ ଲାଗିପଡ଼ିଥିବାବେଳେ ଏବେ କୋହଲା ପାଗ ସାଙ୍ଗକୁ ଗୁଳୁଗୁଳି ଚାଷୀଙ୍କୁ ଚିନ୍ତାରେ ପକାଇଛି। ଏହିଭଳି ପାଗ ଚାଷ ପାଇଁ ଅନୁକୂଳ ନୁହେଁ । ମୁଗ ବିରି କୋଳଥ ଭଳି ଡାଲି ଜାତୀୟ ଫସଲ ରେ ରୋଗ ଓ ନଷ୍ଟକାରୀ ପୋକର ପ୍ରାଦୁର୍ଭାବ ଦିନକୁ ଦିନ ବଢୁଥିବା ଦେଖାଯାଉଛି । ଏଥିସହ ଧାନ ଫସଲ ରେ ବିପିଏଚ ,ପତ୍ରମୋଡା ପୋକ , ଶୋଷକ କୀଟ ବହୁଳ ଭାବରେ ଫସଲକୁ ନଷ୍ଟ କରୁଥିବା ବେଳେ ମୂଳସଢା,ପତ୍ର ହଳଦିଆ,ବ୍ଲାଷ୍ଟ,ଭଳି ବିଭିନ୍ନ ରୋଗ ବୃଦ୍ଧି ପାଇଛି। ଏନେଇ ଚାଷୀମାନେ ଅନେକ କମ୍ପାନୀରୁ ବଜାରକୁ ଆସୁଥିବା ଔଷଧ ଯାହା ଦୋକାନୀ ମାନେ ବିକ୍ରି ଉଦ୍ଦେଶ୍ୟ ନେଇ କହନ୍ତି ତାକୁ ସିଞ୍ଚନ କରିଚାଲିଛନ୍ତି।ତେବେ କେତେକାଂଶରେ ଚାଷୀ ମାନେ କ୍ଷତିର ସମ୍ମୁଖୀନ ହେଉଥିବାବେଳେ ଜଳବାୟୁ ମଧ ଏବେ ସାଥ ଦେଉ ନ ଥିବା ଚାଷୀଙ୍କୁ ଚିନ୍ତାରେ ପକାଇଛି। ଏ ସଂକ୍ରାନ୍ତରେ ବ୍ଲକ କୃଷି ଅଧିକାରୀ ଅଜୟ ବେମାଲ କହିଛନ୍ତି ଯେ କୃଷି କର୍ମଚାରୀ ମାନଙ୍କ ସହିତ ଯୋଗାଯୋଗ କରି ଉପଯୁକ୍ତ ସମୟ ମଧରେ ତାର ପ୍ରତିକାର କରିବା ନେଇ ଚାଷୀ ମାନେ ଆଗେଇ ଆସିଲେ ଫସଲ ସୁରକ୍ଷିତ ହେବ। ଦୋକାନୀ ମାନେ ବିକ୍ରି ଉଦ୍ଦେଶ୍ୟ ନେଇ ବିଭିନ୍ନ କୀଟନାଶକ ଔଷଧ ସବୁ ଦେଇ ଦିଅନ୍ତି। ତେବେ ରୋଗ ଓ ପୋକର ସଠିକ୍ ଚିହ୍ନଟ କରି ଆଗକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କଲେ କଷ୍ଟ ସାଧ ଫସଲ ସୁରକ୍ଷିତ ହେବ ବୋଲି ଆହ୍ୱାନ ଦେଇଛନ୍ତି।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ବୋରିଗୁମ୍ମା,(ସବ୍ୟୁ):ବୋରିଗୁମ୍ମା ସ୍ଥିତ ଜେବି ସ୍କୁଲ ପରିସରରେ ବୋରିଗୁମ୍ମା କ୍ଲଷ୍ଟରସ୍ତରୀୟ ସୁରଭି ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ବୋରିଗୁମ୍ମା କ୍ଲଷ୍ଟର ସିଆରସିସି ଆଶିଷ କୁମାର ହୋତାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ଗନ୍ତାୟତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ କିଶୋର ପଣ୍ଡା ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଏବିଇଓ ସୁବାସ ଚନ୍ଦ୍ର ମାଝୀ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ଚଳିତ ବର୍ଷ ସୁରଭି ମହୋତ୍ସବ କାର୍ଯ୍ୟକ୍ରମର ମୁଖ୍ୟ ପ୍ରସଙ୍ଗ ମୋ ସ୍ୱପ୍ନ ର ଓଡିଶା – ୨୦୩୬ରହିଥିଲା। ବୋରିଗୁମ୍ମା କ୍ଲଷ୍ଟର ର ୧୪ ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଜୁନିୟର ମାନେ ୧୦ ଟି ପ୍ରତିଯୋଗିତାରେ ଭାଗ ନେଇଥିବା ବେଳେ ସିନିୟର ଛାତ୍ରଛାତ୍ରୀ ମାନେ ୧୧ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରଛାତ୍ରୀ ଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ବୋରିଗୁମ୍ମା କ୍ଲଷ୍ଟର ସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ସୁମନ୍ତ ଶତପଥୀ, ଟି ଶୈଳଜା ଦୋରା, ଶାନ୍ତିଲତା ନାୟକ,ଗୌରୀ ମହାନ୍ତି, ନବ ବନ୍ଦିତା ପାଢ଼ୀ, ସବିତା ମହାପାତ୍ର, ମିନତୀ ରାଣୀ ତ୍ରିପାଠୀ, ବାସନ୍ତୀ ଦାସ,ଭାରତୀ ପ୍ରଧାନ, ମହେନ୍ଦ୍ର ତ୍ରିପାଠୀ, ଭି ରମେଶ, ଭାରତୀ ମହାପାତ୍ର,ପୂର୍ଣ୍ଣବାସୀ ମିଶ୍ର, ପ୍ରଣତି ପଣ୍ଡା, ପିଙ୍କି ମଣ୍ଡଳ ଶିକ୍ଷକ ନିରଞ୍ଜନ ସ୍ୱାଇଁ, ସିତୁ ଶତପଥୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ପରେ ଜେବି ସ୍କୁଲ ପରିସରରେ ଛାତ୍ରଛାତ୍ରୀ ମାନେ ଆକର୍ଷଣୀୟ ନାଚ ଗୀତ ପରିବେଷଣ କରିଥିଲେ।

# ଆଇପିପିଆ ସମ୍ପର୍କିତ ଜିଲ୍ଲା ଟାସ୍କଫୋର୍ସ ବୈଠକ

ସମ୍ବଲପୁର,(ସବ୍ୟୁ): ଇନ୍‌ଟେନ୍ସିଫାଇଡ ପଲସ୍ ପୋଲିଓ ଇମ୍ୟୁନାଇଜେସନ୍(ଆଇପିପିଆ) କାର୍ଯ୍ୟକ୍ରମକୁ ନେଇ ଜିଲ୍ଲା ଟାସ୍କଫୋର୍ସ ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଧ୍ୟକ୍ଷତା କରିଥିଲେ । ବୈଠକରେ ସମସ୍ତଙ୍କ ସୁରକ୍ଷାକୁ ନିଶ୍ଚିତ କରି ଟୀକାକରଣ ସେବାକୁ ଅଗ୍ରଗତି କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ଚଳିତବର୍ଷ ୧୨ଅକ୍ଟୋବରରେ ପଲସ୍ ପୋଲିଓ ଟୀକାକରଣ କରାଯିବ । ଏହାପରେ ୧୩ ଓ ୧୪ଅକ୍ଟୋବରରେ ଘରକୁ ଘର ବୁଲି ଟୀକାକରଣ କରିବାକୁ ନିଷ୍ପତି ନିଆଯାଇଛି । ପୋଲିଓ ମୁକ୍ତ ଭାରତ କରିବା ପାଇଁ ଆଶା, ଅଙ୍ଗନବାଡି ଓ ଏଏନ୍‌ଏମ୍‌ଙ୍କ ସମେତ ସଚେତନ ଜନସାଧାରଣଙ୍କ ସହଭାଗିତା ଜରୁରୀ ଅଟେ ।

# ଜାତୀୟ ଡାକ ସପ୍ତାହ ପାଳିତ



ସମ୍ବଲପୁର,୧ (ସବ୍ୟୁ): ସମ୍ବଲପୁର ଡାକ ବିଭାଗ ପକ୍ଷରୁ ଜାତୀୟ ଡାକ ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ଡିଜିଟାଲ ଉପକରଣ ଓ ଅନ୍‌ଲାଇନ ସେବାର ବ୍ୟବହାର ନେଇ ପ୍ରଦର୍ଶନୀ, ଡାକ ବ୍ୟାଙ୍କିଂ. ସଞ୍ଚୟ ଓ ବୀମା ସେବାକୁ ପ୍ରୋତ୍ସାହିତ କରିବା ପାଇଁ ସଚେତନା ଅଭିଯାନ, ସ୍ୱତନ୍ତ୍ର ଡାକପତ୍ର ସଂଗ୍ରହ କର୍ମଶାଳା, ଆଧାର ଶିବିର, ଡାକ କର୍ମଚାରୀଙ୍କ ପ୍ରତିବଦ୍ଧତା, ମତାମତ ସଂଗ୍ରହ ଓ ଅଭିଯୋଗର ସମାଧାନ ଆଦି କରାଯାଇଥିଲା । ସପ୍ତାହ ବ୍ୟାପୀ ଡାକସେବାକୁ ଜନସାଧାରଣଙ୍କ ନିକଟତର କରିବା ପାଇଁ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଆର୍ଥିକ ଅନ୍ତର୍ଭୂକ୍ତି ଶିବିର, ଆଧାର ପଞ୍ଜିକରଣ ଅଭିଯାନ ଓ ଡାକ ଚୌପାଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ପୁରୁଣା ଡାକ୍ତରଖାନା ପୁନଃ କାର୍ଯ୍ୟକ୍ଷମ ନେଇ ଅନଶନ




ଦେବଗଡ,(ସବ୍ୟୁ) : ଚବିଶଘଣ୍ଟିଆ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଅନଶନ। ଦେବଗଡର ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଚବିଶଘଣ୍ଟିଆ ଚିକିତ୍ସାସେବା ଯୋଗାଇ ଦେବା ପାଇଁ ଯୁବ ସମାଜସେବୀ ଅର୍ଣ୍ଣବ ପଣ୍ଡା ଅନଶନରେ ବସିଛନ୍ତି। ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାକୁ ସମସ୍ତ ଆସବାବପତ୍ର ସ୍ଥାନାନ୍ତରିତ ହୋଇ କାର୍ଯ୍ୟକ୍ଷମ ହେବା ପରେ ସହର ମଝିରେ ଥିବା ପୁରୁଣା କୋଠାରେ କେବଳ ଜଣେ ଡାକ୍ତର ସକାଳେ ଚାରିଘଣ୍ଟା ଓ ଅପରାହ୍ନ ସମୟରେ ଦୁଇ ଘଣ୍ଟା ବସି ଚିକିତ୍ସାସେବା ଯୋଗାଉଛନ୍ତି। କିନ୍ତୁ ସହରବାସୀ ଏହି କୋଠାରେ ଚବିଶଘଣ୍ଟିଆ ସହରାଞ୍ଚଳ ଡାକ୍ତରଖାନା ଆରମ୍ଭ କରି ଚିକିତ୍ସାସେବା ଯୋଗାଇ ଦେବାପାଇଁ ଦାବି କରୁଛନ୍ତି। ବିଭିନ୍ନ ସଂଗଠନ ପକ୍ଷରୁ ଏନେଇ ଅନେକ ଦାବିପତ୍ର ଦିଆଯିବା ସହ ସହର ବନ୍ଦ ପାଳନ ମଧ୍ୟ କରାଯାଇଛି। ଯୁବ ସମାଜସେବୀ ଅର୍ଣ୍ଣବ ପଣ୍ଡା ଏନେଇ ପଦଯାତ୍ରାରେ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହ ଦାବିପତ୍ର ମଧ୍ୟ ଦେଇଥିଲେଛ ମାତ୍ର କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହେବାରୁ ସେ ଅର୍ନିଦ୍ଦିଷ୍ଟ କାଳ ପାଇଁ ପୁରୁଣା କୋଠା ସମ୍ମୁଖରେ ଅନଶନ ରେ ବସିଛନ୍ତି। ସେହିପରି ଦେବଗଡ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବାପାଇଁ ପ୍ରସ୍ତୁତି ଆରମ୍ଭ ହେଉଥିବା ସୂଚନା ମିଳିଛି।

# ଦୁଇଟି ବାଇକ ଚୋରି, ଥାନାରେ ଏତଲା

ଗୋଲାମୁଣ୍ଡା ,(ସବ୍ୟୁ): ଗୋଟିଏ ଘରୁ ଦୁଇଟି ବାଇକ ଚୋରି ହୋଇଛି । ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଅଧୀନ ଗ୍ରିଣ୍ଡୋଲ ଗ୍ରାମରେ । ଗାଡ଼ି ମାଲିକ ଜିତେନ୍ଦ୍ର ମହାନନ୍ଦ (୩୦) ପି – ତୁଳସୀ ମହାନନ୍ଦ ତାଙ୍କ ଘର ବାରଣ୍ଡାରେ ଦୁଇଟି ଗାଡ଼ି ରଖି ଶୋଇ ପଡିଥିଲେ। ରାତ୍ରି ୩ ଟା ସମୟରେ ନିଦ ଭାଙ୍ଗିବାରୁ ଉଠି ଦେଖିଲା ବେଳକୁ ଗାଡ଼ି ୨ଟି ନଥିଲା । ନିରୁପାୟ ହୋଇ ଚାରି ଆଡେ ଦୋରାଣ୍ଡି ହୋଇ ଖୋଜାଖୋଜି କରି ନ ପାଇ ନିରୁପାୟ ହୋଇଥିଲେ ।(୧) ଗାଡ଼ି ନମ୍ବର ଓ ଡି ୨୬ ଏଫ୩୨୨୩ ଗ୍ଲୋମର ଗାଡ଼ିଟି ନିଜସ୍ୱ ହୋଇଥିବା ବେଳେ ଅନ୍ୟ ଟି ତାଙ୍କ ଘରକୁ କୁଣିଆ ଆସିଥିବା ଭଉଣୀ ଜୁଇଁଙ୍କ ପଲ୍ସର ଗାଡ଼ି ୦୮ ୱାଇ ୫୧୮୬ । ଦୁର୍ବୃତ୍ତ ମାନେ ଚୋରିକରି ନେଇଥିବା ସନ୍ଦେହରେ ଗୋଲାମୁଣ୍ଡା ଥାନାରେ ଏତଲା ଦେଇଛନ୍ତି ଗାଡ଼ି ମାଲିକ ଜିତେନ୍ଦ୍ର ମହାନନ୍ଦ । ଏନେଇ ଗୋଲାମୁଣ୍ଡା ପୋଲିସ ବିଭିନ୍ନ ସ୍ଥାନ ମାନଙ୍କର ସିସି ଟିଭି ଯାଞ୍ଚ୍ କରି ଛାନଭିନ କରୁଥିବା ଗୋଲାମୁଣ୍ଡା ଥାନା ଅଧିକାରୀ ଜ୍ୟୋତିପ୍ରକାଶ ତାଣ୍ଡି ପ୍ରକାଶ କରିଛନ୍ତି ।


## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା
### ଘୋଷଣା

File No. PT1-COLKHD-LA-MISC-0076-2023
Declaration No-1408/LA/KHD/25 Dated- 16.08.2025

**XXXIII-21 :** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା-ଭୁବନେଶ୍ୱର ସହର ୟୁନିଟ-୩୯ ଗାଡକଣ, ଥାନା-ନିଉ କ୍ୟାପିଟାଲ, ତହସିଲ-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା** ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା-ଗୁରୁ କେଳୁ ଚରଣ ପାର୍କ ଠାରୁ ପଟିଆ ରେଳ ଷ୍ଟେସନ୍ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନିମନ୍ତେ ସରକାର **(Appropriate Government)** ସରକାରୀ ବ୍ୟୟରେ ଏ ୦.୧୩୫ ଡିସିମିଲି ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୦୫୩, ତା. ୦୨.୦୯.୨୦୨୪ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, **ମୌଜା-ଭୁବନେଶ୍ୱର ସହର ୟୁନିଟ-୩୯ ଗାଡକଣ, ଥାନା-ନିଉ କ୍ୟାପିଟାଲ, ତହସିଲ-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା** ରେ ରେ ବିସ୍ଥାପିତ ପରିବାର ଥିବାରୁ ଅନୁମୋଦିତ ପୁନର୍ବାସ ଓ ଥଇଥାନ ସାରମର୍ମ ଏଥିସହ ସଂଲଗ୍ନ କରାଯାଇଅଛି । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ ଜିଲ୍ଲା ୱେବସାଇଟ୍ http://www.khordha.nic.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି ।

### ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ଖୋର୍ଦ୍ଧା | ତହସିଲ-ଭୁବନେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମୌଜା-ଭୁବନେଶ୍ୱର ସହର ୟୁନିଟ-୩୯, ଗାଡ଼କଣ | ସହରାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୦.୩୩୦ ଡିସିମିଲି | ଏ. ୦.୧୩୫ ଡିସିମିଲି | ଏଥି ସହିତ ସଂଲଗ୍ନ |

### ତଫସିଲ - ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ଖୋର୍ଦ୍ଧା | ତହସିଲ-ଭୁବନେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ : ୦୧.୦୯.୨୦୨୫

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, ଖୋର୍ଦ୍ଧା

### ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ
(ଗୁରୁ କେଳୁଚରଣ ପାର୍କ ଠାରୁ ପଟିଆ ରେଲୱେ ଷ୍ଟେସନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନିମନ୍ତେ)
ଜିଲ୍ଲା – ଖୋର୍ଦ୍ଧା, ତହସିଲ : ଭୁବନେଶ୍ୱର, ମୌଜା : ଭୁବନେଶ୍ୱର ସହର ୟୁନିଟ ୩୯ ଗାଡକଣ

| ଗ୍ରାମର ନାମ | ତହସିଲ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଗାଡକଣ | ଭୁବନେଶ୍ୱର | ସହରାଞ୍ଚଳ | ୨୯୧୦ | ୪୧ | ଶାରଦ ଅଣ ଜଳ ସେଚିତ-୨ | ଏ ୦.୨୦୦ ଡି | ଏ ୦.୦୦୫ ଡି | ସୁନାକର ସାହୁ , ପିଃ ଡମେଇ ସାହୁ ଜାଃ ତେଲି, ବାଃ ନିଜଗାଁ |
| | | | ୩୬୧୭ | ୪୨/୧୦୯୩୨ | ଘରବାରି | ଏ ୦.୦୬୦ଡି | ଏ ୦.୦୬୦ ଡି | ରୋହିତାଶ୍ୱ ନାୟକ, ପିଃ ବିଶ୍ୱନାଥ ନାୟକ ଜାଃ ଭୂୟାଁ, ବାଃ ନିଜଗାଁ |
| | | | ୨୯୧୦ | ୪୨/୧୧୧୨୩ | ଶାରଦ ଅଣ ଜଳ ସେଚିତ-୨ | ଏ ୦.୦୦୦୭ଡି | ଏ ୦.୦୦୦୭ ଡି | ସୁନାକର ସାହୁ, ପିଃ ଡମେଇ ସାହୁ ଜା : ତେଲି, ବାଃ ନିଜଗାଁ |
| | | | ୪୭୧୧ /୩୦୨୪ | ୪୨/୧୧୧୨୩/ ୧୪୩୯୦ | ଶାରଦ ଅଣ ଜଳ ସେଚିତ-୨ | ଏ ୦.୦୦୯୩ ଡି | ଏ ୦.୦୦୯୩ ଡି | ପ୍ରଫୁଲ୍ଲ କୁମାର ମଲ୍ଲିକ, ପିଃ ଧନେଶ୍ୱର ମଲ୍ଲିକ ଜାଃ କଣ୍ଡରା, ବାଃ ପ୍ଲଟ ନଂ-ଏମଆଇଜି-୧, ୫୭/୨, ହାଉସିଂ ବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ପୋଷ୍ଟ/ଥାନା- ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା |
| | | | ୨୮୯୦ | ୪୨/୧୧୩୨୭ | ଶାରଦ ଅଣ ଜଳ ସେଚିତ-୨ | ଏ ୦.୦୬୦ ଡି | ଏ ୦.୦୬୦ ଡି | ଜୟମାଳା ନାୟକ, ସ୍ୱାଃ ଭାବ ରଞ୍ଜନ ନାୟକ, ହେମ ଗୌରଚିନ୍ମୟ କୁମାର ନାୟକ, ଟୋମାସ ନାୟକ, ପିଃ ଭାବ ରଞ୍ଜନ ନାୟକ ଜା : ଗଣ୍ଡ, ବାଃ ସୁନାମୁହିଁ, ଥାନା-ଯଶିପୁର ଜିଲ୍ଲା-ମୟୂରଭଞ୍ଜ, ହା, ବାଃ ନିଜଗାଁ |

ମୋଟ ଅଧିଗ୍ରହଣ ରକବା ଏ. ୦.୧୩୫ ଡିସିମିଲ

ସ୍ୱା/– ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା

OIPR : 24381/14/0009/2526


# ଜିଲ୍ଲାସ୍ତରୀୟ ଦିଶା ବୈଠକ




ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲାସ୍ତରୀୟ ଦିଶା ବୈଠକ ଜିଲ୍ଲା ପରିଷଦ ପରିସର ପଞ୍ଚାୟତ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରୀୟ ଯୋଜନାର ସଫଳ ରୁପାୟନ ନେଇ ସାଂସଦ ଶ୍ରୀ ପାଣିଗ୍ରାହୀ ଗୁରୁତ୍ୱାରୋପ କରିଥିଲେ । ବୈଠକରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଉଦ୍ୟାନ, ଜଳସେଚନ, ହସ୍ତତନ୍ତ, କେନ୍ଦୁପତ୍ର, ବନଖଣ୍ଡ, ମତ୍ସ୍ୟ ବିଭାଗ, ସମାଜ ମଙ୍ଗଳ, ଶିଳ୍ପ, ମଙ୍ଗଳ, ନିୟୋଜନ, ଜାତୀୟ ରାଜପଥ, ପାନୀୟଜଳ ଯୋଗାଣ, ଖାଉଟି ସୁରକ୍ଷା, ଉଠାଜଳସେଚନ, ବିଦ୍ୟୁତ ଯୋଗାଣ, ମୃତ୍ତିକା ସଂରକ୍ଷଣ, ଗ୍ରାମ୍ୟ ଉନ୍ନୟନ ଓ କ୍ଷୁଦ୍ର ଜଳସେଚନ ଆଦି ସମସ୍ତ ବିଭାଗକୁ ମିଳିଥିବା କେନ୍ଦ୍ରୀୟ ଅନୁଦାନ ଏବଂ ତାହାର କାର୍ଯ୍ୟକାରୀତା ନେଇ ସମୀକ୍ଷା କରାଯାଇଥିଲା। ମିଳିଥିବା ଅନୁଦାନରେ ଚାଲୁଥିବା ପ୍ରକଳ୍ପ ଗୁଡିକ ତୁରନ୍ତ ସଂପୂର୍ଣ୍ଣ କରାଯିବାକୁ ବୈଠକରେ ଗୁରୁତ୍ୱ ଦିଆଯିବା ସହିତ ଯେଉଁ ପ୍ରକଳ୍ପ ଗୁଡିକ ଆରମ୍ଭ ହୋଇପାରିନାହିଁ ସେହି ପ୍ରକଳ୍ପର ଅନୁଦାନ ସରକାରଙ୍କୁ ଫେରାଇ ଦେବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ବର୍ଷାଋତୁ ପାଇଁ ପ୍ରକଳ୍ପ ଗୁଡିକର କାର୍ଯ୍ୟ ଧିମାଇଁ ଯାଇଥିବାରୁ ଆଗାମି ଦିନରେ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଉଠାଜଳସେଚନ ଓ ବିଦ୍ୟୁତ ବିଭାଗ ବିଭାଗୀୟ କାର୍ଯ୍ୟକ୍ରମ ଜିଲ୍ଲାରେ ଠିକ୍ ଭାବରେ ଚାଲିଥିବାରୁ ଅଭିଯୋଗ ଶୁଣାଣୀକୁ ସେ ସଂପର୍କିତ ଅଭିଯୋଗ ଆସୁନଥିବା ସୂଚନା ଦିଆଯାଇଥିଲା। ପିଏମ ସୂର୍ଯ୍ୟଘର ଯୋଜନାକୁ ତ୍ୱରାନ୍ୱିତ କରାଯିବା,ଜିଲ୍ଲାରେ ଚାଷୀ ପଞ୍ଜିକରଣ ଓ ସାର ସମସ୍ୟାର ସମାଧାନ ହୋଇପାରିଥିବାବେଳେ ହସ୍ତତନ୍ତ ବିଭାଗ ପକ୍ଷରୁ ବୁଣାକାରପରିବାରମାନେ ଉପକୃତ ହେବା ଭଳି ଯୋଜନା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କୃଷି, ମତ୍ସ୍ୟ ଓ ପଶୁ ସଂପଦ,ନିଯୁକ୍ତି, ଶିଳ୍ପ, ଉଦ୍ୟାନ, ବନଖଣ୍ଡ ଓ ଜିବିକା ମିଶନ ପକ୍ଷରୁ ମିଳିତ ପ୍ରଚେଷ୍ଟାରେ ଲୋକମାନେ ଯେପରି ଆତ୍ମନିର୍ଭରଶୀଳ ହେବେ କାର୍ଯ୍ୟ ଖସଡା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ବୌଦ୍ଧ ବିଧାୟକ ତଥା ମୁଖ୍ୟସଚେତକ ସରୋଜ କୁମାର ପ୍ରଧାନ,କଣ୍ଟାମାଳ ବିଧାୟକ କହ୍ନାଇଁ ଚରଣ ଡାଙ୍ଗ,ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ,ଅତିରିକ୍ତ ନିର୍ବାହି ଅଧିକାରୀ ଜିଲ୍ଲାପରିଷଦ ଚାର୍ଲସ ନାଏକ,ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ବୈଠକକୁ ପରିଚାଳନା କରିଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୬୦)
–ମୋକ୍ଷଯୋଗଃ–
(ଶ୍ରୀଭଗବାନୁବାଚ )
**ସ୍ୱଭାବଜେନ କୌନ୍ତେୟ ! ନିବଦ୍ଧଃ ସ୍ୱେନ କର୍ମ୍ମଣା ।**
**କର୍ତ୍ତୁଂ ନେଚ୍ଛସି ଯନ୍ମୋହାଦ୍ କରିଷ୍ୟସ୍ୟବଶୋଽପି ତତ୍ ।। ୬୦ ।।**
ହେ କୌନ୍ତେୟ !(ମୋହାତ୍ (ଅବିବେକାତ୍) ଯତ୍ କର୍ତ୍ତୁଂ ନ ଇଚ୍ଛସି, ସ୍ୱଭାବଜେନ (ପୂର୍ବକର୍ମ୍ମସଂସ୍କାରଜାତେନ) ସ୍ୱେନ (ସ୍ୱକୀୟେନ) କର୍ମ୍ମଣା ନିବଦ୍ଧଃ (ନିୟନ୍ତ୍ରିତଃ) (ଅତଏବ ତ୍ୱଂ) ଅବଶଃ ସନ୍ ତତ୍ ଅପି (କର୍ମ୍ମ) କରିଷ୍ୟସି ॥ ୬୦ ॥

# ଲୋକନାୟକ ଜୟପ୍ରକାଶଙ୍କୁ ଶ୍ରଦ୍ଧାଞ୍ଜଳି

ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ପରି ଭାରତର ଜଣେ ଅଦ୍ୱିତୀୟ ବରପୁତ୍ରଙ୍କୁ ଯେତିକି ସମ୍ମାନ ମିଳିବା କଥା, ସରକାର ବା ଜନସାଧାରଣ ତାଙ୍କୁ ମୃତ୍ୟୁ ପରେ ସେତିକି ସମ୍ମାନ ଜଣାଇଥିବା ପରି ମନେ ହେଉନାହିଁ । ତାଙ୍କରି ନୀତି ଓ ଆଦର୍ଶର ଜୟଯାତ୍ରା ବିହାରରୁ ଆରମ୍ଭ ହୋଇ ସାରା ଭାରତରେ ଜାଗରଣ ସୃଷ୍ଟି କରିଥିଲା ଓ ଭାରତରେ ତାଙ୍କରି ପ୍ରଭାବରେ ପ୍ରଥମେ କେନ୍ଦ୍ରରେ ଅଣକଂଗ୍ରେସ ସରକାର କ୍ଷମତାସୀନ ହୋଇଥିଲା ।

ପଚାଶ ବର୍ଷ ଅତିକ୍ରାନ୍ତ ହୋଇଛି । କ୍ଷମତାରେ ରହିବା ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ୧୯୭୫ ଜୁନ୍ ୨୫ରେ ସାରା ଦେଶରେ ଜରୁରୀକାଳୀନ ପରିସ୍ଥିତି (Emergency) ଜାରି କରିଥିଲେ । ଦେଶରେ ତୁଙ୍ଗ ନେତାମାନଙ୍କୁ ଗିରଫ କରି ଜେଲରେ ରଖାଗଲା । ସମ୍ବାଦପତ୍ର ଓ ସମ୍ବାଦ ସରବରାହ ସଂସ୍ଥାରେ ପ୍ରକୃତ ଘଟଣା ପ୍ରକାଶ ପାଇବା ସହଜ ନଥିଲା । ଏଥିପାଇଁ ଯାଞ୍ଚ ବ୍ୟବସ୍ଥା କରାଯାଇଥିଲା । ଭାରତ ସରକାର ବା ରାଜ୍ୟ ସରକାରଙ୍କର ସୂଚନା ଅଧିକାରୀମାନେ ସମ୍ବାଦ ସରବରାହ ସଂସ୍ଥାଗୁଡ଼ିକ ସମ୍ବାଦ ପ୍ରେରଣ କରିବା ପୂର୍ବରୁ ଯାଞ୍ଚ କରୁଥିଲେ, ତାହା ଯେପରି ସରକାରଙ୍କ ବିରୋଧରେ ନଯାଏ । ସମ୍ବାଦପତ୍ର ପ୍ରକାଶ ପାଇବା ପୂର୍ବରୁ ମଧ୍ୟ ଖବର ସବୁକୁ ଯାଞ୍ଚ କରାଯାଉଥିଲା । କଥା କହିବାର ବା ଲେଖିବାର ସ୍ୱାଧୀନତାକୁ ଲୋପ କରି ଦିଆଗଲା । ଏହି ଜରୁରୀକାଳୀନ ପରିସ୍ଥିତି ୧୯୭୭ ମାର୍ଚ୍ଚ ୨୧ ପର୍ଯ୍ୟନ୍ତ ବଳବତ୍ତର ରହିଥିଲା । ଲୋକନାୟକ ଜୟପ୍ରକାଶ ନାରାୟଣଙ୍କୁ ମଧ୍ୟ ସମ୍ପୂର୍ଣ୍ଣ କ୍ରାନ୍ତି ବା ସମ୍ପୂର୍ଣ୍ଣ ବିପ୍ଳବର ଆନ୍ଦୋଳନ ଲାଗି ଗିରଫ କରାଯାଇଥିଲା । ଜୟପ୍ରକାଶ ନାରାୟଣ ଯେତେବେଳେ ବିହାରରୁ ଏହି ଆନ୍ଦୋଳନ ଆରମ୍ଭ କରିଥିଲେ, ସେତେବେଳେ ଶ୍ରୀ ଲାଲୁପ୍ରସାଦ ଯାଦବ (ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ) ଓ ଏବର ବିହାର ମୁଖ୍ୟମନ୍ତ୍ରୀ ଶ୍ରୀ ନୀତିଶ କୁମାର ତାଙ୍କରି ଆଦର୍ଶରେ ଛାତ୍ର ନେତା ଭାବେ ସୁନାମ ଅର୍ଜନ କରିଥିଲେ । ଦୁଃଖର କଥା, ସେହି ଲାଲୁ ପ୍ରସାଦ ଯାଦବ ଗୋ ଖାଦ୍ୟ ଦୁର୍ନୀତିରେ ଛନ୍ଦି ହୋଇ ଦୀର୍ଘ ଦିନ ଧରି ଜେଲରେ ଥିଲେ । ଏବେ ତ ବିହାରର ସାଧାରଣ ନିର୍ବାଚନ ଲାଗି ତାରିଖ ଘୋଷଣା ହୋଇଗଲାଣି । କଂଗ୍ରେସ ନେତା ରାହୁଲ ଗାନ୍ଧି ଭୋଟ ଚୋରୀ ଅଭିଯୋଗ ନିର୍ବାଚନ କମିଶନ ବିରୋଧରେ ଆଣିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସେ ବିଷୟରେ ତଥ୍ୟ ଯୋଗାଇ ପାରି ନାହାନ୍ତି । ଭୋଟର ତାଲିକାରେ ସଂଶୋଧନ ଶେଷ ହୋଇ ସମ୍ଭବତଃ ଚୂଡାନ୍ତ ଭୋଟର ତାଲିକା ପ୍ରସ୍ତୁତ ହୋଇ ସାରିଲାଣି ।

ଜୟପ୍ରକାଶ ନାରାୟଣ ଅସୁସ୍ଥ ହୋଇପଡ଼ିଲେ । ଜରୁରୀକାଳୀନ ପରିସ୍ଥିତି ପ୍ରତ୍ୟାହୃତ ହେବା ପରେ ସେ ଜେଲରୁ ଫେରିଲେ । କିନ୍ତୁ ଦୁଇଟି କିଡନି ତାଙ୍କର ନଷ୍ଟ ହୋଇଯିବାରୁ ସେ ଶେଷ ଜୀବନ ପର୍ଯ୍ୟନ୍ତ ଡାଏଲିସସରେ ରହିଲେ । ଅଥଚ ତାଙ୍କରି ଆନ୍ଦୋଳନ ଫଳରେ ଦେଶରୁ କଂଗ୍ରେସ ଶାସନ ହଟିଗଲା । ଲୋକେ ପରିବର୍ତ୍ତନ ଚାହିଁଲେ । ପ୍ରଥମଥର ପାଇଁ ମୋରାରଜୀ ଦେଶାଇଙ୍କ ନେତୃତ୍ୱରେ କେନ୍ଦ୍ରରେ ଅଣ କଂଗ୍ରେସ ସରକାର ପ୍ରତିଷ୍ଠିତ ହେଲା । ମୋରାରଜୀ ଦେଶାଇ ଭାରତର ନୂତନ ପ୍ରଧାନମନ୍ତ୍ରୀ ହେଲେ । ଗାନ୍ଧିଜୀଙ୍କ ପରି ଜୟପ୍ରକାଶ ଦେଶରେ ରାଷ୍ଟ୍ରପତି ବା ପ୍ରଧାନମନ୍ତ୍ରୀ ହେବାକୁ ଚାହିଁ ନଥିଲେ । ତାହା ହିଁ ତାଙ୍କର ତ୍ୟାଗ ଓ ମହାନତା ।

ଏପରିକି ଓଡ଼ିଆ ଅଧ୍ୟୁଷିତ ଷଢେଇକଳା ଓ ଖରସୁଆଁ ଓଡ଼ିଶାରେ ମିଶିବା ଉଚିତ ବୋଲି ତତ୍କାଳୀନ ବିହାରର ଏକ ସାଧାରଣ ସଭାରେ ସେ ପ୍ରକାଶ କରିଥିଲେ । ଏକଦା ବିଧାନସଭାରେ ବିଧାୟକ ବାଙ୍କବିହାରୀ ଦାସ ( ପରେ ଓଡ଼ିଶାରେ କ୍ୟାବିନେଟ ପାହ୍ୟାର ମନ୍ତ୍ରୀ ହୋଇଥିଲେ ) ବିଧାନସଭାରେ ଆଲୋଚନା ସମୟରେ ଏହା ପ୍ରକାଶ କରିଥିଲେ । ଓଡ଼ିଆମାନେ ଏସବୁ କଥାକୁ ଗୁରୁତ୍ୱ ନ ଦେବା ପ୍ରକୃତରେ ଦୁର୍ଭାଗ୍ୟଜନକ ।

ଉତ୍ତରପ୍ରଦେଶ ଓ ବିହାରର ସୀମାନ୍ତ ଅଞ୍ଚଳ ସିତାବ-ଦିଆରାଠାରେ ଜୟପ୍ରକାଶ ନାରାୟଣ ଭୂମିଷ୍ଠ ହୋଇଥିଲେ ୧୧ ଅକ୍ଟୋବର ୧୯୦୨ରେ । ମୂଳରୁ ସେ ଅନ୍ୟାୟ ବିରୋଧରେ ସଂଗ୍ରାମ କରି ଆସୁଥିଲେ । ତାଙ୍କୁ ଯେତେବେଳେ ଛଅ ବର୍ଷ ବୟସ, ସେ ଶ୍ରେଣୀ ପରୀକ୍ଷା ବେଳେ ପ୍ରଧାନ ଶିକ୍ଷକଙ୍କ ଅନ୍ୟାୟ ଆଦେଶ ବିରୋଧରେ ପ୍ରତିବାଦ କରି ପରୀକ୍ଷା ବର୍ଜନ କରିଥିଲେ । ୧୯୧୭ ମସିହାରେ ସେ ହାଇସ୍କୁଲରେ ପଢୁଥିବା ବେଳେ ଗାନ୍ଧିଜୀଙ୍କ ନୂତନ ଅହିଂସା ନୀତି ପ୍ରତି ଆକୃଷ୍ଟ ହୋଇଥିଲେ ଏବଂ ପାଶ୍ଚାତ୍ୟ ପୋଷାକପତ୍ର ପରିହାର କରି ମୋଟା ଖଦଡ଼ ପୋଷାକ ପରିଧାନ କରିଥିଲେ । ୧୯୧୯ରେ ସେ ମେଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ମେଧା ବୃତ୍ତି ଲାଭ କରିଥିଲେ । ବହୁ ଘାତ ପ୍ରତିଘାତ ମଧ୍ୟରେ ସେ ଦେଶ ଓ ବିଦେଶରେ ପାଠ ପଢ଼ି ଗାନ୍ଧିଜୀଙ୍କ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ । ତାଙ୍କରି ଉଦ୍ୟମରେ ୧୯୩୪ ମେ ୧୭ ତାରିଖରେ କଂଗ୍ରେସ ସୋସିଆଲିଷ୍ଟ ପାର୍ଟି (କଂଗ୍ରେସ ସମାଜବାଦୀ ଦଳ) ଆରମ୍ଭ ହୋଇଥିଲା ଏବଂ ଆଚାର୍ଯ୍ୟ ନରେନ୍ଦ୍ର ଦେବ ତାହାର ସଭାପତି ରହିଲେ । ଜେ.ପି (ଜୟପ୍ରକାଶ ) ତାହାର ପ୍ରଥମ ସାଧାରଣ ସମ୍ପାଦକ ଥିଲେ ।

ଜେ.ପିଙ୍କ ନେତୃତ୍ୱ ସତୁରୀ ଦଶକରେ ବେଶ୍ ପ୍ରଭାବଶାଳୀ ଥିଲା । ମଧ୍ୟ ପ୍ରଦେଶ, ରାଜସ୍ଥାନ ଓ ଉତ୍ତର ପ୍ରଦେଶରେ ୪୫୦ ଜଣ ଡକାୟତ ତାଙ୍କ ନିକଟରେ ଆତ୍ମସମର୍ପଣ କରି ଅସ୍ତ୍ରଶସ୍ତ୍ର ମଧ୍ୟ ସମର୍ପଣ କରିଥିଲେ ଏବଂ ହିଂସା ପରିହାର କରି ଅହିଂସା ମାର୍ଗରେ ଜୀବନଯାପନ ପାଇଁ ପଣ କରିଥିଲେ ।

୧୯୭୪-୭୫ରୁ ସେ ବିହାରରୁ ଯେଉଁ 'ସମ୍ପୂର୍ଣ୍ଣ ବିପ୍ଳବ' ବା 'ସମ୍ପୂର୍ଣ୍ଣ କ୍ରାନ୍ତି' ଆରମ୍ଭ କରିଥିଲେ, ତାହା ଖୁବ୍ ଲୋକପ୍ରିୟତା ଅର୍ଜନ କରିଥିଲା । ସାଧାରଣ ଲୋକେ ହିଁ ତାହାକୁ ସମର୍ଥନ କରି ଆସୁଥିଲେ । ଦଳ ବିହୀନ ଗଣତନ୍ତ୍ର (Partyless Democracy) ରେ ଉପନୀତ ହେବା ପାଇଁ ଲୋକଙ୍କ ଗଣତନ୍ତ୍ର (Citizen's Democracy) ଗଠନ କରିଆରେ ସେ ବିଭିନ୍ନ ପଦଯାତ୍ରା ମଧ୍ୟ ଭାରତରେ ଆରମ୍ଭ କରିଥିଲେ । ନିଜେ ସେ ଏହାର ସଭାପତି ଥିଲେ । ଦୁର୍ନୀତି, ପ୍ରିୟାପ୍ରୀତି ତୋଷଣ ଓ ଠକାମୀ ପ୍ରଭୃତି ଗଣତନ୍ତ୍ରର ଶତ୍ରୁ ବୋଲି ସେ କହି ଆସୁଥିଲେ । ସେ ମଧ୍ୟ କହୁଥିଲେ ଯେ ସମ୍ପୂର୍ଣ୍ଣ ବିପ୍ଳବର ଅର୍ଥ ମୌଳିକ ଢାଞ୍ଚାରେ, ଶିକ୍ଷା କ୍ଷେତ୍ରରେ, ନୈତିକତା କ୍ଷେତ୍ରରେ ତଥା ଆଦର୍ଶ କ୍ଷେତ୍ରରେ ସଂସ୍କାର ଓ ପରିବର୍ତ୍ତନ ଅଣାଯାଉ, ଯାହା ଜାତିବିହୀନ ଓ ଶ୍ରେଣୀବିହୀନ ସମାଜ ଆଡ଼କୁ ଆମମାନଙ୍କୁ ନେଇଯିବ । ମାତ୍ର ଏହି ଆନ୍ଦୋଳନରେ ଜନତାଙ୍କର ଜାଗରଣ ରହିବ ଓ ସମ୍ପୂର୍ଣ୍ଣ ଭାବେ ସେମାନେ ଏଥିରେ ସାମିଲ ହେବା ଦରକାର । ଜେ.ପିଙ୍କୁ ଲୋକେ 'ଲୋକନାୟକ' ବୋଲି ଡାକିଲେ ସତ, ମାତ୍ର ତାଙ୍କର ସମ୍ପୂର୍ଣ୍ଣ ବିପ୍ଳବ, ଲୋକଙ୍କ ଅନାଗ୍ରହ କାରଣରୁ ଅସମ୍ପୂର୍ଣ୍ଣ ରହିଗଲା । ୧୯୭୯ ଅକ୍ଟୋବର ୮ ତାରିଖରେ ଲୋକନାୟକ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବାହାଘର ବୟସ ବିଷୟରେ



ପ୍ରଫେସର ଡ. ମୃଣାଳ ଚାଟାର୍ଜୀ

୧୮୫୦ରେ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର (୧୮୨୦-୧୮୯୧) ଗୋଟେ ପ୍ରବନ୍ଧ ଲେଖିଥିଲେ, 'ବାଲ୍ୟ ବିବାହର ଦୋଷ' ବଙ୍ଗଳା ପତ୍ରିକା 'ସର୍ବ ଶୁଭକରୀ'ରେ ଏହା ପ୍ରକାଶିତ ହୋଇଥିଲା । ସେଥିରେ ସେ ବାଲ୍ୟବିବାହ ଫଳରେ କଣ କଣ ସମସ୍ୟା ଦେଖାଦିଏ ସେ ବିଷୟରେ ଲେଖିଥିଲେ । ସେ ଯେଉଁ ବିଷୟଗୁଡ଼ିକ ରେଖାଙ୍କିତ କରିଥିଲେ, ତା' ଭିତରୁ ରହିଛି, ସ୍ୱାସ୍ଥ୍ୟଗତ ସମସ୍ୟା, ଦାରିଦ୍ର୍ୟ ଓ ନିରକ୍ଷରତା, ପାରିବାରିକ ହିଂସ୍ରତା (ଡୋମେସ୍ଟିକ ଭାଓଲେନ୍ସ), ନାରୀ ଅଧିକାର ଖର୍ବ ଏବଂ ସାମାଜିକ ଓ ଅର୍ଥନୈତିକ ଉନ୍ନୟନରେ ବାଧା' ।

ବାଲ୍ୟ ବିବାହ ବିରୋଧରେ ଆନ୍ଦୋଳନର ଏହା ଥିଲା ଆରମ୍ଭ । ତା' ପରେ ବିଭିନ୍ନ ରାଜ୍ୟରେ ସମାଜ ସଂସ୍କାରକମାନେ ବାଲ୍ୟ ବିବାହ ବିରୋଧରେ ସ୍ୱର ଉତ୍ତୋଳନ କଲେ ଏବଂ ଏହାର ଫଳସ୍ୱରୂପ ୧୮୯୧ରେ 'ଏଜ୍ ଅଫ୍ କନସେଣ୍ଟ ଆକ୍ଟ' ପାରିତ ହେଲା । ୧୯୨୯ ଆଇନରେ ବାଲ୍ୟ ବିବାହକୁ ଆଇନତ ନିଷିଦ୍ଧ କରାଗଲା ଏବଂ ବିବାହର ନ୍ୟୁନତମ ବୟସ ପୁଅମାନଙ୍କ ପାଇଁ ୧୮ ଆଉ ଝିଅମାନଙ୍କ ପାଇଁ ୧୪ କରାଗଲା ।

ଏହାକୁ ଶାରଦା-ଆଇନ ବୋଲି ବି କୁହାଯାଏ । କାରଣ ରାଓ ସାହେବ ହରିବିଳାସ ଶାରଦା ଏ ବିଲ ଆଣିଥିଲେ । ବ୍ରିଟିଶ ଅଧୀନସ୍ଥ ଭାରତରେ ସେତେବେଳେ ଭାଇସରାୟ ଥିଲେ ଲର୍ଡ଼ ଇରବୀନ । ୧୯୩୦ରେ ଏହା ଆଇନ ହେଲା । ଉଲ୍ଲେଖନୀୟ ବିଷୟ ହେଲା ବାଲ ଗଙ୍ଗାଧର ତିଳକ ଏବଂ ମଦନ ମୋହନ ମାଲବ୍ୟଙ୍କ ଭଳି ଜାତୀୟତାବାଦୀ ନେତାମାନେ ଏ ଆଇନର ବିରୋଧ କରିଥିଲେ । ସେମାନେ ଭାବୁଥିଲେ ଏହା ହିନ୍ଦୁ ସଂସ୍କୃତି ଓ ପରମ୍ପରାର ବିରୋଧୀ । ପ୍ରାକ୍ ସ୍ୱାଧୀନତା କାଳରେ କଟକର ପ୍ରଥମ ବିଧାୟିକା ଓ ସ୍ୱାଧୀନତା ସଂଗ୍ରାମୀ ସରଳା ଦେବୀ ବାଲ୍ୟ ବିବାହ ପ୍ରଥା ବିରୋଧରେ ବିଧାନସଭାରେ ସ୍ୱର ଉତ୍ତୋଳନ କରିଥିଲେ ।

୧୯୭୮ରେ ଏ ଆଇନ ସଂଶୋଧନ କରି ବିବାହର ନ୍ୟୁନତମ ବୟସ ପୁଅମାନଙ୍କ ପାଇଁ ୨୧ ଆଉ ଝିଅମାନଙ୍କ ପାଇଁ ୧୮ କରାଗଲା । ଉଭୟ ଝିଅ ଓ ପୁଅ ପାଇଁ ବିବାହର ନ୍ୟୁନତମ ବୟସ ୨୧ ବର୍ଷ କରିବାକୁ ୨୦୨୧ରେ ବିଲ୍ ଆସିଛି । ତେବେ ଏହା ଏଯାଏଁ ଆଇନରେ ପରିଣତ ହୋଇନାହିଁ ।

୧୭୫ ବର୍ଷ ପରେ ଭାରତରେ ବାଲ୍ୟ ବିବାହ ବେଶ କମିଯାଇଛି । କିନ୍ତୁ ସମ୍ପୂର୍ଣ୍ଣ ଶେଷ ହୋଇନାହିଁ । ରାଜସ୍ଥାନ, ଅବିଭକ୍ତ ବିହାର, ଉତ୍ତରପ୍ରଦେଶ ଆଦି କେତେକ ରାଜ୍ୟରେ ବାଲ୍ୟ ବିବାହ ପ୍ରଥା ଭାବରେ ଏଯାଏଁ ରହିଛି । ଅନ୍ୟାନ୍ୟ ସାମାଜିକ କାରଣରୁ (ଉଦାହରଣ ସ୍ୱରୂପ ଶିକ୍ଷାର ଅଭାବ, ଦାରିଦ୍ର୍ୟ ଏବଂ ସମାଜରେ ନାରୀ ସୁରକ୍ଷା) ମଧ୍ୟ ବାଲ୍ୟ ବିବାହ ଏଯାଏଁ ହେଉଛି ।

ବିଡମ୍ବନା ହେଲା, ଗତ କିଛି ବର୍ଷ ହେଲା, ଭାରତର କେତେକ ରାଜ୍ୟ ସହ ପଶ୍ଚିମବଙ୍ଗରେ ବି, ଯେଉଁଠୁ ବାଲ୍ୟ ବିବାହ ବିରୋଧରେ ଆନ୍ଦୋଳନର ସୂତ୍ରପାତ ହୋଇଥିଲା, ସେଠି 'ବାଲ୍ୟ ବିବାହ' ବଢିଛି । ପ୍ରଖ୍ୟାତ ଗବେଷଣା ପତ୍ରିକା ଲାନସେଟରେ ପ୍ରକାଶିତ ଏକ ରିପୋର୍ଟ (Prevalence of girl and boy child marriage across States and Union Territories in India, ୧୯୯୩-୨୦୨୧: a repeated cross-sectional study, Gausman, Jewel et al.The Lancet Global Health, Volume 12, Issue 2, e271 - e281) ରେ ଏ ବିଷୟରେ ବିସ୍ତୃତ ରିପୋର୍ଟ ରହିଛି । ୧୮୫୦ରେ ପ୍ରକାଶିତ ପ୍ରବନ୍ଧରେ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ବାଲ୍ୟ ବିବାହର ଯେଉଁସବୁ ଦୋଷ କଥା କହିଥିଲେ, ଲାନସେଟରେ ପ୍ରକାଶିତ ରିପୋର୍ଟରେ ସେଇ କଥାଗୁଡିକ ହିଁ କୁହାଯାଇଛି ।

**ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ -୫ (NFHS -୫) ଅନୁସାରେ ଓଡ଼ିଶାର ୧୨ଟି ଜିଲ୍ଲାରେ ବାଲ୍ୟ ବିବାହ ହାର ଜାତୀୟ ହାରଠାରୁ ଅଧିକ ରହିଛି । ଜିଲ୍ଲାଗୁଡ଼ିକ ହେଲା- ନବରଙ୍ଗପୁର, ନୟାଗଡ଼, କୋରାପୁଟ, ମାଲକାନଗିରି, ରାୟଗଡା, ମୟୂରଭଞ୍ଜ, କେନ୍ଦୁଝର, ଗଜପତି, ବାଲେଶ୍ୱର, ବଉଦ, ଅନୁଗୁଳ ଏବଂ ଢ଼େଙ୍କାନାଳ । ଲକ୍ଷଣୀୟ ବିଷୟ ହେଲା - ଜିଲ୍ଲାଗୁଡ଼ିକ ଭିତରେ ପାରମ୍ପରିକ ଭାବେ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଜିଲ୍ଲା ମଧ୍ୟ ରହିଛି ।**

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ -୫ (NFHS -୫) ଅନୁସାରେ ଓଡ଼ିଶାର ୧୨ଟି ଜିଲ୍ଲାରେ ବାଲ୍ୟ ବିବାହ ହାର ଜାତୀୟ ହାରଠାରୁ ଅଧିକ ରହିଛି । ଜିଲ୍ଲାଗୁଡ଼ିକ ହେଲା- ନବରଙ୍ଗପୁର, ନୟାଗଡ଼, କୋରାପୁଟ, ମାଲକାନଗିରି, ରାୟଗଡା, ମୟୂରଭଞ୍ଜ, କେନ୍ଦୁଝର, ଗଜପତି, ବାଲେଶ୍ୱର, ବଉଦ, ଅନୁଗୁଳ ଏବଂ ଢ଼େଙ୍କାନାଳ । ଲକ୍ଷଣୀୟ ବିଷୟ ହେଲା - ଜିଲ୍ଲାଗୁଡ଼ିକ ଭିତରେ ପାରମ୍ପରିକ ଭାବେ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଜିଲ୍ଲା ମଧ୍ୟ ରହିଛି ।

ବର୍ତ୍ତମାନ ସମୟରେ ଆଉ ଏକ ପ୍ରବଣତା ଲକ୍ଷ୍ୟ କରାଯାଉଛି । ଉଚ୍ଚବିତ୍ତ ଏବଂ ମଧ୍ୟବିତ୍ତ ସମାଜରେ ବିବାହର ବୟସ କ୍ରମଶଃ ବୃଦ୍ଧି ପାଉଛି । ଏ ଦିଗରେ ନିଶ୍ଚିତ ଭାବେ କହିହେଲା ଭଳି ସର୍ବେକ୍ଷଣ ଏଯାଏଁ ହୋଇନାହିଁ । ତେବେ କେତେକ ଭିନ୍ନ ଭିନ୍ନ ପରିସଂଖ୍ୟାନକୁ ଏକାଠି କରି ଦେଖିଲେ ଏହା ଏବେ ପ୍ରାୟ ୨୫.୩ରେ (ମେଡିଆନ ଏଜ) ପହଞ୍ଚିଲାଣି । କେତେକ ସମାଜରେ ଏହା ୩୦ ଛୁଇଁଲାଣି । ବିବାହ ବୟସର ଅତିରିକ୍ତ ବୃଦ୍ଧି ଭିନ୍ନ ଧରଣର ଶାରୀରିକ ଏବଂ ପାରିବାରିକ-ସାମାଜିକ ସମସ୍ୟା ସୃଷ୍ଟି କରୁଛି । **ପ୍ରାନ୍ତୀୟ ବର୍ଗରେ ବାଲ୍ୟ ବିବାହର ବୃଦ୍ଧି, ଏବଂ ଉଚ୍ଚ ବର୍ଗରେ ବିବାହ ବୟସର ଅତିରିକ୍ତ ବୃଦ୍ଧି ଏବଂ ସାମ୍ପ୍ରତିକ ସମୟରେ ଆଉ ଏକ ପ୍ରବଣତା-ବିବାହ ନ କରିବା-ଏକ ଅଦ୍ଭୁତ ସମସ୍ୟା ସୃଷ୍ଟି କରୁଛି ।**

**ପ୍ରଫେସର, ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ ଅଫ୍ ମାସ୍ କମ୍ୟୁନିକେସନ,(ଆଇଆଇଏମ୍‌ସି), ସଞ୍ଚାର ମାର୍ଗ, ଢେଙ୍କାନାଳ**
**ମୋ-୯୧ ୯୪୩୭୦ ୨୬୧୯୪**
www.mrinalchatterjee.com

# ସର୍ବକନିଷ୍ଠ ସହିଦ ବାଜିରାଉତ

ପ୍ରେମାନନ୍ଦ ପାଣିଗ୍ରାହୀ

ଭାରତର ମୁକ୍ତି ଆନ୍ଦୋଳନରେ ଝାସ ଦେଇଥିବା ବୀର ଓଡ଼ିଆଙ୍କ ମଧ୍ୟରୁ ବୀର ବାଜି ରାଉତଙ୍କ ସ୍ଥାନ ଅନନ୍ୟ ଓ ସବୁଠାରୁ ଭିନ୍ନ । କେବଳ ଓଡ଼ିଶା ନୁହେଁ,ସାରା ଭାରତରେ କନିଷ୍ଠତମ ସ୍ୱାଧୀନତା ସଂଗ୍ରାମୀ ଭାବେ ମାନ୍ୟତା ପାଇଥିବା ଏହି ବାଲୁତ ବୀରଙ୍କ ଜୀବନୀ ସ୍ୱଳ୍ପ ହୋଇଥିଲେ ମଧ୍ୟ ତାଙ୍କର ବୀରତ୍ୱର ଗାଥା ବ୍ରିଟିଶ୍ ସରକାରଙ୍କ ବିରୋଧରେ ଲଢିବା ପାଇଁ ଦେଶବାସୀଙ୍କୁ ପ୍ରେରଣା ଦେଇଥିଲା । ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ୍ ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମରେ ୧୯୨୬ମସିହା ଅକ୍ଟୋବର ମାସ ୫ ତାରିଖରେ ବାଜି ରାଉତଙ୍କର ଜନ୍ମ । ଏକ ଖଣ୍ଡାୟତ ପରିବାରର ହରି ରାଉତ ଓ ରାଣୀଆ ଦେବୀଙ୍କର ସେ ଥିଲେ ପଞ୍ଚମ ସନ୍ତାନ । ବାଜି ଶିଶୁ ଥିବା ସମୟରେ ତାଙ୍କର ପିତୃ ବିୟୋଗ ଘଟିଥିଲା । ପାଠ ପଢିବା ପାଇଁ ବାଜିଙ୍କର ପ୍ରବଳ ଆଗ୍ରହ ଥିଲେ ମଧ୍ୟ ଅଭାବ, ଅନଟନ ତାଙ୍କୁ ଅନ୍ଧକାର ମଧ୍ୟକୁ ଠେଲି ଦେବାକୁ ସର୍ବଦା ତତ୍ପର ଥିଲା ।

ସେତେବେଳେ ଢେଙ୍କାନାଳ ଥିଲା ଏକ ଗଡ । ବ୍ରିଟିଶ୍ ଶାସକଙ୍କ ସହାୟତାରେ ଗଡଜାତର ଶାସକ ରାଜା ଶାସନ କରୁଥିଲେ । ଉଭୟ ଇଂରେଜ ସରକାର ଓ ଗଡଜାତ ରାଜାଙ୍କର ଅଖଣ୍ଡ, ନିର୍ମମ, ନିଷ୍ଠୁର, ଅତ୍ୟାଚାରୀ ଶାସନରେ ପ୍ରଜାମାନେ ଅତିଷ୍ଠ ହୋଇ ଉଠିଥିଲେ । ରାଜାଙ୍କ ଇଛା, ମର୍ଜି ଅନୁସାରେ ମାଜିଷ୍ଟ୍ରେଟ୍, ପୋଲିସ୍, ହାକିମ ଓ ରାଜ କର୍ମଚାରୀ ପରିଚାଳିତ ହେଉଥିଲେ । ଗଡଜାତର ରାଜା ପ୍ରଜାମାନଙ୍କର ସ୍ୱାର୍ଥ, ସୁଖ, ସୁବିଧାକୁ ଦୃଷ୍ଟି ଦେଉନଥିଲେ । ବରଂ ପ୍ରଜାମାନଙ୍କୁ ଶୋଷଣ କରୁଥିଲେ । ପ୍ରଜାଙ୍କୁ ଅତ୍ୟଧିକ କର, ସେସ୍ ସାଙ୍ଗକୁ ଭେଟି, ବେଠି, ମାଗଣ, ରସଦ ପ୍ରଭୃତି ଆଦାୟ କରାଯିବାରୁ ପ୍ରଜାମାନେ ନିଃସ୍ୱ ହୋଇଯାଉଥିଲେ । ଯେତେବେଳେ ପ୍ରଜାମାନେ ବିଦ୍ରୋହ କରିଥାନ୍ତି ସେତେବେଳେ ଏହି ବିଦ୍ରୋହକୁ ଇଂରେଜ ସରକାର ସହଯୋଗରେ ରାଜା ଭଣ୍ଡୁର କରିଦେଉଥାନ୍ତି । ଶାସକଙ୍କର ଏତାଦୃଶ ଅତ୍ୟାଚାରକୁ ବିରୋଧ କରିବାପାଇଁ କିଛି ପ୍ରଜା ଅଣ୍ଟା ଭିଡିଲେ । ମହାତ୍ମା ଗାନ୍ଧିଙ୍କ ଆହ୍ୱାନ କ୍ରମେ ଅନ୍ୟାନ୍ୟ ଗଡଜାତ ରାଜ୍ୟ ପରି ଢେଙ୍କାନାଳରେ ମଧ୍ୟ ପ୍ରଜାମଣ୍ଡଳ ଗଠନ କରାଯାଇ ଉଭୟ ରାଜତନ୍ତ୍ର ଓ ବ୍ରିଟିଶ୍‌ତନ୍ତ୍ର ବିରୁଦ୍ଧରେ ପ୍ରଜାମଣ୍ଡଳ ଗଠନ କରାଗଲା । ପ୍ରଜାମଣ୍ଡଳ ଗଠନର ଅଳ୍ପଦିନ ପରେ ଢେଙ୍କାନାଳର ଜନସାଧାରଣଙ୍କ ମଧ୍ୟରେ ଜାଗରଣ ଦେଖାଦେଲା । ସାପ୍ତାହିକ ହାଟରୁ ଲୋକମାନେ ସଉଦାପତ୍ର କିଣିବା ସହ ପ୍ରଜାମଣ୍ଡଳ ଆନ୍ଦୋଳନ ବିଷୟରେ ସୂଚନା ପାଉଥିଲେ । ଇଂରେଜ ସରକାର ଓ ଗଡଜାତ ଶାସକଙ୍କ ବିରୋଧରେ ଲଢିବା ପାଇଁ ପ୍ରତ୍ୟେକ ଗ୍ରାମର ଲୋକମାନେ ପ୍ରଜାମଣ୍ଡଳର ସଭ୍ୟ ହେଲେ । ସେତେବେଳେ ଢେଙ୍କାନାଳ ଗଡ ପ୍ରଜାମଣ୍ଡଳର ସଭାପତି ଥାଆନ୍ତି ମହେଶ୍ ଚନ୍ଦ୍ର ସୁବାହୁ ସିଂହ । ତାଙ୍କ ନେତୃତ୍ୱରେ ଭୁବନ, ମଢି, ପରଜଙ୍ଗ, ହିନ୍ଦୋଳ ଅଞ୍ଚଳରେ ପ୍ରଜାମଣ୍ଡଳ ବେଶ୍ କିଛି କାର୍ଯ୍ୟ କରୁଥିଲା ।



ଭୁବନ ସେତେବେଳେ ସାତ ହଜାର ଲୋକଙ୍କ ବସତିର ଏକ ବଡ ଗାଁ । ଏଠାକାର ଲୋକେ ଭାରି ସାହସୀ ଓ ଲଢୁଆ । ପ୍ରଜାମଣ୍ଡଳ ଆନ୍ଦୋଳନର ମୁଖ୍ୟପୀଠ ଭାବେ ଭୁବନର ସୁଖ୍ୟାତି ଥିଲା । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭୁବନର ବଡହାଟ ଠାରେ ପ୍ରଜାମଣ୍ଡଳର ସଭା ବସେ । ଭୁବନ ଅଞ୍ଚଳରେ ବେଣୁଧର ପରିଡା, ମହନ୍ତ ପ୍ରଧାନ, ନଟ ସାହୁ, ରଘୁ ନାୟକ, ହୁରୁଷି ପ୍ରଧାନ, ଗୁରି ନାୟକ ପ୍ରମୁଖ କର୍ମୀମାନେ ପ୍ରଜାମଣ୍ଡଳରେ ସକ୍ରିୟ ଅଂଶଗ୍ରହଣ କରୁଥାନ୍ତି । ୧୯୩୮ ମସିହା ଅକ୍ଟୋବର ମାସ ୧୦ ତାରିଖ । ଦିନ ସାରା ଝିପି ଝିପି ବର୍ଷା । ହାଇଦ୍ରାବାଦୀ ଓ ପଞ୍ଜାବୀ ଫୌଜ ସହ ଦେଶୀୟ ଫୌଜଙ୍କୁ ନେଇ ଗଠିତ ଗୋରାବାହିନୀ ଗୋଡିଡିହି, ଡୁମୁସିଂହା, ପରଜଙ୍ଗ, କନ୍ଦରସିଂହାରେ ନାରକୀୟ ସଂହାର ଲୀଳା ଶେଷ କରି ବ୍ରାହ୍ମଣୀ ନଦୀର ଚଷାପଡା ଘାଟରୁ ଡଙ୍ଗାରେ ଆସି ଭୁବନର ପଶ୍ଚିମ ପାର୍ଶ୍ୱ ସୁଲେଇପାଳ ତୋଟାରେ ଡଙ୍ଗା ରଖି ସନ୍ଧ୍ୟାରେ ଭୁବନ ଗ୍ରାମରେ ପ୍ରବେଶ କଲେ । ଆଠ ଜଣ ପ୍ରଜାମଣ୍ଡଳ କର୍ମୀଙ୍କୁ ବେଆଇନ୍ ଗିରଫଦାରି କରି ଭୁବନ ଥାନାକୁ ଆଣିଲେ । ଏ ଖବର ଭୁବନ ଓ ଏହାର ଆଖପାଖ ଅଞ୍ଚଳରେ ବ୍ୟାପିଗଲା । କର୍ମୀମାନେ ଥାନା ଘେରାଉ କଲେ । ଗିରଫ ପ୍ରଜାମଣ୍ଡଳର କର୍ମୀମାନଙ୍କୁ ଛାଡି ଦେବାପାଇଁ ହୋ ହଲ୍ଲା କଲେ । ଥାନା ଉପରକୁ ଟେକା ପଥର ଫିଙ୍ଗିଲେ । ସୃଷ୍ଟି ହେଲା ପୋଲିସ୍‌ର ନାରକୀୟ କାଣ୍ଡ । ପୋଲିସ୍ ଗୁଳିରେ ସହିଦ୍ ହେଲେ ଗୁରି ନାୟକ । ଗୁରୁତର ଆହତ ହେଲେ ରଘୁ ନାୟକ । ଅନେକ କର୍ମୀ ଖଣ୍ଡିଆ ଖାବରା ହେଲେ । ପାହାନ୍ତା ପ୍ରହର ବେଳକୁ ଫୌଜମାନେ ଢେଙ୍କାନାଳ ଗଡକୁ ଚାଲିଯିବାକୁ ବସିଥିଲେ । ସେମାନଙ୍କ ଠାରୁ ଅସ୍ତ୍ର ଶସ୍ତ୍ର ଛଡାଇ ପ୍ରତିଶୋଧ ନେବା ପାଇଁ ପ୍ରଜାମଣ୍ଡଳ କର୍ମୀମାନେ ଗୋଡାଇଲେ । ଫୌଜମାନେ ନୀଳକଣ୍ଠପୁର ବ୍ରାହ୍ମଣୀ ଘାଟରେ ପହଞ୍ଚି ଡଙ୍ଗାରେ ଆରପାରିକୁ ଯିବାକୁ ବସିଥିଲେ । ସେମାନଙ୍କୁ ଶହ ଶହ ସଂଖ୍ୟାରେ ଲୋକ ଭୁବନ ଗ୍ରାମରୁ ଗୋଡାଇଥାନ୍ତି । ଜୀବନ ସେମାନଙ୍କର ବିପନ୍ନ । ସେତେବେଳେ ଘାଟରେ ଦୁଇଟି ଡଙ୍ଗା ଥିଲା । ଗୋଟିଏ ରାଜ କର୍ମଚାରୀମାନେ ନଦୀ ପାର ହେବାପାଇଁ ଓ ଅନ୍ୟଟି ସାଧାରଣ ଲୋକଙ୍କ ପାଇଁ । ପୂର୍ବରୁ ଫୌଜମାନେ ନୀଳକଣ୍ଠପୁର ଘାଟକୁ ଆସୁଥିବାର ଖବର ପାଇଁ କର୍ମୀମାନେ ରାଜାଙ୍କ ଡଙ୍ଗାକୁ ନଦୀରେ ବୁଡାଇ ଦେଇଥିଲେ । ଅନେକ କର୍ମୀ ସାଧାରଣ ଲୋକଙ୍କ ଡଙ୍ଗାକୁ ଜଗି ରହିଥିଲେ ।

ଫୌଜମାନେ ଘାଟରେ ପହଞ୍ଚି ନଦୀ ପାର କରିଦେବାପାଇଁ କର୍କଶ ସ୍ୱରରେ କହିଲେ । ମାତ୍ର କର୍ମୀମାନଙ୍କ ଗ୍ରହଣରେ ଥିବା ବାର ବର୍ଷର ବାଳକ ବାଜି ରାଉତ ଫୌଜଙ୍କ ନାଲି ଆଖି ଓ ଧମକକୁ ଭୟ ନକରି ଜବାବ ଦେଲେ, 'ପ୍ରଜାମଣ୍ଡଳର ହୁକୁମ ନାହିଁ, ମୁଁ ନଦୀ ପାର କରିପାରିବି ନାହିଁ' । ଛୋଟ ପିଲାଟିର କଣ୍ଠରୁ ପ୍ରଜାମଣ୍ଡଳର ନାଁ ଶୁଣି ଫୌଜମାନେ ରାଗ ଜରଜର ହୋଇ ଡଙ୍ଗା ଉପରକୁ କୁଦି ପଡିଲେ । ବାଜିରାଉତଙ୍କ ହାତରୁ ଡଙ୍ଗା କାତକୁ ଛଡାଇ ନେଇ ତାଙ୍କୁ ନଦୀ କୂଳକୁ ଠେଲିଦେଲେ । ଫୌଜମାନେ ଡଙ୍ଗା ବାହି ପଳାଇ ଯିବାକୁ ଉଦ୍ୟମ କରୁଥିବା ବେଳେ ଡଙ୍ଗା ଦଉଡିକୁ କର୍ମୀମାନେ ଭିଡି ଧରିଲେ । ଜୀବନ ବଞ୍ଚାଇବାପାଇଁ ନଦୀ ପାର ହୋଇ ନିଜିଗଡକୁ ପଳାଇ ଯିବାକୁ ଉଦ୍ୟମ କରୁଥିବା ଫୌଜମାନେ କର୍ମୀଙ୍କ ଉପରକୁ ଗୁଳି ବର୍ଷଣ କଲେ । ଏଥିରେ ଟିକି ବାଳକ ବାଜିରାଉତଙ୍କ ସମେତ ହୁରୁଷି ପ୍ରଧାନ, ନଟ ମଳିକ, ଫଗୁ, ଲକ୍ଷ୍ମଣ ମଳିକ ପ୍ରମୁଖ ଚାରି ଜଣ ମୃତ୍ୟୁବରଣ କଲେ । ସ୍ୱୟଂ ପାଇଁ ନୁହେଁ ସମୂହର କଥା ଭାବୁଥିବା ଛୋଟ ବଳିତା ଥିଲେ ବାଜି ରାଉତ ।

**ମୋ-୯୪୩୭୭୨୯୩୮୪**

# ଅଧିକ ଏକ୍ସରସାଇଜରୁ ଛାତି ଯନ୍ତ୍ରଣା

ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର

ଆଜିକାଲି ପିଲାଙ୍କ ଠାରୁ ବୟସ୍କ ଅନେକେ ନିଜ ଶାରୀରିକ ସାମର୍ଥ୍ୟ ବଢ଼ାଇବା ପାଇଁ ପ୍ରାୟତଃ ବ୍ୟାୟାମ ବା ଏକ୍ସରସାଇଜ କରିଥାନ୍ତି । କିନ୍ତୁ ଏହାର ଅତ୍ୟଧିକତା ଆମକୁ ଅସୁବିଧାରେ ପକାଇପାରେ । ଆମ ଓଡ଼ିଆରେ ଏକ ଲୋକପ୍ରିୟ କଥା ରହିଛି-'ଜଳ ବହୁଳେ ସୃଷ୍ଟିନାଶ, ଜଳ ବିହୁନେ ସୃଷ୍ଟି ନାଶ'। ଏହାର ଅର୍ଥ ତ ଆମେ ପ୍ରାୟତଃ ସଭିଏଁ ଜାଣନ୍ତି । ସେହିଭଳି ଆମ ଶାରୀରିକ ସାମର୍ଥ୍ୟ ପାଇଁ ଯେତିକି ଏକ୍ସରସାଇଜ ବା ବ୍ୟାୟାମ ଦରକାର ସେତିକି ଆମେମାନେ କରିବା ଆବଶ୍ୟକ ।

ଅନାବଶ୍ୟକ ଭାବେ ଶରୀରରୁ ଶକ୍ତି କ୍ଷୟ କରି ଏକ୍ସରସାଇଜ କରିବା ଦ୍ୱାରା ଅନେକ ଅନାବଶ୍ୟକ ଓ ଶରୀର ପାଇଁ କ୍ଷତିକାରୀ ସମସ୍ୟା ସୃଷ୍ଟି ହୋଇଥାଏ । ଚିକିତ୍ସା ବିଜ୍ଞାନରେ ହୃଦୟ ମାଂସପେଶୀରେ ରକ୍ତ ସଞ୍ଚାଳନ କମ୍ ହେଲେ ଆଞ୍ଜାଇନା ହୁଏ । ଏହା ରକ୍ତ ଶରୀରରେ ଅମ୍ଳଜାନ ବହନ କରିବାର କାର୍ଯ୍ୟ କରିଥାଏ । ହୃଦର ମାଂସପେଶୀ ମଧ୍ୟ ଅମ୍ଳଜାନ ଆବଶ୍ୟକତା କରେ । ଯେତେବେଳେ ହୃଦ ମାଂସପେଶୀ ଯଥେଷ୍ଟ ଅମ୍ଳଜାନ ପାଏ ନାହିଁ, ଏହା ଇସକେମିଆ ନାମକ ଏକ ଅବସ୍ଥା ସୃଷ୍ଟି କରେ । ଏହି ଅବସ୍ଥାରେ ଆଞ୍ଜାଇନା ସମସ୍ୟା ସୃଷ୍ଟି ହୋଇଥାଏ ।

ଅନେକ ହୁଏତ ଜାଣିନଥାନ୍ତି, ଆଞ୍ଜାଇନାରେ ଛାତି ଯନ୍ତ୍ରଣା ଏକ ମୁଖ୍ୟ ସମସ୍ୟା । ଏହା ବ୍ୟତୀତ ବେକ ଓ କାନ୍ଧ ଯନ୍ତ୍ରଣା, ପେଟ ଜ୍ୱଳନ, ଝାଳ ବାହାରିବା, ଅସ୍ତବ୍ୟସ୍ତ ଲାଗିବା ମୁଣ୍ଡ ବୁଲାଇବା, ଦେହ ଥରିବା, ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା, ମୁଖରେ ଦରଜ ଅନୁଭବ ହେବା ଓ ପିଠିରେ ଯନ୍ତ୍ରଣା ଆଦି ହୋଇଥାଏ ।

ଅତ୍ୟଧିକ ଏକ୍ସରସାଇଜ ଏହାର ମୁଖ୍ୟ କାରଣ ହୋଇଥାଏ । ଏହା ବ୍ୟତୀତ ଅଧିକ ସମୟ ଥଣ୍ଡା ସ୍ଥାନରେ ରହିଲେ, ତମାଖୁ ସେବନ କଲେ, ମଧୁମେହ ଥିଲେ, ଉଚ୍ଚ ରକ୍ତଚାପ, ହାଇ କୋଲେଷ୍ଟ୍ରୋଲ ଥିଲେ ଏବଂ ଇମୋସନ ଷ୍ଟ୍ରେସରେ ରହିଲେ ଆଞ୍ଜାଇନା ସମସ୍ୟା ଦେଖାଯାଏ । ବିଶ୍ରାମ ନେଲେ ସମସ୍ୟା ଦୂର ହୋଇଯାଏ । ଯନ୍ତ୍ରଣାର ସମୟକୁ ଦୃଷ୍ଟିରେ ରଖି ଆଞ୍ଜାଇନାକୁ ୩ ଭାଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା-ଷ୍ଟେବଲ ଆଞ୍ଜାଇନା, ଅନଷ୍ଟେବଲ ଆଞ୍ଜାଇନା ଏବଂ ଭାରିଆ ଆଞ୍ଜାଇନା।

ଗୋଟିଏ ଛୋଟିଆ ପରାମର୍ଶକୁ ଗ୍ରହଣ କରନ୍ତୁ । ଅଳ୍ପ ସମୟ ବିଶ୍ରାମ ନେଲେ ଷ୍ଟେବଲ ଆଞ୍ଜାଇନା ସମସ୍ୟା ଦୂର ହେଉଥିଲାବେଳେ, ଅନଷ୍ଟେବଲ ଆଞ୍ଜାଇନାରେ ୨୦ରୁ ୪୦ ମିନିଟ ପର୍ଯ୍ୟନ୍ତ ବିଶ୍ରାମ ନେବାକୁ ପଡ଼ିଥାଏ । କେତେକ କ୍ଷେତ୍ରରେ ଏହି ସମସ୍ୟା ଭଲ ହେବାରେ ଦୁଇଦିନ ସମୟ ଲାଗିଯାଏ । ଏହି ଅବସ୍ଥାକୁ ଭାରିଆଣ୍ଟ ଆଞ୍ଜାଇନା କୁହନ୍ତି ।

ଭାରିଆଣ୍ଟ ଆଞ୍ଜାଇନାର ସମସ୍ୟା କଷ୍ଟକର ହୋଇଥାଏ । ଏଥିରେ ଅସହ୍ୟ ଛାତି ଯନ୍ତ୍ରଣା ସହ ଅନ୍ୟାନ୍ୟ ଶାରୀରିକ ସମସ୍ୟା ଦେଖାଯାଏ । ଉପଶମ ଲାଗି ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ସେବନ ସହ ବହୁ ଦିନ ପର୍ଯ୍ୟନ୍ତ ବିଶ୍ରାମ ନେବାକୁ ହୋଇଥାଏ । ଅତ୍ୟଧିକ ବ୍ୟାୟାମ କରନ୍ତୁ ନାହିଁ । ନିୟମିତ ବ୍ୟବଧାନରେ ହୃଦରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ସୁଷମ ଖାଦ୍ୟ ଓ ଯଥାସମ୍ଭବ ନିରାମିଷ ଖାଦ୍ୟ ଭଲ । ସବୁଜ ପନିପରିବା ଓ ତଟକା ଫଳ ଖୁବ୍ ଭଲ । ନିର୍ଦ୍ଧାରିତ ସମୟରେ ଖାଇବା ଓ ଶୋଇବା ଉପରେ ଧ୍ୟାନ ଦେବା ଆବଶ୍ୟକ । କୌଣସି ପରିସ୍ଥିତିରେ ଦେଶୀୟ ଚିକିତ୍ସାକୁ ଗ୍ରହଣ କରନ୍ତୁ ନାହିଁ । ସଦାସର୍ବଦା ନିକଟସ୍ଥ ସରକାରୀ ଡାକ୍ତରଖାନାର ସୁଯୋଗ ନେବା ଆବଶ୍ୟକ । ବ୍ୟାୟାମ କରୁଥିଲେ ଅଭିଜ୍ଞ ଓ ପ୍ରଶିକ୍ଷିତ ଟ୍ରେନରଙ୍କ ଠାରୁ ଶିକ୍ଷା ଗ୍ରହଣ କରିବା ଆବଶ୍ୟକ । ଅଧିକ ଏକ୍ସରସାଇଜ କେବଳ ହୃଦରୋଗ ନୁହେଁ ହୃଦରୋଗ ସମ୍ପର୍କିତ ଅନେକ ରୋଗ ପାଇଁ କାରଣ ସାଜିଥାଏ । ତେଣୁ ଏ କ୍ଷେତ୍ରରେ ନିଜେ ନିଜ ହୃଦୟକୁ ସୁରକ୍ଷିତ ରଖି ଆପଣ ଯେ ଆପଣଙ୍କ ହୃଦୟକୁ ଭଲ ପାଆନ୍ତି ତାହା ପ୍ରମାଣିତ କରନ୍ତୁ।

**ପ୍ରଫେସର, ହୃଦ୍‌ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସ୍ୱଚ୍ଛ...

୨୦୨୫-୨୬ ପାଇଁ ଖାଦ୍ୟ ଓ ଧାନ ସଂରକ୍ଷଣ ନୀତିକୁ ଅନୁମୋଦନ କରାଯାଇଛି । ୨୦୨୫-୨୬ ଖରିଫ ବିପଣନ ବର୍ଷ ଲାଗି ୬୩ ଲକ୍ଷ ଟନ୍ ଚାଉଳ ସଂଗ୍ରହ କରିବାର ଲକ୍ଷ୍ୟ ରଖାଯାଇଛି । ଧାନ ହିସାବରେ ୯୩ ଲକ୍ଷ ଟନ୍ ଧାନ ସରକାର କିଣିବେ । ନଭେମ୍ବର ୨୦୨୫ରୁ ମାର୍ଚ୍ଚ ୨୦୨୬ ମଧ୍ୟରେ ଖରିଫ ଧାନ ମେ' ୨୦୨୬ ରୁ ଜୁନ୍ ୨୦୨୬ ମଧ୍ୟରେ ରବି ଧାନ କିଣାଯାଇପାରିବ । ଓଡ଼ିଶା ଯୋଗାଣ ନିଗମ ସମସ୍ତ ଜିଲ୍ଲାରେ ଧାନ ସଂଗ୍ରହ କରିବ । ବାହାର ରାଜ୍ୟର ଧାନ ଅନୁପ୍ରବେଶକୁ ରୋକାଯିବ । ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ସାଧାରଣ ଧାନ ଲାଗି ୨୩୬୯ ଓ ଗ୍ରେଡ୍ ଏ ଧାନ ଲାଗି ୨୩୮୯ ଟଙ୍କା ପ୍ରଦାନ କରାଯିବ । ଏହାଛଡା ସ୍ୱଚ୍ଛ ଓଡ଼ିଶା ଯୋଜନାର ୫ ବର୍ଷର ଅବଧି ଲାଗି ୧୬୦୦ କୋଟି ଟଙ୍କା ଅନୁମୋଦନ କରାଯାଇଛି । ଅନ୍ତଃନଦୀ ଜଳାଶ୍ରୟ ପ୍ରକଳ୍ପ ଯୋଜନା ଲାଗି ୫ ବର୍ଷ ନିମନ୍ତେ ୧୯୯୪୧ କୋଟି ଟଙ୍କା ବୃଦ୍ଧିକୁ ଅନୁମୋଦନ ମିଳିଛି । ଅନ୍ତଃରାଜ୍ୟ ନଦୀ ସଂଯୋଗକରଣ ଯୋଜନାକୁ ୫ ବର୍ଷ ଲାଗି ଅନୁମୋଦନ କରାଯାଇଛି । ଏ ବାବଦରେ ୧୭୯୦ କୋଟି ଟଙ୍କାକୁ ଅନୁମୋଦନ କରାଯାଇଛି । ଏଥିରେ ବାହୁଡା ଋଷିକୁଲ୍ୟା ଅବବାହିକା ସଂଯୋଗୀକରଣ ପ୍ରକଳ୍ପ, କାଟ୍ରା ସଂଯୋଗୀକରଣ ପ୍ରକଳ୍ପ, ତେଲେଙ୍ଗିର ଅପରକୋଲାବ ସଂଯୋଗୀକରଣ ପ୍ରକଳ୍ପ, ବାହୁଡା ବାମ୍ପରା ସଂଯୋଗୀକରଣ ପ୍ରକଳ୍ପ ଓ ଅଙ୍ଗ ସୁକତେଲ ଗାର୍ଲାଣ୍ଡ କେନାଲ ପ୍ରକଳ୍ପ ରହିଛି । ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନାରେ ୫ ବର୍ଷ ଲାଗି ୧୪୩୭ କୋଟି ଟଙ୍କା ବ୍ୟୟକୁ ଅନୁମୋଦନ କରାଯାଇଛି । ପାର୍ବତିଗିରୀ ବୃହତ୍ତ ଉଠା ଜଳସେଚନର ଦ୍ୱିତୀୟ ପର୍ଯ୍ୟାୟ ଯୋଜନାକୁ ଅନୁମୋଦନ କରାଯାଇଛି । ଉକ୍ତ ଯୋଜନା ମାଧ୍ୟମରେ ୧୦ ହଜାର ୭୫୯ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ଓଡ଼ିଶା ଜିଲ୍ଲା ଏବଂ ଦେୱାନୀ କୋର୍ଟର ବିଚାର ବିଭାଗୀୟ କର୍ମଚାରୀଙ୍କ ସେବା ନିୟମରେ ସଂଶୋଧନ କରାଯାଇଛି । ଓଡ଼ିଶା ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ ସଂଶୋଧନ ନିୟମ ୨୦୨୫କୁ ଅନୁମୋଦନ କରାଯାଇଛି । ଓଡ଼ିଶା ମଧ୍ୟରେ ହେଉଥିବା ସମସ୍ତ ଜନ୍ମ, ମୃତ୍ୟୁ ଏବଂ ମୃତ ଜାତକମାନଙ୍କ ପଞ୍ଜିକରଣ ତଦନୁଯାୟୀ କରାଯିବ । ଗଣଶିକ୍ଷା ବିଭାଗରେ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ୧୮୫୦୦ ଟନ୍ ଓ ୭୦ ଜିଏସ୍ଏମ୍ ମାପ୍ଲିତୋ ରିଲ୍ ପେପର, ୧୩୦୦ ଟନ୍ ୧୭୦ ଜିଏସ୍ଏମ୍ ଗ୍ଲସିଆର୍ଟ କଭର ପେପର କିଣିବା ପାଇଁ ନିଷ୍ପତ୍ତି ହୋଇଛି । କ୍ରୟର ଆନୁମାନିକ ମୂଲ୍ୟ ୧୬୩ କୋଟି ଟଙ୍କା ଅନୁମୋଦନ କରାଯାଇଛି ।

ସେହିଭଳି ଛୋଟ ଅପରାଧକୁ ଅପରାଧ ମୁକ୍ତ କରିବା ଓ ବିଶ୍ୱାସ ଭିତ୍ତିକ ଶାସନକୁ ସୁଦୃଢ଼ କରିବା ପାଇଁ ଓଡ଼ିଶା ଜନ ବିଶ୍ୱାସ ଅଧ୍ୟାଦେଶ ୨୦୨୫କୁ ଅନୁମୋଦନ କରାଯାଇଛି । ଏଥିରେ ୧୬ଟି ବୈଶିଷ୍ଟ ରହିଛି । ଏହି ସଂସ୍କାରଗୁଡ଼ିକ ଦ୍ୱାରା ବ୍ୟବସାୟ କରିବାର ସହଜତା ଏବଂ ଜୀବନ ଧାରଣର ସହଜତା ବୃଦ୍ଧି ହେବ । ବିକଶିତ ଓଡ଼ିଶା ଆଡକୁ ଅଗ୍ରସର ହେଉଥିବାବେଳେ ଏହି ଅଧ୍ୟାଦେଶ ସୁଶାସନ, ନାଗରିକ ଅନୁକୁଳ ଆଇନ୍ ଏବଂ ନିବେଶକଙ୍କ ବିଶ୍ୱାସ ସହ ମିଳିମିଶି କାର୍ଯ୍ୟ କରିବ ।

## ମାରିଆ...

ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ଇନ୍ଷ୍ଟାଗ୍ରାମରେ ସେ ଲେଖିଛନ୍ତି ଯେ ସମସ୍ତ ଭେନେଜୁଏଲାରଙ୍କ ସଂଘର୍ଷର ଏହି ସ୍ୱୀକୃତି ଆମର କାର୍ଯ୍ୟ ସମାପ୍ତ କରିବା ପାଇଁ ଏକ ପ୍ରେରଣା । ଆମେ ବିଜୟ ଦ୍ୱାର ଦେଶରେ ଅଛୁ । ପୂର୍ବ ଅପେକ୍ଷା ଅଧିକ ସ୍ୱାଧୀନତା ଏବଂ ଗଣତନ୍ତ୍ର ହାସଲ କରିବା ପାଇଁ ଆମେ ରାଷ୍ଟ୍ରପ୍ରତି ଟ୍ରମ୍ପ, ଆମେରିକା, ଲାଟିନ୍ ଆମେରିକାର ଲୋକମାନେ ଏବଂ ବିଶ୍ୱର ଗଣତାନ୍ତ୍ରିକ ଦେଶଗୁଡ଼ିକୁ ଆମର ମୁଖ୍ୟ ସହଯୋଗୀ ଭାବେ ଭରସା କରୁ ।

ନୋବେଲ କମିଟି ପକ୍ଷରୁ କୁହାଯାଇଛି ଯେ ଭେନେଜୁଏଲାର ଲୋକଙ୍କ ପାଇଁ ଗଣତାନ୍ତ୍ରିକ ଅଧିକାରର ପ୍ରୋତ୍ସାହିତ କରିବାରେ ମାଚାଡାଙ୍କ ଅକ୍ଲାନ୍ତ ପରିଶ୍ରମ କରିବା ପାଇଁ ତାଙ୍କୁ ଏହି ସ୍ୱିକୃତି ଦିଆଯାଇଛି । ଭେନେଜୁଏଲାର ଗଣତାନ୍ତ୍ରିକ ଅଧିକାର ରକ୍ଷା କରିବା ଓ ଦେଶର ଏକଛତ୍ରବାଦକୁ ଗଣତାନ୍ତ୍ରକୁ ନ୍ୟାୟପୂର୍ଣ୍ଣ ଓ ଶାନ୍ତିପୂର୍ଣ୍ଣ କରିବା ଲାଗି ତାଙ୍କ ସଂଘର୍ଷକୁ ସର୍ବୋଚ୍ଚ ପୁରସ୍କାରରେ ସମ୍ମାନିତ କରାଯାଉଛି । ତାଙ୍କ ଜୀବନ ପ୍ରତି ବିପଦ ଥିବା ସତ୍ତ୍ୱେ ସେ ଦେଶରେ ରହିଥିଲେ । ତାଙ୍କ ସମ୍ମାନ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଦେବ । ୧୯୬୭ ଅକ୍ଟୋବର ୭ରେ କାରକାସରେ ମାରିଆ ଜନ୍ମଗ୍ରହଣ କରିଥିଲେ । ମନସ୍ତତବିତ୍ କୋରିନା ପାରିସ୍କା ଓ ବ୍ୟବସାୟୀ ହେନରିକ ମାଚାଡା ବଡଝିଅ ତାଙ୍କ ରାଜନୈତିକ କ୍ୟାରିୟର ବ୍ୟତୀତ ସେ ଜଣେ ଦକ୍ଷ ଇଞ୍ଜିନିୟର ଏବଂ ଜଣେ ଉତ୍ସର୍ଗୀକୃତ ମାନବଧିକାର ପ୍ରବକ୍ତ ୨୦୦୨ରେ ସେ ରାଜନୀତିରେ ପ୍ରବେଶ କରିଥିଲେ । ସୁମୋଟ୍ ନାମକ ଏକ ସଂଗଠନର ସେ ମଧ୍ୟ ସହ ପ୍ରତିଷ୍ଠାତା ଥିଲେ । ୨୦୧୩ରେ ଏକ ଉଦାରବାଦୀ ରାଜନୈତିକ ଦଳ ଭେଣ୍ଟେଭେନୁଜୁଆଲା ଏବଂ ଏହାର ଜାତୀୟ ସଂଯୋଜକ ଥିଲେ । ଗଣତନ୍ତ୍ର, ମାନବାଧିକାର ଏବଂ ଆଇନର ଶାସନକୁ ସମର୍ଥନ କରିଥିଲେ । ୧୯୯୨ରେ ଅଟେନିଆ ଫାଉଣ୍ଡେସନ ପ୍ରତିଷ୍ଠା କରିଥିଲେ । ଯାହା କାରକାସର ରାସ୍ତାରେ ରହୁଥିବା ପିଲାମାନଙ୍କ ଜୀବନକୁ ଉନ୍ନତ କରିବା ପାଇଁ କାର୍ଯ୍ୟ କରିଥାଏ । ଏହାର ୧୦ ବର୍ଷ ପରେ ସୁମାଟୋ ପ୍ରତିଷ୍ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ୧୧ରୁ ୨୦୧୪ ପର୍ଯ୍ୟନ୍ତ ଭେନେଜୁଆଲା ନ୍ୟାସନାଲ ଆଲେମ୍ବିର ନିର୍ବାଚିତ ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ । ଭେନେଜୁଆଲାର ବର୍ତ୍ତମାନ ସରକାରର ବିପକ୍ଷ ଲୋକତାନ୍ତ୍ରିକ ଆନ୍ଦୋଳନର ସେ ନେତୃତ୍ୱ ନେଉଛନ୍ତି ।

## ନିକଟରୁ...

ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୁଲିସ ଚଢଉ ଜାରି ରଖିଛି । ଏହା ପଛରେ ସୁପାରି କିଲିଂ ରହିଥିବା ସନ୍ଦେହ କରାଯାଉଥିବା ବେଳେ ପୁଲିସ ବିଭିନ୍ନ ଦିଗରୁ ତଦନ୍ତକୁ ଆଗକୁ ନେଉଛି । ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟବ୍ୟାପୀ ଆଇନଜୀବୀମାନେ ଆନ୍ଦୋଳନ କରିଥିଲେ । ୪ ଦିନ ପରେ ବି ପୋଲିସ ଏଯାଏଁ ହତ୍ୟାକାରୀଙ୍କୁ ଖୋଜି ପାରିନି । ତିନି ଦିନ ଧରି ବିଭିନ୍ନ ଦିଗରେ ତଦନ୍ତ ଜାରି ଥିଲେ ବି ଆତତାୟୀଙ୍କ ଟେର୍ ମିଳୁନି । ହତ୍ୟାକାଣ୍ଡ ଭିଆଇ ୨ ଦୁର୍ବୃତ୍ତ କୁଆଡ଼େ ଗଲେ କିଛି ଜଣାପଡୁନି । ତଦନ୍ତକୁ ନେଇ ପୁଲିସ ନିରବ ଥିବା ବେଳେ ଗତକାଲି ସଂଧ୍ୟାରେ ଜଣେ ଡିଏସ୍ପିଙ୍କ ନେତୃତ୍ୱରେ ପୋଲିସର ଏକ ୬ଜଣିଆ ଟିମ୍ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଇଛି । ଏହି କ୍ରମରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ହେଲେ ଏହି ଘଟଣା ପଛରେ କାହାର ହାତ ଓ କିଏ ଏହି ଘଟଣାରେ ସମ୍ପୃକ୍ତ ସେନେଇ ତାଙ୍କ ପାର୍କ ସାହି ସ୍ଥିତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ୫୦ ଟି ସିସିଟିଭି ଫୁଟେଜ ଓ ୫୦ରୁ ଉର୍ଦ୍ଧ୍ୱ ସହକର୍ମୀ, ନିକଟସ୍ଥ ଦୋକାନର ମାଲିକ, କର୍ମଚାରୀ ଓ ସେହି ଦିନ ରାସ୍ତାରେ ଯାଉଥିବା ଲୋକଙ୍କ ଗତିବିଧିକୁ ଅନୁଧ୍ୟାନ କରି ସେମାନଙ୍କୁ ଧରି ଜେରା କରାଯାଉଥିବା ବ୍ରହ୍ମପୁର ଏସପି ଡ ଶ୍ରବଣ ବିବେକ ଏମ ସୂଚନା ଦେଇଛନ୍ତି । ଏହି ଘଟଣାରେ କାହାର ସମ୍ପୃକ୍ତି ରହିଛି ତାହାର ଖୁଲାସା କରିବାକୁ ଏକ ଦାମି କାର ଉପରେ ସନ୍ଦେହ କରି ଡାକି ତଦନ୍ତ କରାଯାଇଛି । ଏହି ଘଟଣାରେ ୬ରୁ ୭ ଜଣଙ୍କ ଉପରେ ତିକ୍ଷ୍ଣ ନଜର ରଖାଯାଇଛି । ଗୁଳି ଅତି ନିକଟରୁ ବାଜିଥିବାରୁ ଅତ୍ୟଧିକ ରକ୍ତ ସ୍ରାବ ଓ ଅତ୍ୟଧିକ ଭୟରୁ ମୃତ୍ୟୁ ହୋଇଛି ବୋଲି ଏଏମଟି ରିପୋର୍ଟରୁ ସୂଚନା ମିଳିଛି । ଏହି ହତ୍ୟା ମାମଲାରେ ୭ ଜଣ ଅଟକ ଥିବା ସୂଚନା ମିଳିଛି ।

## ୫ ବର୍ଷରୁ...

ସବୁ ବେଳେ ବାହ୍ୟ ଔଷଧ ପ୍ରୟୋଗର ବିଶେଷ ଆବଶ୍ୟକତା ନାହିଁ । ଅପରପକ୍ଷରେ ଶରୀର ପର୍ଯ୍ୟାପ୍ତ ଆଡିକୁଏଡ ହାଇଡ୍ରେସନ, ବିଶ୍ରାମ୍ ଏବଂ ଆନୁସଙ୍ଗିକ ସହାୟକ ଉପରେ ଅଗ୍ରାଧିକାର ଦିଆଯିବା ଦରକାର । ଥଣ୍ଡା ଓ କଫ ପାଇଁ ଥିବା ସିରଫ ଉପଯୁକ୍ତ ପରୀକ୍ଷା ସଂପୃକ୍ତ ପିଲାର ସ୍ୱାସ୍ଥ୍ୟର ସଠିକ ଆକଳନ ଆଦି ଡାକ୍ତରଙ୍କ ସିଧାସଳଖ ତତ୍ତ୍ୱାବଧାନରେ କରାଯିବା ଦରକାର । ପିଲା କେତେ ମାତ୍ରାରେ ଔଷଧ କେତେ ଥର ଓ କେତେ ବେଳେ ଖାଇବ ତାହା ମଧ୍ୟ ଡାକ୍ତରଙ୍କ ପରାମର୍ଶ ଅନୁସାରେ ନିର୍ଦ୍ଧାରିତ ହେବା ଆବଶ୍ୟକ । ଶିଶୁରୋଗ ଚିକିତ୍ସା ଓ ଔଷଧ ବଣ୍ଟନ କରୁଥିବା ସମସ୍ତ ସରକାରୀ ଓ ଘରୋଇ ଚିକିତ୍ସାଳୟମାନଙ୍କୁ ଏହି ପରାମର୍ଶର ଅନୁପାଳନ ନିମନ୍ତେ କୁହାଯାଉଛି । ପିତା-ମାତା, ତତ୍ତ୍ୱାବଧାରକ ଏବଂ ଜନସାଧାରଣଙ୍କୁ ଏ ବିଷୟରେ ସଚେତନତା କରାଇବା ସହ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଓ ଚିକିତ୍ସାଳୟମାନଙ୍କରେ ଏହାର ଅନୁପାଳନ ନିଶ୍ଚିତ କରାଇବା ପାଇଁ ରାଜ୍ୟ ସରକାରମାନଙ୍କୁ କୁହାଯାଉଛି । ତଦନୁଯାୟୀ ଓଡ଼ିଶା ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶାଳୟ ତରଫରୁ ସମସ୍ତ ମେଡ଼ିକାଲ କଲେଜ, ହସ୍ପିଟାଲ ଅଧିକକ୍ଷ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ , ଶୁଶି ଚିକିତ୍ସା ବିଶେଷଜ୍ଞ ସଂଘ, ଓଡ଼ିଶା ମେଡ଼ିକାଲ ସେବା ସଂଘ ଆଦିକୁ ପରାମର୍ଶ ଦିଆଯାଇଛି ।

## ଦିଲ୍ଲୀରୁ...

୧୨ରେ ଓଡ଼ିଶା ଫେରିଥିଲେ । ନବୀନ ନିବାସରେ ସେ ବିଶ୍ରାମ ନେଉଥିଲେ । ତେବେ ଡିହାଇଡ୍ରେସନ୍ କାରଣରୁ ଅଗଷ୍ଟ ୧୭ରେ ସେ ଭୁବନେଶ୍ୱରର ସମ୍ ଅଲ୍ଟିମେଟ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ସେଠାରୁ ସୁସ୍ଥ ହେବାପରେ ବିଶ୍ରାମ ପାଇଁ ନବୀନ ଦିଲ୍ଲୀ ଯାଇଥିଲେ । ଆଗକୁ ନୂଆପଡା ବିଧାନସଭା ଉପନିର୍ବାଚନ । ଏହାଛଡା ବିଜେଡିର ମାସେ ବ୍ୟାପୀ ପଦଯାତ୍ରା ଆରମ୍ଭ ହୋଇଛି । ନବୀନଙ୍କ ଅନୁପସ୍ଥିତିକୁ ନେଇ ବିଭିନ୍ନ ମହଲରେ ଗୁଞ୍ଜରଣ ପ୍ରକାଶ ପାଇଥିଲା । ଏବେ ସେ ଦିଲ୍ଲୀରୁ ଫେରିଥିବାରୁ ତାଙ୍କର ଆଗାମୀ ଦିନର କାର୍ଯ୍ୟକ୍ରମ ଉପରେ ସଭିଙ୍କ ନଜର ରହିଛି ।

## ଆଇଏଏସ୍...

ଶୁଭଶ୍ରୀ ନନ୍ଦଙ୍କୁ ଯୋଜନା ଓ ସଂଯୋଜନା ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତ ଦିଆଯାଇଥିବା ବେଳେ ଭୁବନେଶ୍ୱର ମହାନଗର ନିଗମର କମିଶନର ଥିବା ଚଞ୍ଚଳ ରଣାଙ୍କୁ ବିଡ଼ିଏର ଓ ଭୁବନେଶ୍ୱର ସ୍ମାର୍ଟସିଟିର ଉପାଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ପ୍ରେମଜିତ ନାୟକଙ୍କୁ ଅନୁସୂଚୀତ ଜନଜାତିର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଦୀପଙ୍କର ମହାପାତ୍ରଙ୍କୁ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି । ପ୍ରଣତୀ ଛୋଟରାୟଙ୍କୁ ଗୃହବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତ ଦିଆଯାଇଥିବା ବେଳେ ନିବେଦିତା ପୃଷ୍ଟିଙ୍କୁ ବୟାନିକା ପରିଚାଳନା ନିର୍ଦ୍ଦେଶକ ନିଯୁକ୍ତ ଦିଆଯାଇଛି । ଏହା ଛଡା ମଧୁସ୍ମିତା ସାମଲଙ୍କୁ ପଞ୍ଚାୟତରାଜ ଓ ପନୀୟ ଜଳ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସଞ୍ଜୟ କୁମାର ବିଶ୍ୱାଳଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଓ କାହ୍ନୁ ଚରଣ ଧୀରଙ୍କୁ ଲଘୁ ଖଣିଜ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି ।

# ଜେଏସଡବ୍ଲୁ ସିମେଣ୍ଟ ପକ୍ଷରୁ ସମ୍ବଲପୁରରେ ଏକ ନୂତନ ୟୁନିଟ୍ କାର୍ଯ୍ୟକ୍ଷମ

ଭୁବନେଶ୍ୱର (ସବ୍ୟୁ) : ୨୩ ବିଲିୟନ ଆମେରିକୀୟ ଡଲାରର ବିବିଧ-ଜେଏସଡବ୍ଲୁ ଗ୍ରୁପ୍‌ର ଏକ ଅଂଶ, ଜେଏସଡବ୍ଲୁସିମେ, ଏହାର ସହାୟକ ଶିବା ସିମେଣ୍ଟ ମାଧ୍ୟମରେ, ଓଡ଼ିଶାର ସମ୍ବଲପୁରରେ ଏକ ନୂତନ ଅତ୍ୟାଧୁନିକ ସିମେଣ୍ଟ ଗ୍ରାଇଣ୍ଡିଂୟୁନିଟ୍ କାର୍ଯ୍ୟକ୍ଷମ କରିଛି । କମ୍ପାନୀର ରଣନୀତି ଅନୁଯାୟୀ, ପୂର୍ବ ଭାରତରେ ଏହାର ବଜାର ଉପସ୍ଥିତିକୁ ସୁଦୃଢ଼ କରିବା ଏବଂ ଏହି ଅଞ୍ଚଳରେବର୍ଦ୍ଧିତ ଚାହିଦା ପୂରଣ କରିବା ପାଇଁ କମ୍ପାନୀର ଅଧିକାଂଶ ମାଲିକାନା ଥିବା ସହାୟକ ଶିବା ସିମେଣ୍ଟ ଦ୍ୱାରା ଭୂଷଣ ପାଓ୍ୱାର ଆଣ୍ଡ ଷ୍ଟିଲ୍ ଲିମିଟେଡ୍ (ବିପିଏସଏଲ) ସହିତ ଏକ ବାଣିଜ୍ୟିକ ଚୁକ୍ତି ଅଧୀନରେ ଆର୍ଥିକ ସହାୟତା ଏବଂ ତଦାରଖ ସ୍ୱାକ୍ଷର କରାଯାଇଛି । ଯାହା ଫଳରେ ଶିବ ସିମେ ଉତ୍ପାଦନ କ୍ଷମତା ୧.୦ ଏମଟିପିଏ ସହିତ, ଜେଏସଡବ୍ଲୁସିମେ ମୋଟ ସ୍ଥାପିତ କ୍ଷମତା ୨୧.୬ ଏମଟିପିଏରେ ପହଞ୍ଚିଛି ।

# ନୂତନ ଡିଜିଟାଲ ପେମେଣ୍ଟ ନବସୃଜନର ଶୁଭାରମ୍ଭ

ଭୁବନେଶ୍ୱର (ସବ ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ଟି ରବି ଶଙ୍କର ଗ୍ଲୋବାଲ ଫିନଟେକ ଫେଷ୍ଟ ୨୦୨୫ରେ ୩ଟି ପ୍ରମୁଖଡିଜିଟାଲ ପେମେଣ୍ଟ ନବସୃଜନର ଶୁଭାରମ୍ଭ କରିଛନ୍ତି । ସେଗୁଡିକ ହେଉଛିୟୁପିଆଇ ମଲଫି-ସିଗ୍ନେଟରି, ୟୁପିଆଇ ଲାଇଟ୍ ବ୍ୟବହାର କରିଓୟରେବଲ୍ ଗ୍ଲାସ ମାଧ୍ୟମରେ ଛୋଟ ମୂଲ୍ୟର ନେଣଦେଣ ଏବଂ ଭାରତ କନେକଫରେ ବିଦେଶୀ ମୁଦ୍ରା । ୟୁପିଆଇରେ ମଲଫି-ସିଗ୍ନେଟରି/ଯୌଥ ଆକାଉ୍ ସକ୍ଷମ କରୁଛି ଯେଉଁଥରେୟୁପିଆଇ ପେମେ୍ ନିରବଚ୍ଛିନ୍ନ ଭାବରେ କରିବା ପାଇଁ ଗୋଟିଏ କିମ୍ବା ଏକାଧିକ ବ୍ୟବହାରକାରୀଙ୍କ ଅନୁମୋଦନ ଆବଶ୍ୟକ । ସେମାନେ ଲିଙ୍କ୍ ହୋଇଥିବା ବ୍ୟାଙ୍କ ଆକାଉ୍ ପରିଚାଳନା ପାଇଁ ଯେକୌଣସି ୟୁପିଆଇ ଆପ ବ୍ୟବହାର କରିପାରିବେ ଯାହା ପ୍ରକ୍ରିୟାକୁ ଅଧିକ ସୁବିଧାଜନକ, ଚିନ୍ତାମୁକ୍ତ ଏବଂ କାରବାରର ଗତି ବୃଦ୍ଧି କରିବ । ଏହା ସମ୍ପୂର୍ଣ୍ଣ ଇରଅପରେବିଲିଟି ହୋଇଥିବାରୁ ପ୍ରଥମ ଥର ବ୍ୟବହାରକାରୀମାନଙ୍କୁ ଯେକୌଣସି ୟୁପିଆଇ କିମ୍ବା ବ୍ୟାଙ୍କ ଆପ୍ ବ୍ୟବହାର କରିବାକୁଅନୁମତି ଦେଇଥାଏ । ସିଗ୍ନେଟୋରିମାନେ ଯେକୌଣସି ୟୁପିଆଇ କିମ୍ବା ବ୍ୟାଙ୍କ ଆପ ମାଧ୍ୟମରେ ଅନୁମୋଦନ ଦେଇପାରିବେ । ଫଳରେକର୍ପୋରେଟ୍, ଏମଏସଏମଇ, ଷ୍ଟାର୍ଟଅପ୍, ଟ୍ରଷ୍ଟ ଏବଂ ଯୌଥ ଆକାଉଣ୍ଟ ଧାରକମାନେ ବର୍ତ୍ତମାନ ଭେଣ୍ଡର ଦେୟ, ପୁନରାବୃତ୍ତି ଦେୟ, ଫେରସ୍ତ ଇତ୍ୟାଦି ପାଇଁ ୟୁପିଆଇ ବ୍ୟବହାର କରିପାରିବେ ଯେଉଁଥି ପାଇଁ ଗୋଟିଏ କିମ୍ବା ଏକାଧିକ ବ୍ୟବହାରକାରୀ/ଦସ୍ତଖତକାରୀଙ୍କ ୟୁପିଆଇ ମଲଫିସିଗ୍ନେଟରି, ୟୁପିଆଇ ଲାଇଟ୍ ବ୍ୟବହାର କରି ଓ୍ୟାରେବଲ ଗ୍ଲାସରେ ଛୋଟ ମୂଲ୍ୟର ନେଣଦେଣ ଓ ଭାରତ କନେକଫରେ ବିଦେଶୀ ମୁଦ୍ରାର ଶୁଭାରମ୍ଭ ଆବଶ୍ୟକ । ୟୁପିଆଇ ଲାଇଟ୍ ବ୍ୟବହାର କରି ଓୟରେବଲ୍ ଗ୍ଲାସ ମାଧ୍ୟମରେ ଛୋଟ ମୂଲ୍ୟର ନେଣଦେଣୟୁପିଆଇ ଲାଇଟର ଉନ୍ନତ ସଫଳତା ହାର ଏବଂ କୋର୍ ବ୍ୟାଙ୍କିଂ ବ୍ୟବସ୍ଥା ଉପରେ ସର୍ବନିମ୍ନ ନିର୍ଭରଶୀଳତା ସହିତ ଛୋଟ ମୂଲ୍ୟର, ଅଧିକଥର କରାଯାଉ ଥିବା ଦେୟ ପାଇଁ ଏହାକୁ ପ୍ରସ୍ତୁତ କରଯାଇଛି । ଏଥିରେ ଉପଯୋଗକର୍ତାମାନେ କେବଳ ଏକ କ୍ୟୁଆର୍ ସ୍କାନ୍ କରି, ପ୍ରମାଣିକରଣ ଏବଂ ସ୍ମାର୍ଟ ଗ୍ଲାସ୍ ଉପରେ ସ୍ୱର ମାଧ୍ୟମରେ ପେମେ ସମ୍ପୂର୍ଣ୍ଣ କରିପାରିବେ । ହାତକୁ ବ୍ୟବହାର ନ କରି ଏବଂ ସୁରକ୍ଷିତ ଭାବେକାରବାର ସମ୍ପନ୍ନ ହୋଇପାରିବ । ଏଥିପାଇଁ ଫୋନ୍ କିମ୍ବା ପିନର ଆବଶ୍ୟକତା ନାହିଁ । ଏହି ସମାଧାନ ଦୈନନ୍ଦିନ ଦେୟ ଯେପରିକି ରିଟେଲ୍, ଖାଦ୍ୟ, ଏବଂ ଯାତାୟାତ ଦେୟକୁ ସହଜ କରିବ । ନିରବଚ୍ଛିନ୍ନ ଡିଜିଟାଲ ଦେୟ ସକ୍ଷମ କରି 'ଆମ୍ବିଏ ପେମେ୍' ଆଡକୁ ଏକ ପଦକ୍ଷେପପ୍ରତିନିଧିତ୍ୱ କରୁଛି । ଏହା ଅଫ୍-ସିବିଏସ୍ ଓ୍ୱାଲେଟ୍ କାର୍ଯ୍ୟକାରିତା ମାଧ୍ୟମରେ କୋର୍ ବ୍ୟାଙ୍କିଂ ସିଷ୍ଟମ୍ ଲୋଡ୍ ହ୍ରାସ କରି ବ୍ୟାଙ୍କ୍ ଏବଂପିଏସପିମାନଙ୍କୁ ମଧ୍ୟ ଉପକୃତ କରିବ । ସ୍ମାର୍ଟ ଗ୍ଲାସ୍ ଉପରେୟୁପିଆଇ ଲାଇଟ୍ ସଂଯୋଜିତ କରିବା ଉପଭୋକ୍ତାମାନଙ୍କ ପାଇଁ ସୁବିଧା ବଢ଼ାଇ ଏବଂ ବିଶ୍ୱସ୍ତରରେ ଡିଜିଟାଲ ପେମେ ନବସୃଜନରେ ଭାରତର ନେତୃତ୍ୱକୁ ସୁଦୃଢ଼ କରିବ ।


### ଦଲିଲ ହଜିଯାଇଛି

ଆମେ ବାବୁଲି ଗିରି, ବ୪୬ବର୍ଷ, ପିତା : ହରେନ୍ଦ୍ର ଓରଫ ହେମ ଗିରି, ସାଃ କାଠସଙ୍ଗଡ଼ା, ପୋଃ ଉଦ୍ଦୟର, ଥାନା- ରେମୁଣା, ଜିଲ୍ଲା : ବାଲେଶ୍ୱର ଗତ ତା. ୨୬.୦୩.୨୦୨୫ ରିଖରେ ଏକ୍ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ବାଲେଶ୍ୱରଙ୍କ ଠାରେ ଏକ ସତ୍ୟପାଠ ଦ୍ୱାରା ଅବଗତ କରୁଅଛି କି – ଆମର ଦୁଇଗୋଟି ଅରଜିନାଲ ବିକ୍ରୟ ଦଲିଲ ନଂ-୧୧୫୯, ତା. ୨୬.୦୨.୨୦୦୧ ରିଖ ଓ ଦଲିଲ ନଂ-୫୪୯୩ ତା. ୦୪.୧୦.୨୦୦୨ ରିଖ ଯାହାକି ଖାତା ନଂ-୨୮୪/୯ ଓ ୨୮୪/୨୧ ମୌଜା : କାଠସଙ୍ଗଡ଼ା ସମ୍ପର୍କିତ ଦଲିଲ ରେମୁଣା ଥାନା ଅନ୍ତର୍ଗତ ରେମୁଣା ବଜାରରେ ହଜି ଯାଇଛି । ଉକ୍ତ ଘୋଷଣାନାମାକୁ ଆମେ କାନାରା ବ୍ୟାଙ୍କରେ ଋଣ ନେବା ସକାଶେ ପେଠ କରିବୁ । ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲ ବାବଦରେ ଦାବିଦାର ଅଛନ୍ତି ତେବେ ନୋଟିସ୍ ପ୍ରକାଶନର ୭ ଦିନ ମଧ୍ୟରେ ଦାବି କରିପାରିବେ ।

ବାବୁଲି ଗିରି
ମୋ ନଂ- ୮୨୪୯୪୯୩୬୨୬

### ଘୋଷଣା ପତ୍ର

ଏତଦ୍ୱାରା ଘୋଷଣା କରୁଅଛି କି ମୁଁ ସେକ୍ ରାଜୁ, ପିତା ସେକ୍ ନଇମ, ଗ୍ରାମ ରାମକାପୁର, ପୋଷ୍ଟ କୁହ, ଥାନା ଭଦ୍ରେଶ୍ୱର, ଜିଲ୍ଲା-କଟକର ବାସିନ୍ଦା ଅଟେ । ମୁଁ ଶାରୀରିକ ଭିନ୍ନକ୍ଷମ ଅଟେ । ମୋର ସମସ୍ତ କାଗଜପତ୍ରରେ ଏହି ଠିକଣା ରହିଛି । ଏପରିକି ମୋର ଭୋଟର ପରିଚୟ ପତ୍ରରେ ଉକ୍ତ ଠିକଣା ରହିଛି । ମୋର ବିଦ୍ୟାଳୟ ପ୍ରମାଣପତ୍ରରେ ଜନ୍ମ ତାରିଖ ୫.୭.୧୯୯୬ ରହିଛି । କିନ୍ତୁ ମୋର ଆଧାର ନମ୍ବର ୮୪୨୬-୫୬୯୧-୯୭୨୯ରେ ମୋ ଫଟୋ ଥିବାବେଳେ ଠିକଣାରେ ସେକ୍ ସରାଜୁଲ ସାକଲେନ ଓ ଜନ୍ମ ତାରିଖ ୧୯୮୫ ରହିଛି । ଯାହାକୁ ମୁଁ ପରିବର୍ତ୍ତନ କରିବାକୁ ଚାହୁଁଛି । ସେହିପରି ମୋ ବାପାଙ୍କ ନାଁ ଆଧାରରେ ଫଜଲେ ନଇମ ଅଛି । ଏହାକୁ ମୁଁ ପରିବର୍ତ୍ତନ କରି ନିଜ ଠିକଣା ରଖିବି । ଏନେଇ କାହାରି ଆପତ୍ତି ଅଭିଯୋଗ ରହିବ ନାହିଁ ।

### ଦଲିଲ ହଜିଯାଇଛି

ଆମେ ଅଭୟ କୁମାର ମିଶ୍ର, ପିତା : ନଳିନୀ ମିଶ୍ର, ସାଃ ବୁଣପଦା, ପୋଃ କେଦାରପୁର, ଥାନା : ସୋର, ଜିଲ୍ଲା : ବାଲେଶ୍ୱର, ଗତ ତା. ୦୬.୧୦.୨୦୨୫ ରିଖରେ ଏକ୍ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, ସୋରଙ୍କ ଠାରେ ଏକ ସତ୍ୟପାଠ ଦ୍ୱାରା ଅବଗତ କରୁଅଛୁ କି ଆମର ଦୁଇ ଗୋଟି ଅରିଜିନାଲ ବିକ୍ରୟ ଦଲିଲ ନଂ-୧୨୬୦ ତା. ୨୩.୦୩.୨୦୦୫ ରିଖ ଓ ଦଲିଲ ନଂ-୧୦୧୪୧୩୦୨୮୯୨ ତା. ୨୨.୦୭.୨୦୧୩ ରିଖ, ଯାହାକି ଖାତା ନଂ-୮୧୮/୪୨୧ ମୌଜା- ବୁଣପଦା ଓ ଖାତା ନଂ-୭୭୬/୩୯୫ ମୌଜା- ଗୋପୀନାଥପୁର ସମ୍ପର୍କିତ ଦଲିଲ ସୋର ଥାନା ଅନ୍ତର୍ଗତ ସୋର ବଜାରରେ ହଜିଯାଇଅଛି । ଉକ୍ତ ଘୋଷଣାନାମା ଆମେ ବରୋଦା ବ୍ୟାଙ୍କରେ ଋଣ ନେବା ସକାଶେ ପେଠ କରିବୁ । ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲ ବାବଦରେ ଦାବିଦାର ଅଛନ୍ତି ତେବେ ନୋଟିସ୍ ପ୍ରକାଶନର ଦି୭ନ ମଧ୍ୟରେ ଦାବି କରିପାରିବେ ।

ଅଭୟ କୁମାର ମିଶ୍ର
ମୋ : ୮୯୧୨୫୩୦୯୨୬

### AFFIDAVIT

By virtue of an affidavit sworn Executive Magistrate, Bhuban, Affidavit No.-2133 dated 09.10.2025 I, Suni Sahoo D/o- Manguli Charan Sahoo permanent resident of Vill- Bhuban Sahughar Patana Ward No.-10, Po/Ps-Bhuban, Dist.- Dhenkanal, Odisha-759017 declare that I have changed my name from Gayatri Sahoo to Suni Sahoo. Henceforth, I shall be known as Suni Sahoo for all purposes. My date of birth 19.03.2005 wrongly mention as 16.06.2007 on Aadhar Card. That's why my self known as Suni Sahoo date of birth 19.03.2005.

SUNI SAHOO

### AFFIDAVIT

I Mansi Giri, W/o-Soumya Ranjan Mandal, resident of 1157/1282, 1283, Satya Vihar, Rasulgarh, Shiv Temple Lane, Po-Rasulgarh, Ps-Mancheswar, Bhubaneswar, Pin-751010, Odisha, declare by this Affidavit No..950, Dtd:10.10.2025,that now onwards I shall be Known as **Mansi** for all future purpose.

### AFFIDAVIT

By virtue of an affidavit no.2675, before the Executive Magistrate, Khorda, dtd. 08.10.2025, I, Ajaya Kumar Bhanja, S/o Narasingh Bhanja, Vill- Haladia, Po-Garh Haladia, Ps/ Dist- Khordha, declare that I have changed my named from Ajay Kumar Bhanja to Ajaya Kumar Bhanja. Henceforth I shall be known as Ajaya Kumar Bhanja for all future purposes.

O-969
GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II, SUNDARGARH
Lt.No 4951 // Dt. 08.10.2025

CANCELLATION OF TENDER

Tender Call Notice Bid Identification No. Online -EERKL-07/2025-26 by the Executive Engineer Rural Works Division, Sundargarh-II is hereby cancelled due to some unavoidable circumstances.

Sd/- Executive Engineer
R.W. Division-II, Sundargarh
OIPR : 25193/11/0091/2526

### ଦ.ପୂ. ରେଳପଥ-ଟେଣ୍ଡର

ନିମ୍ନୋକ୍ତ କାର୍ଯ୍ୟ ନିମନ୍ତେ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ ସିଗ୍ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର/ଚକ୍ରଧରପୁର ନିମ୍ନ ସ୍ୱାକ୍ଷରିତ ଟେଣ୍ଡର ଲାଗି ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହାକି ୩୦.୧୦.୨୦୨୫ ତାରିଖ ୧୫.୦୦ ଘଟିକାରେ ଖୋଲାଯିବାର ଅଛି । ଏହି ଟେଣ୍ଡରଗୁଡ଼ିକ ଲାଗି ମାନୁଆଲ ଅଫରକୁ ଅନୁମତି ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ପ୍ରାପ୍ତ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । କ୍ର.ନଂ. ଓ ଟେଣ୍ଡର ନୋଟିସ ନଂ, କାର୍ଯ୍ୟର ନାମ, ଟେଣ୍ଡର ମୂଲ୍ୟ, ଅମାନତ ଅର୍ଥ : (୧) ଏସ୍‌ଟି-ସିକେପି-ଓଟି-୨୫-୨୬-୬୯, ତାରିଖ : ୦୮.୧୦.୨୦୨୫, ସିନିୟର ସେକ୍ସନ ଇଞ୍ଜିନିୟର/ସିଗ୍ନାଲ/ଚକ୍ରଧରପୁରଙ୍କ ଅଧୀନରେ ଦୁଇ ବର୍ଷ ଅବଧି ପାଇଁ ସିଗ୍ନାଲିଂ ଗିଅର ରକ୍ଷଣାବେକ୍ଷଣ ଏବଂ ସ୍ୱତନ୍ତ୍ର କାର୍ଯ୍ୟ ନିମନ୍ତେ ଠିକା ଭିତ୍ତିରେ ଷ୍ଟାଫ୍ ନିଯୁକ୍ତି, ଟ. ୧,୩୪,୨୯,୦୮୦/-, ଟ. ୨,୧୭,୨୦୦/- । (୨) ଏସ୍‌ଟି-ସିକେପି-ଓଟି-୨୫-୨୬-୭୦, ତାରିଖ : ୦୮.୧୦.୨୦୨୫, ନେଟୱାର୍କିଂ ବିନା ୧୧ଟି ଆରପିଏଫ୍ ପୋଷ୍ଟ ଷ୍ଟେସନ ଏବଂ ଆରପିଏଫ୍ ଆଉଟ୍ ପୋଷ୍ଟ ୩ ଷ୍ଟେସନରେ ସିସି ଟିଭି କ୍ୟାମେରା ବ୍ୟବସ୍ଥା ପାଇଁ ଯୋଗାଣ କାର୍ଯ୍ୟ : ଟ. ୧୩,୪୯,୬୮୧.୨୪, ଟ. ୨୭,୦୦୦/- । ସମାପ୍ତି ସମୟ : କ୍ର.ନଂ. ୧ ପାଇଁ ୨୪ (ଚବିଶ) ମାସ ଏବଂ କ୍ର.ନଂ. ୨ ପାଇଁ ୦୩ (ତିନି) ମାସ । ୱେବସାଇଟ https://www.ireps.gov.in ରେ ଟେଣ୍ଡର ବିବରଣୀ ଦେଖିବାକୁ ମିଳିପାରିବ । ଟେଣ୍ଡରଦାତା/ବିଡରଙ୍କର ଶ୍ରେଣୀ-୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶ ଗ୍ରହଣ କରିପାରିବେ । ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଉପଲବ୍ଧ କରାଯିବ । (PR-704)

### ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା, ନବରଙ୍ଗପୁର

INTEGRATED TRIBAL DEVELOPMENT AGENCY, NABARANGPUR
Email - itdanbg@nic.in, itdanbg@gmail.com Phone No.- 06858 222062

INTEGRATED TRIBAL DEVELOPMENT AGENCY, NABARANGPUR
No.4105/2025 Date: 10/10/2025

Expression of Interest (EOI) Notification

CAD-1994 : Sealed Expressions of Interest (EOI) in prescribed format are invited from eligible and interested insurance companies for the insurance of goats for implementation of the "Goat Farming through women SHGs" project under Mukhya Mantri Janajati Jeevika Mission (MMJJM) as per the terms and conditions given in district website. The details of the Expression of Interest are available in the district website http://nabarantzpur.odisha.gov.in from 10.00 AM of 10.09.2025 to 05.30 PM of 17.10.2025. The bids shall be received in Regd. Post/Speed Post/Courier Service/ in person only during office hours by 05.30 PM of 17.10.2025 and will be opened on 18.10.2025 at 11.00 AM at ITDA Office, Nabarangpur in the presence of the bidders or their authorized agents.

Sd/-
P. A., ITDA, Nabarangpur
OIPR : 26064/11/0002/2526

### ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
CAD-1980 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.shb.org.

ପତ୍ର ସଂଖ୍ୟା ୧୬୧ **ବିଜ୍ଞାପନ** ତା : ୧୫.୦୯.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗୃହର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ବର୍ଣ୍ଣାଇ ତାଙ୍କ ନାମ ଦଖଲ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ ।

| ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ସ୍ୱର୍ଗତ କେଦାରନାଥ ନାୟକ<br>ପିତା- ସ୍ୱର୍ଗତ ମଣ୍ଡର ନାୟକ<br>ସା-ଜଳସଲା, ପୋ-ବିରବିରା<br>ଥା-ଇଡ୍ରା<br>ଜି : ସୁନ୍ଦରଗଡ଼ | ଏ-ଏମ୍-୨<br>(AM-2)<br>ବାସନ୍ତୀ ହାଉସିଂ ସ୍କିମ୍<br>ରାଉରକେଲା | ୧. ଶାନ୍ତି ସାହୁ (ବି.କନ୍ୟା)<br>୨. କାନ୍ତି ନାୟକ (ବି.କନ୍ୟା)<br>୩. ଆରତି ମଣ୍ଡଳ (ବି.କନ୍ୟା)<br>୪. ଭାରତୀ ନାୟକ (ବି.କନ୍ୟା)<br>୫. ଉଦିତ ଆନନ୍ଦ ନାୟକ (ପୁତ୍ର) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13030/11/0888/2526

### ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା : ୧୯୧୨୪/ଭୁ.ଉ.କ., ଭୁବନେଶ୍ୱର ତା.୨୬.୦୯.୨୫ ରିଖ
UC(b)-14/88
CAD- 1974

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚନ୍ଦ୍ରଶେଖରପୁର କମର୍ସିଆଲ ପ୍ଲଟେଡ୍ ସ୍କିମ୍, ଫେଜ-୨, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ୍ ନଂ-**CP-75**କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୮୬୨୬ ତା. ୦୬.୦୫.୨୦୨୫ ରିଖ ଅନୁଯାୟୀ ଉତ୍ତରାଧିକାରୀ ସୂତ୍ରେ କେଦାର ପାତ୍ରଙ୍କ ନାମରୁ (୧) ଶ୍ରୀ ପ୍ରଦୀପ୍ତ କୁମାର ପାତ୍ର, (୨) ଅଜିତ କୁମାର ପାତ୍ର (୩) ମନୋଜ କୁମାର ପାତ୍ର ଓ (୪) ସରୋଜ କୁମାର ପାତ୍ର, ଗ୍ରାମ-ବଡ ଖରିଡା, ପୋଷ୍ଟ/ଥାନା-ପୁରୁଷୋତ୍ତମପୁର, ଜିଲ୍ଲା-ଗଞ୍ଜାମ, ଓଡ଼ିଶାଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା ।

ବର୍ତ୍ତମାନ ଆବଣ୍ଟନଗ୍ରାହୀମାନେ ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ସୁଧାଂଶୁ ରଞ୍ଜନ ନାୟକ, ପିତା-ଅଶ୍ୱନୀ କୁମାର ନାୟକ, ଗ୍ରାମ-ପ୍ଲଟ୍ ନଂ-୨୨୨, ସେକ୍ଟର-୫, ନୀଳାଦ୍ରି ବିହାର, ଶୈଳଶ୍ରୀ ବିହାର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ପ୍ଲଟର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR : 13033/11/0385/2526

B-584 ID: ee.randbjyp@gmail.com
GOVERNMENT OF ODISHA
OFFICE OF THE SUPERINTENDING ENGINEER,
JEYPORE (R&B) DIVISION, JEYPORE

e-Procurement Notice
Bid Identification No. S.E (R&B)-06/2025-26/JYP(K)
No. 6085 Date. 06.10.25

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. **www.tendersodisha.gov.in**.

| | | |
|---|---|---|
| 1. | Name of the Work | : Building Works as mentioned in DTCN. |
| 2. | No. of Works | : 2 Nos. |
| 3. | Estimated Cost | : Rs. 15.56 lakhs |
| 4. | Period of Completion | : 4 (Four) Months. |
| 5. | Date & Time of Bidding | : From 11.00 hours of 14.10.2025 Up to 17.00 hours of 23.10.2025 |
| 6. | Last date & time for receipt of bids in portal | : 17.00 hours of 23.10.2025 |
| 7. | Bids received online shall be opened on | : 11.00 hours of 24.10.2025 |
| 8. | Name and address of the officer inviting Bid | : Superintending Engineer, Jeypore (R&B) Division, Jeypore |

Further details can be seen from the **www.tendersodisha.gov.in**

Sd/- Superintending Engineer
Jeypore (R&B) Division
OIPR : 34027/11/0017/2526

GOVERNMENT OF ODISHA : OFFICE OF THE DIVISIONAL FOREST OFFICER,
SUNDARGARH FOREST DIVISION
Phone No-06622-272243, E-mail: -dfo.sundargarh@odisha.gov.in
Tender Notice. FE&CC / DFO(T) SNG / No. 08/ 2025-26
MM-225
Tender Notice Call for Construction of Civil Work
Office Order No. 214 Dated.09.10.25

| | | |
|---|---|---|
| 1. | The Divisional Forest Officer, Sundargarh Forest Division on behalf of Governor of Odisha inviting percentage rate bid in double cover system on OFFLINE MODE. | |
| 2. | Nature of Works | Construction of Civil Work. |
| 3. | Type of Works | 1. Excavation of Large Water Body (50 x 40 x 3 mtr) at Garjanpahad RF near Khutipani village of Kodbahal Section in Hemgir Range under Sundargarh Forest Division.<br>2. Excavation of Large Water Body (50 x 40 x 3 mtr) at Garjanpahad RF near Ostali village of Hemgir Section in Hemgir Range under Sundargarh Forest Division.<br>3. Excavation of Large Water Body (50 x 40 x 3 mtr) at Pankipahad RF near Pithampur village of Topria Section in Gopalpur Range under Sundargarh Forest Division. |
| 4. | Tender Cost | Rs. 6000/- |
| 5. | Class of Contractor | "D" & "C" Class Contractor. |
| 6. | Availability of bid document in the Sundargarh portal i.e. https://sundargarh.odisha.gov.in | From 10.00 A.M of Dt. 17.10.2025 to 5.00 PM of Dt. 27.10.2025. |
| 7. | Date of opening of Bid | At 11.00 A.M of Dt.30.10.2025. |
| 8. | The Bidders have to participate in OFFLINE bidding only. | |

OIPR : 08034/11/0022/2526
Sd/- Divisional Forest Officer,
Sundargarh Forest Division

O - 959
GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION No-II, KEONJHAR
E-mail : eerw_kjr2@yahoo.com

"e" Procurement Notice for Road Works
Identification No Online NCB - 08/2025-26

| | | |
|---|---|---|
| 1. | Name of the Work | Road Works |
| 2. | Total Number of Work | 24 Nos. |
| 3. | Estimated Cost | Rs. 5.08 Lakhs to Rs. 52.54 Lakhs |
| 4. | Class of Contractor | 'D', 'C' & 'B' Class |
| 5. | Period of Completion | As per annexure of e-Procurement Notice No. 08/2025-26 |
| 6. | Other Details | |

| Procurement officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender in O/o S.E., R.W. Division-II, Keonjhar |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Keonjhar | Road online NCB No. 08 | Dt. 15.10.25 at 11.00 A.M. | Dt. 30.10.25 upto 5.00 P.M. | Dt. 29.10.25 upto 5.00 P.M. | Dt. 31.10.2025 at 11.00 A.M. |

Further details can be seen from the Website www.tenderorissa.gov.in

Sd/- Executive Engineer
R.W. Divn. No-II, Keonjhar
OIPR : 25093/11/0022/2526



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୨୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୭୭୨୨, ମାଲକାନଗିରି-କେଶବ ନାୟକ- ୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଭୁବନେଶ୍ୱରରେ ବିକଶିତ ଭାରତ ଓ ବିକଶିତ ଓଡିଶା ସମ୍ମିଳନୀ

ଭୁବନେଶ୍ୱର, (ସବ୍ୟୁ): କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜୀ (କିଟ୍) ବିଶ୍ୱବିଦ୍ୟାଳୟରେ "ବିକଶିତ ଭାରତ ୨୦୪୭ ଓ ବିକଶିତ ଓଡିଶା ୨୦୩୬" ବିଷୟବସ୍ତୁ ସମ୍ପର୍କିତ ଏକ ଦିନିକିଆ ସମ୍ମିଳନୀ ଆୟୋଜିତ ହୋଇଛି । ଉକ୍ତ ସମ୍ମିଳନୀରେ ପ୍ରଶାସନିକ ଓ କର୍ପୋରେଟ୍ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବରିଷ୍ଠ ବ୍ୟକ୍ତିବିଶକ୍ଷମାନେ ଅଂଶଗ୍ରହଣ କରିଥିଲେ । ଓଇଆରସି ସଭାପତି ପ୍ରଦୀପ କୁମାର ଜେନା ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବବେଳେ ଅତିରିକ୍ତ ମୁଖ୍ୟ ସଚିବ (ଶିଳ୍ପ, ସୂଚନା ଓ ଲୋକସମ୍ପର୍କ ବିଭାଗ) ହେମନ୍ତ ଶର୍ମା, ଓଏସଏଫସି ଅଧ୍ୟକ୍ଷ ଡା. ଅରୁଣ କୁମାର ପଣ୍ଡା, ପ୍ରେସିଡେଣ୍ଟ, କର୍ପୋରେଟ୍ ଅଫେୟର୍ସ, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଅର୍ଦ୍ଧେନ୍ଦୁ ମହାପାତ୍ର, ନାଲ୍‌କୋର ପୂର୍ବତନ ସିଏମ୍‌ଡି ଡ଼ା ତପନ କୁମାର ଚାନ୍ଦ ପ୍ରମୁଖ ସମ୍ମିଳନୀରେ ଅତିଥି ଭାବେ ଯୋଗ ଥିଲେ ।




କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଅର୍ଦ୍ଧେନ୍ଦୁ ମହାପାତ୍ର "ବିକସିତ ଭାରତ ୨୦୪୭" ଓ "ବିକସିତ ଓଡିଶା ୨୦୩୬" ନିର୍ମାଣ ସମ୍ପର୍କରେ ଆଦିତ୍ୟ ବିର୍ଲା ଗ୍ରୁପର ଏଥିନେଇ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କୁ ସହଯୋଗ । ଏବଂ ଶିଳ୍ପ ପ୍ରତିଷ୍ଠାନ ଜରିଆରେ ଦେଶ ତଥା ରାଜ୍ୟରେ ଏହାର ଭୂମିକା ସମ୍ବନ୍ଧରେ ନିଜ ବକ୍ତବ୍ୟରେ ବିଶେଷ ରୂପେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ, ଆଦିତ୍ୟ ବିର୍ଲା ଗ୍ରୁପ ଓଡିଶାରେ ଏଯାଏଁ ପ୍ରାୟ ୪୦,୦୦୦ କୋଟି ଟଙ୍କା ନିବେଶ କରିଛି । ଏଥିରେ ଆଲୁମିନିଅମ୍ ଶିଳ୍ପ, ଖଣିଜ ପଦାର୍ଥ, ସିମେଣ୍ଟ, ରସାୟନ ଓ ବସ୍ତ୍ର ଉଦ୍ୟୋଗ ଆଦି ରହିଛି । ଏହା ମାଧ୍ୟମରେ ଓଡିଶାରେ ପ୍ରାୟ ୩୦,୦୦୦ ଯୁବ ପ୍ରତିଭାଙ୍କୁ ସିଧାସଳଖ ଚାକିରୀ ପ୍ରଦାନ କରାଯାଇଛି ।

ଏଥିମଧ୍ୟରୁ ଅଧିକାଂଶ ଅର୍ଥାତ୍ ୮୨% କର୍ମଚାରୀ ଓଡିଶାରୁ । ତେବେ ଆଗାମୀ ଦିନରେ ରାଜ୍ୟରେ ଆଦିତ୍ୟ ବିର୍ଲା ଗ୍ରୁପ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଶିଳ୍ପ ସ୍ଥାପନ ନିମନ୍ତେ ୫୦,୦୦୦ କୋଟି ଟଙ୍କା ନିବେଶ ପାଇଁ ଯୋଜନା ରହିଥିବାବେଳେ ଏହା ରାଜ୍ୟରେ ନୂତନ ଭାବେ ୧୫,୦୦୦ ନିଯୁକ୍ତି ସୃଷ୍ଟି କରିବ । ଯାହା କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ସ୍ଥିତ କଂସାରିଗୁଡାରେ ଏକ ନୂତନ ଭାବେ ଆଲୁମିନା ରିଫାଇନେରି ୟୁନିଟ୍ ସ୍ଥାପନ, ଲାପଙ୍ଗା ଠାରେ ଆଦିତ୍ୟ ଆଲୁମିନିଅମ୍ ୟୁନିଟ୍ ସମ୍ପ୍ରସାରଣ ଓ ସମ୍ବଲପୁର ଜିଲ୍ଲାରେ ଏଫ୍‌ଆରପି ପ୍ଲାଣ୍ଟ ଉନ୍ନତିକରଣ ହେବା ନେଇ ଯୋଜନା ରହିଛି । ଉପରୁକ୍ତ ପଦକ୍ଷେପ ମାଧ୍ୟମରେ ଆଦିତ୍ୟ ବିର୍ଲା ଗ୍ରୁପ "ବିକସିତ ଭାରତ ୨୦୪୭" ଓ "ବିକସିତ ଓଡିଶା ୨୦୩୬" ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଥିବା ଶ୍ରୀ ମହାପାତ୍ର କହିଛନ୍ତି ।

### ବିଡ଼ିଏ ସିଇଏମ୍‌ସି ବୈଠକ

# ପୁଲିସ ଅନୁପସ୍ଥିତି ଅଧିକାଂଶ ଉଚ୍ଛେଦରେ ବାଧକ, ଜବରଦଖଲ ଉଚ୍ଛେଦ ଜୋରଦାର୍ ହେବ

ଭୁବନେଶ୍ୱର, (ସବ୍ୟୁ): ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ସମୟରେ ବିଭିନ୍ନ ସମସ୍ୟା ଦେଖାଦେଉଛି । ପୁଲିସ ଅନୁପସ୍ଥିତ ଯୋଗୁଁ ଅଧିକାଂଶ ଉଚ୍ଛେଦ କାର୍ଯ୍ୟ ଆଗକୁ ବଢ଼ି ପାରୁନାହିଁ । ଉଚ୍ଛେଦ କାର୍ଯ୍ୟ ପାଇଁ ନିୟମିତ ଭାବେ ପୁଲିସ ବଳ ଯୋଗାଇ ଦିଆଗଲେ ଉଚ୍ଛେଦ କାର୍ଯ୍ୟ ଆଗେଇବ ବୋଲି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ପ୍ରସ୍ତାବ ଦେଇଥିଲେ । ତେବେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଥିବା ସରକାରୀ ଜମିକୁ ଅବରୋଧମୁକ୍ତ କରିବା ଲାଗି ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ସେଣ୍ଟ୍ରାଲ୍ ଏନ୍‌ଫୋର୍ସମୋଣ୍ଟ ମନିଟରିଂ କମିଟି (ସିଏମ୍‌ସି)ର ବୈଠକରେ ନିଷ୍ପତ୍ତି ହୋଇଛି । ବିଡ଼ିଏ ଉପାଧ୍ୟକ୍ଷ ତଥା ସେଣ୍ଟ୍ରାଲ୍ ମନିଟରିଂ କମିଟି (ସିଏମ୍‌ସି)ର ଅଧ୍ୟକ୍ଷ ଡ. ଏନ ତିରୁମାଲା ନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡ଼ିଏ) ସମ୍ମିଳନୀ କକ୍ଷରେ ସିଏମ୍‌ସି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସିଇଏମ୍‌ସିର ସମସ୍ତ ଅଂଶୀଦାରୀ ସାଧାରଣ ପ୍ରଶାସନ ବିଭାଗ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବିଭାଗ, ଇଡ଼କୋ, ରେଳବାଇ, ଆରଆଣ୍ଡବି, ବିଏମ୍‌ସି, ଓୟୁଏଟି ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଉଚ୍ଛେଦ ସମ୍ପର୍କୀତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା ।

ସିଇଏମ୍‌ସିର ଆବାହକ ତଥା ବିଡ଼ିଏର ଏନ୍‌ଫୋର୍ସମେଣ୍ଟ ଯୁଗ୍ମ ଆୟୁକ୍ତ ରଞ୍ଜନ କୁମାର ଜେନା ସିଇଏମ୍‌ସି ଦ୍ୱାରା ଗତ ଜୁଲାଇ ୩୦ରୁ ଅକ୍ଟୋବର ୮ ମଧ୍ୟରେ କରାଯାଇଥିବା ବିଭିନ୍ନ ଉଚ୍ଛେଦ ସମ୍ପର୍କରେ ବିବରଣି ପ୍ରଦାନ କରିଥିଲେ । ଏହି ସମୟ ମଧ୍ୟରେ ସିଇଏମ୍‌ସି ଦ୍ୱାରା ମୋଟ୍ ୫୬ଟି ସ୍ଥାନରେ ଉଚ୍ଛେଦ କାର୍ଯ୍ୟ ହାତକୁ ନିଆଯାଇଥିଲା । ସେଥି ମଧ୍ୟରୁ ୨୯ଟି ସ୍ଥାନରେ ଉଚ୍ଛେଦ ହୋଇଥିଲା । ଯାହାଫଳରେ ୨୫ ଏକର ୩୪ ଡିସିମିଲ ସକାରକାରୀ ଜମିକୁ ଜବରଦଖଲମୁକ୍ତ କରାଯାଇଥିଲା । ପୁଲିସ ବଳର ଅଭାବ ଏବଂ ଅନ୍ୟାନ୍ୟ କାରଣ ଯୋଗୁଁ ୨୭ଟି ସ୍ଥାନରେ ଉଚ୍ଛେଦ ହୋଇପାରିନଥିଲା । ସେହିପରି ବ୍ଲୁଇସ୍ ଆପ୍‌ରେ ୪୫ଟି ଉଚ୍ଛେଦ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଏଥିରେ ୨୫ଟି ସ୍ଥାନରେ ଉଚ୍ଛେଦ କରାଯାଇ ୫ ଏକର ୩୨୫ ଡିସିମିଲ



ସରକାରୀ ଜମି ଜବରଦଖଲମୁକ୍ତ କରାଯାଇଥିଲା । ୨୦ଟି ସ୍ଥାନରେ ଜବରଦଖଲ ଉଚ୍ଛେଦ କରାଯାଇ ପାରିନଥିଲା । ଉକ୍ତ ବୈଠକରେ ବିଡ଼ିଏ ସଚିବ ମାନସ ରଞ୍ଜନ ପାଢୀଙ୍କ ସମେତ ବିଡିଏ ଏନଫୋର୍ସମେଣ୍ଟ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଏବଂ ସମସ୍ତ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଜୀବ ବିଜ୍ଞାନ ସଂସ୍ଥାରେ ଜାତୀୟ ଷ୍ଟାଟଅପ୍ ସମ୍ମିଳନୀ

# ଦୁଇଟି ଷ୍ଟାଟଅପ୍ ଉପସ୍ଥାପିତ

ଭୁବନେଶ୍ୱର,(ସବ୍ୟୁ): ଭୁବନେଶ୍ୱର ଠାରେ ଥିବା କେନ୍ଦ୍ର ସରକାରଙ୍କ ଜୀବ ବିଜ୍ଞାନ ସଂସ୍ଥା ପକ୍ଷରୁ ଶୁକ୍ରବାର ଷ୍ଟାଟଅପ୍ ସମ୍ମିଟ ୪.୦ ଦୁଇ ଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ପ୍ରଥମ ଦିନରେ ବିଭିନ୍ନ ଷ୍ଟାଟଅପ, ଶିକ୍ଷସଂସ୍ଥା , ବିଶେଷଜ୍ଞ, ବୈଜ୍ଞାନିକ: ଉଦ୍ଭାବକ , ଉଦ୍ୟୋଗୀ ମାନେ ଯୋଗଦାନ କରିଥିଲେ । ବିଭିନ୍ନ ବଷୟ ଉପରେ ଗଭୀର ଆଲୋଚନା ହୋଇଥିବା ବେଳେ ପ୍ରଥମ ଦିନରେ ଦୁଇଟି ଷ୍ଟାସଅପ ଉପସ୍ଥାପିତ ହୋଇଥିଲା । ଉଦଘାଟନୀ କାର୍ଯ୍ୟକ୍ରମରେ ନବି ନିର୍ଦ୍ଦେଶକ ଅଶ୍ୱିନୀ ପାରେକ୍, କୃଷି ବିକାଶର ବିଭିନ୍ନ ସମ୍ଭାବନା ଉପରେ କହିଥିଲେ । ଏହା ସହିତ ବାଇଓ ଟେକନୋଲୋଜି, ନିରନ୍ତର ବିକାଶ, ବାଇଓ ଅଥନିତୀ ଉପରେ ଆଲୋଚନା କରିଥିଲେ । ବିରାକ୍ ପରିଚାଳନା ନିର୍ଦ୍ଦେଶକ ଡ଼. ଜିତେନ୍ଦ୍ର କୁମାର, ଡ଼. ଶାନ୍ତନୁ କୁମାର ପ୍ରମୁଖ ବିଭିନ୍ନ ବିଷୟରେ ମତ ରଖିଥିଲେ । ଭୁବନେଶ୍ୱର ଜୀବ ବିଜ୍ଞାନ ସଂସ୍ଥା ନିର୍ଦ୍ଦେଶକ ଡ଼, ଦେବାଶିଷ ଦାଶ ସୂଚନା ବିଜ୍ଞାନ କୁ କିପରି ବିଜ୍ଞାନ ଓ



ଉଦ୍ୟୋଗୀକ କ୍ଷେତ୍ରରେ ପରିବର୍ତ୍ତନ କରି କିପରି ବିକାଶ କରାଯିବ ସେ ସମ୍ପର୍କରେ ମତ ରଖିଥିଲେ । ୨୫ ଗୋଟି ଷ୍ଟାଟଅପ ମଧ୍ୟରୁ ଡ଼. ଅମରେଶ ପଣ୍ଡା ,ଆଇଏଲଏସ ଓ ଜୀବଦାର ଅନ୍ୟ ଏକ ପ୍ରକଳ୍ପ ଉପସ୍ଥାପିତ ହୋଇଥିଲା । ଦ୍ୱିତୀୟ ଦିବସରେ ବିଭିନ୍ନ ଜ୍ଞାନକୌଶଳ ଉପରେ ଆଲୋଚନା , ପେନାଲିଷ୍ଟ ମାନଙ୍କୁ ନେଇ ହେବ । ଏଡି କାର୍ଯ୍ୟକ୍ରମରେ ଅନେକ ଷ୍ଟଲ ମଧ୍ୟ ପ୍ରଦର୍ଶନ ପାଇଁ ଖୋଲାଯାଇଛି । ବୈଜ୍ଞାନିକ, ଗବେଷକ, ଉଦ୍ୟୋଗୀ, ନିବେଶକ, ଛାତ୍ର ମାନଙ୍କ ଶିକ୍ଷନୀୟ ଓ ଜ୍ଞାନର ଆଦାପ୍ରଦାନ ପାଇଁ ଏହା ଏକ ଉଚ୍ଚସ୍ତରୀୟ କର୍ମଶାଳା ପାଳଟିଯାଇଛି ।

# ହବିଷିଆଳି କେନ୍ଦ୍ର ଦାୟିତ୍ୱରେ ବରିଷ୍ଠ ଅଧିକାରୀ ନିୟୋଜିତ

ପୁରୀ, (ସବ୍ୟୁ: କାର୍ତ୍ତିକ ବ୍ରତ ବା ରାଇଦାମୋଦର ବ୍ରତ ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରା ଯାଇ ଥିବା ୫ ଗୋଟି ହବିଷ୍ୟାଳୀ କେନ୍ଦ୍ର ଚଳଚଂଚଳ ହୋଇ ଉଠିଛି ।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ନିଜେ ସମସ୍ତ ହବିଷ୍ୟାଳୀ କେନ୍ଦ୍ରକୁ ଏକାଧିକ ବାର ପରିଦର୍ଶନ କରି ତାହାର ସ୍ଥିତି ଅନୁଧ୍ୟାନ କରୁଛନ୍ତି ।କୌଣସି କେନ୍ଦ୍ରରେ ଯେପରି କୌଣସି ଅସୁବିଧା ନ ହୁଏ ସେଥି ପ୍ରତି ସଜାଗ ରହିବାକୁ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।ବିଭିନ୍ନ ହବିଷ୍ୟାଳୀ କେନ୍ଦ୍ର ବୁଲିବା ସମୟରେ ହବିଷ୍ୟାଳୀ ମା ମାନଙ୍କ ସହ ଜିଲ୍ଲାପାଳ ଆଲୋଚନା କରିବା ସହ ସେମାନେ ଉଠାଉ ଥିବା ବିବିଧ ସମସ୍ୟାର ତ୍ୱରିତ ସମାଧାନ ପାଇଁ ନିର୍ଦ୍ଦେଶ ଦେଉଛନ୍ତି ।ଜିଲ୍ଲାପାଳ ଏହି ୫ଟି କେନ୍ଦ୍ରର ଶୃଙ୍ଖଳିତ ପରିଚାଳନା ପାଇଁ ବରିଷ୍ଠ ଅଧିକାରୀ ମାନଙ୍କୁ ଦାୟିତ୍ୱ ଦେଇଛନ୍ତି । ବୃନ୍ଦାବତୀ ହବିଷ୍ୟାଳୀ କେନ୍ଦ୍ରରେ ବରିଷ୍ଠ ଅଧିକାରୀ ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଓ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ବଗଲା ଧର୍ମଶାଳା ଦାୟିତ୍ୱରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ମୋଚିସାହି କଲ୍ୟାଣ ମଣ୍ଡପ ଠାରେ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା,ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଓ ରେଲୱେ କଲ୍ୟାଣ ମଣ୍ଡପ ଦାୟିତ୍ୱ ରେ ପିକେଡିଏ ସମ୍ପାଦକ ଦିଲ୍ଲୀପ କୁମାର ମହାରଣା ଓ ଉପ ଜିଲ୍ଲାପାଳ ରାଜ କିଶୋର ଜେନା ରହିଛନ୍ତି ।ବରିଷ୍ଠ ଅଧିକାରୀ ଙ୍କ ଅଧିନରେ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ ମାନେ କାର୍ଯ୍ୟରତ ଅଛନ୍ତି ।

# କେନ୍ଦ୍ରୀୟ ଡେପୁଟେସନରେ ଥିବା ୩ ଆଇଏଏସ୍‌ଙ୍କୁ ଦାୟିତ୍ୱ ମୁକ୍ତ

ଭୁବନେଶ୍ୱର, ୧୦।୧୦ (ସବ୍ୟୁ): ୨୦୦୧ର ଆଇଏଏସ୍ ଅଫିସର ସାଲିନ୍ ପଣ୍ଡିତଙ୍କୁ ରାଜ୍ୟ ସରକାର କେନ୍ଦ୍ରୀୟ ଡେପୁଟେସନରେ ଯିବାକୁ ଅନୁମତି ଦେଇଛନ୍ତି । ସେ କେନ୍ଦ୍ର ସରକାରଙ୍କର ଅର୍ଥ ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରିବେ । ୫ ବର୍ଷ ଧରି ସେ କେନ୍ଦ୍ରୀୟ ଡେପୁଟେସନରେ ରହିବେ । ଆଇଏଏସ୍ ଅଫିସର ସାମର୍ଥ ବର୍ମାଙ୍କୁ ରାଜ୍ୟ ସରକାର ଆଜି ଦାୟିତ୍ୱ ମୁକ୍ତ କରିଛନ୍ତି । ସେ ୫ ବର୍ଷ ଲାଗି କେନ୍ଦ୍ରୀୟ ଡେପୁଟେସନରେ ଯାଇ ବନ୍ଦର ଓ ଜାହାଜ ଓ ଜଳପଥର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବେ । ସେହିଭଳି ୨୦୧୪ ବ୍ୟାଚର ଆଇଏଏସ ଅଫିସର ସ୍ୱାଧାଦେବ ସିଂଙ୍କ ମଧ୍ୟ କେନ୍ଦ୍ରୀୟ ଡେପୁଟେସନରେ ଯିବେ । ସେ ଡିସେମ୍ବର ୩୧ ଯାଏ କେନ୍ଦ୍ର ସରକାରଙ୍କ ଜନଗଣନା ଅପରେସନ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବେ ।

# ପାଣ୍ଡରା ଛକରେ ୱାରି ସୋଲାର କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର କଟକ-ପୁରୀ ବାଇପାସ୍ ସ୍ଥିତ ପାଣ୍ଡରା ଛକରେ ଭିଏଚଏନ୍ ସୋଲାର ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ନୂତନ କେନ୍ଦ୍ର ୱାରି ଓଡିଶାରେ ଶୁଭାରମ୍ଭ ହୋଇଛି । ଭାରତର ସର୍ବବୃହତ




ସୌର ପ୍ୟାନେଲ୍ ନିର୍ମାତା ଏବଂ ଦେଶର ଅଗ୍ରଣୀ ନବୀକରଣୀୟ ଶକ୍ତି କମ୍ପାନୀଗୁଡ଼ିକ ମଧ୍ୟରୁ ଓ୍ୱାରି ଏନର୍ଜି ଅନ୍ୟତମ ଫ୍ରାଞ୍ଚାଇଜ ବ୍ରାଣ୍ଡ । ଏହା ଓଡିଶାର ପ୍ରଥମ ଏକ୍ସପେରିଏନ୍ସ ସେଣ୍ଟର ।

ନୂତନ ଅଭିଜ୍ଞତା କେନ୍ଦ୍ର ଭାରତର ପ୍ରତ୍ୟେକ ପରିବାର ଏବଂ ବ୍ୟବସାୟ ପାଇଁ ସ୍ୱଚ୍ଛ, ନିର୍ଭରଯୋଗ୍ୟ ଏବଂ ସୁଲଭ ସୌର ଶକ୍ତି ସୁଲଭ କରିବା ପାଇଁ ୱାରିର ଦୃଷ୍ଟିକୋଣରେ ଆଉ ଏକ ମାଇଲଖୁଣ୍ଟ ଚିହ୍ନିତ କରିଛି । ଏହି ପଦକ୍ଷେପ ମାଧ୍ୟମରେ, କମ୍ପାନୀ ଓଡ଼ିଶାରେ ଏହାର ଉପସ୍ଥିତିକୁ ଆହୁରି ମଜବୁତ କରିବାକୁ ଲକ୍ଷ୍ୟ ରଖିଛି । ଯାହା ନବୀକରଣୀୟ ଶକ୍ତି ଗ୍ରହଣ ପାଇଁ ଏକ କେନ୍ଦ୍ର ଭାବରେ ଦ୍ରୁତ ଗତିରେ ଉଭା ହେଉଛି । ଏହା ନବସୃଜନ, ପରାମର୍ଶ ଏବଂ ଗ୍ରାହକ ସମ୍ପର୍କ ପାଇଁ ଏକ କେନ୍ଦ୍ର ଭାବରେ କାର୍ଯ୍ୟ କରିବ । ଯେଉଁଠାରେ ବ୍ୟକ୍ତି ଏବଂ ବ୍ୟବସାୟଗୁଡିକ ସୌର ଶକ୍ତି କିପରି ପ୍ରକୃତରେ ସେମାନଙ୍କ ଭବିଷ୍ୟତକୁ ଶକ୍ତି ଦେଇପାରିବ ତାହା ଅନୁସନ୍ଧାନ କରିପାରିବେ । ଲକ୍ଷ୍ୟ ହେଉଛି ହାତପାଖିଆ ଅଭିଜ୍ଞତା, ନିର୍ଭରଯୋଗ୍ୟ ସମର୍ଥନ ଏବଂ ବିଶ୍ୱସ୍ତ ସମାଧାନ ମାଧ୍ୟମରେ ସ୍ୱଚ୍ଛ ଶକ୍ତିକୁ ପରିବର୍ତ୍ତନକୁ ସରଳ କରିବା ।

ଏହି ଅବସରରେ ସଂସ୍ଥାର ନିର୍ଦ୍ଦେଶକ ଶ୍ରୀ ସାମନ୍ତରାୟ କହିଛନ୍ତି: ଆମେ ୱାରି ସହିତ ସହଯୋଗ କରିଥିଲୁ । ସ୍ଥାୟୀ ଶକ୍ତିକୁ ସମସ୍ତଙ୍କ ପାଇଁ ପ୍ରକୃତରେ ସୁଗମ କରିବା ପାଇଁ ଏକ ସହଭାଗୀ ଦୃଷ୍ଟିକୋଣରେ ମୂଳ ଓ ଏହି ଅଭିଜ୍ଞତା କେନ୍ଦ୍ର ସଚେତନତା ଏବଂ ଗ୍ରହଣ ମଧ୍ୟରେ ଥିବା ପାର୍ଥକ୍ୟକୁ ପୂରଣ କରିବ । ଗ୍ରାହକମାନେ ଏବେ ଏଥିରେ ସାମିଲ ହୋଇପାରିବେ । ବୁଝିପାରିବେ ଯେ ସୌରଶକ୍ତି ସେମାନଙ୍କ ପାଇ ବିଶେଷ ଭାବରେ କାର୍ଯ୍ୟ କରେ । ଏକ ଛାତ ତଳେ ବ୍ୟାପକ, ଶେଷରୁ ଶେଷ ସମାଧାନ ପାଇପାରିବେ ।" ଭିଏଚଏନ୍ ୱାରି ସହିତ ମିଳିତ ଭାବରେ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାକୁ ସକ୍ରିୟ ଭାବରେ ପ୍ରୋତ୍ସାହିତ କରିବ ଏବଂ ସମଗ୍ର ଓଡ଼ିଶାରେ ଶିଳ୍ପ ଏବଂ ବାଣିଜ୍ୟିକ କ୍ଷେତ୍ରର ବର୍ଦ୍ଧିତ ସୌର ଆବଶ୍ୟକତା ପୂରଣ କରିବ । ଯାହା ଫଳରେ ସ୍ଥାୟୀ ଶକ୍ତି ସମାଧାନର ବୃହତ ପରିମାଣ ଗ୍ରହଣ କରାଯିବ ।

# କେୟାର ହସ୍ପିଟାଲ ଓ ନିଭା ବୁପା ସହାୟତାରେ ଫେଡେରାଲ ବ୍ୟାଙ୍କ ତରଫରୁ ରକ୍ତଦାନ ଅଭିଯାନ ଅନୁଷ୍ଠିତ

ଭୁବନେଶ୍ୱର (ସବ୍ୟୁ): : ଜୀବନ ରକ୍ଷା ପାଇଁ ଏକ ମହାନ୍ ପଦକ୍ଷେପ ସ୍ୱରୁପ ଫେଡେରାଲ ବ୍ୟାଙ୍କ, କେୟାର ହସପିଟାଲ ଓ ନିଭା ବୁପାର ମିଳିତ ସହଯୋଗରେ ଏକ ରକ୍ତଦାନ ଅଭିଯାନ ଆୟୋଜିତ ହୋଇଯାଇଛି । ଏଥିରେ କର୍ମଚାରୀ, ସ୍ୱେଚ୍ଛାସେବୀ ଓ ସହଯୋଗୀ ସଂଗଠନର ସଦସ୍ୟମାନଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାମାଜିକ କର୍ମୀ ଗଗନ ବିହାରୀ ପଇତାଳ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । ଏହି ଅବସରରେ ଫେଡେରାଲ ବ୍ୟାଙ୍କ, ଭୁବନେଶ୍ୱରର କ୍ଷେତ୍ରୀୟ ମୁଖ୍ୟ ରିତୁରାଜ, କେୟାର ହସପିଟାଲର ଜୋନାଲ ସିଓଓ କିସଲୟ ଆନନ୍ଦ ଏବଂ କେୟାର ହସପିଟାଲର ଡଃ ସରବଜିତ ନାୟକ ଉପସ୍ଥିତ ଥିଲେ । ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ଏହା ପରେ ଆନୁଷ୍ଠାନିକ ଭାବେ ଏହି ରକ୍ତଦାନ ଶିବିର ଆରମ୍ଭ ହୋଇଥିଲା । ମୁଖ୍ୟ ଅତିଥି ଶ୍ରୀ ପଇତାଳ ଏହି ପଦକ୍ଷେପକୁ ପ୍ରଶଂସା କରିବା ସହ ଏକ ସୁସ୍ଥ ସମାଜ ଗଠନରେ ସ୍ୱେଚ୍ଛାକୃତ ରକ୍ତଦାନ ଏବଂ ସାମୂହିକ ପ୍ରୟାସର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ସଂଗଠନ ପକ୍ଷରୁ ସମସ୍ତ ସ୍ୱେଚ୍ଛାସେବୀ ଓ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା ।

# ଜିନ୍ଦଲ ଷ୍ଟେନଲେସ୍ ପକ୍ଷରୁ ହାଲୁକା କ୍ଷୟ ପ୍ରତିରୋଧୀ ସଲ୍ଟ ଟ୍ରେଲର ବିକଶିତ

ଭୁବନେଶ୍ୱର, (ସବ୍ୟୁ): ଭାରତର ଅଗ୍ରଣୀ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ୍ ଷ୍ଟେନଲେସ୍ ଭାରତର ଲବଣ ଶିଳ୍ପର ପ୍ରମୁଖକେନ୍ଦ୍ର ଗୁଜରାଟରେ ଏହାର



ଟେକ୍ନିକାଲ୍ କନକ୍ଲେଭରେ ସଲ୍ଟ ଟିପର୍ ଟ୍ରେଲରକୁ ଉଦଘାଟନ କରିଛି । ଲୁଣ ଟ୍ରେଲରଗୁଡ଼ିକରେ ଷ୍ଟେନଲେସ୍ ଷ୍ଟିଲର ମିଶ୍ରଣ ଲଜିଷ୍ଟିକ୍ସ ବ୍ୟବସାୟୀମାନଙ୍କ ପାଇଁ କ୍ଷୟ, କମ ସ୍ଥାୟୀତ୍ୱ, କମ ଜୀବନକାଳ ଏବଂ ଉଚ୍ଚ ରକ୍ଷଣାବେକ୍ଷଣ ଖର୍ଚ୍ଚ ଭଳି ଦୀର୍ଘକାଳୀନ ଚ୍ୟାଲେଞ୍ଜଗୁଡ଼ିକର ସମାଧାନ କରେ । ଏହା ସେମାନଙ୍କୁ ହାଲୁକା, କ୍ଷୟ-ପ୍ରତିରୋଧୀ, ଶକ୍ତି-ଦକ୍ଷ ଏବଂ ସ୍ଥାୟୀ ସମାଧାନ ପ୍ରଦାନ କରେ । କମ୍ପାନୀ ଟ୍ରେଲରଗୁଡ଼ିକ ନିର୍ମାଣ ପାଇଁ ଉନ୍ନତ ୩୦୪ ଏବଂ ଜେଟି (ବିଆଇଏସ ୬୯୧୧ ସ୍ପେସିଫିକେସନ୍ ଅନୁସାରେ ଏନ୍‌୭) ଗ୍ରେଡର ଷ୍ଟେନଲେସ୍ ଷ୍ଟିଲ ବ୍ୟବହାର କରିଛି, ଯେଉଁଥିରେ ଉତ୍କୃଷ୍ଟ କ୍ଷୟ ପ୍ରତିରୋଧ, ଅଗ୍ନି ପ୍ରତିରୋଧ ଏବଂ ଦୃଢ଼ତା ରହିଛି । ଏହି ପ୍ରୟୋଗ ପାଇଁ ବ୍ୟବହୃତ ପାରମ୍ପରିକ ସାମଗ୍ରୀଗୁଡ଼ିକ ୩-୪ ବର୍ଷ ମଧ୍ୟରେ କ୍ଷୟ ହୋଇଯାଏ । କିନ୍ତୁ ଷ୍ଟେନଲେସ୍ ଷ୍ଟିଲ୍ ଟ୍ରେଲରଗୁଡ଼ିକ ବ୍ୟବହାର କଲେ ପ୍ରାୟ ୨୫% ଓଜନ ହ୍ରାସ ହୁଏ ବୋଲି ଆକଳନ କରାଯାଇଛି । ଏହାସହ ୧୦ ବର୍ଷ ମଧ୍ୟରେ ପ୍ରାୟ ୨୫ ରୁ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ସଂଚୟ ହେବା ସହ ପ୍ରାୟ ୧୫ ରୁ ୨୦ ବର୍ଷ ପର୍ଯ୍ୟନ୍ତ ଦୀର୍ଘସ୍ଥାୟୀ ରହେ । ଏହି ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଜିନ୍ଦଲ ଷ୍ଟେନଲେସରେ ଇନୋଭେସନ୍ ର ମୁଖ୍ୟ ଲକ୍ଷ୍ୟ ହେଉଛି ସମଗ୍ର ଇକୋସିଷ୍ଟମ୍ କୁ ପରିବର୍ତ୍ତନ କରିପାରୁଥିବା ସମାଧାନ ସୃଷ୍ଟି କରିବା । ଷ୍ଟେନଲେସ୍ ଷ୍ଟିଲ୍ ସଲ୍ଟ ଟ୍ରେଲର୍ ମାଧ୍ୟମରେ, ଆମେ ଇଣ୍ଡଷ୍ଟ୍ରି ପାଇଁ ଦୀର୍ଘମିଆଦିକ ମୂଲ୍ୟ ସୃଷ୍ଟି କରିବାରେ ପ୍ରତିବଦ୍ଧ ରହିଛୁ, ଯାହା ଲଜିଷ୍ଟିକ୍ସ ଅପରେଟର୍ ଏବଂ ଲୁଣ ଉତ୍ପାଦକମାନଙ୍କୁ ଅଧିକ ସସ୍ଟେନେବଲ୍ ଏବଂ ଫ୍ୟୁଚ-ରେଡି ଆପ୍ରୋଚ୍ ଅପଣାଇବାରେ ସହାୟତା କରିବ । କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟେନଲେସ୍, ସିଇଓ ଏବଂ ସିଏଫଓ, ତରୁଣ ଖୁଲବେ କହିଛନ୍ତି, ହାଲୁକା, ଦୀର୍ଘସ୍ଥାୟୀ ଏବଂ ଉତ୍ତମ ଲଜିଷ୍ଟିକ୍ ସମାଧାନର ସମନ୍ୱୟ ମୋବିଲିଟି ଦୃଶ୍ୟପଟ୍ଟକୁ ପରିବର୍ତ୍ତନ କରିବାକୁ ପ୍ରସ୍ତୁତ । ଏହା ଫଳରେ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇବ ଏବଂ ଫ୍ଲିଟ୍ ଅପରେଟରମାନଙ୍କ ପାଇଁ କରୋସନ୍ ଦ୍ୱାରା ହେଉଥିବା ଡାଉନଟାଇମ୍ ଖର୍ଚ୍ଚ ଦୂର ହେବ ।

# କୋଟକ୍‌ର ନୂଆ ଉତ୍ପାଦ କୋଟକ ଗୋଲ୍ଡ ସିଲ୍‌ଭର ପାସିଭ୍ ଏଫ୍‌ଓଏଫ୍

ଭୁବନେଶ୍ୱର (ସବ୍ୟୁ): କୋଟକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ କୋଟକ ଗୋଲ୍ଡ ଇଟିଏଫ୍ ଏବଂ କୋଟକ ସିଲ୍‌ଭର ଇଟିଏଫ୍‌ର ୟୁନିଟଗୁଡିକରେ ନିବେଶ କରୁଥିବା ଏକ ଓପନ୍-ଏଣ୍ଡେଡ ଫଣ୍ଡ ଅଫ ଫଣ୍ଡ 'କୋଟକ ଗୋଲ୍ଡ ସିଲ୍‌ଭର ପାସିଭ ଏଫଓଏଫ୍' ପ୍ରଚଳନ ସମ୍ପର୍କରେ ଆନନ୍ଦର ସହିତ ଘୋଷଣା କରିଛି । ଏହି ନବୋନ୍ମେଷୀ ଫଣ୍ଡ କୋଟକ ଗୋଲ୍ଡ ଇଟିଏଫ୍ ଏବଂ କୋଟକ ସିଲ୍‌ଭର ଇଟିଏଫ୍‌ର ୟୁନିଟଗୁଡିକରେ ପୁଞ୍ଜିନିବେଶ ଦ୍ୱାରା ଦୀର୍ଘସୂତ୍ରୀ ପାଣ୍ଠି ବୃଦ୍ଧି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି ଯାହା ନିବେଶକମାନଙ୍କୁ ଉଭୟ ମୂଲ୍ୟବାନ ଧାତୁରେ ସୁଯୋଗ ଦେଉଛି । ଏହି ସ୍କିମ୍ ଜନସାଧାରଣଙ୍କ ସବ୍‌ସ୍କ୍ରିପସନ ନିମନ୍ତେ ୨୦୨୫ ଅକ୍ଟୋବର ୬ ତାରିଖରୁ ଉନ୍ମୁକ୍ତ ହୋଇଛି ଏବଂ ଏହା ୨୦୨୫ ଅକ୍ଟୋବର ୨୦ ତାରିଖରେ ବନ୍ଦ ହେବ । ସୁନା ଓ ରୂପା ଭଳି ମୂଲ୍ୟବାନ ଧାତୁ ଐତିହାସିକ ଦୃଷ୍ଟିରୁ ମୂଲ୍ୟର ଭଣ୍ଡାର ଭାବରେ ଭୂମିକା ନେଇଆସିଛି ଏବଂ ଏହା ମୁଦ୍ରାସ୍ଫୀତି ଓ ମୁଦ୍ରାର ଅବମୂଲ୍ୟାୟନ କ୍ଷେତ୍ରରେ ପ୍ରତିରୋଧ ଭାବରେ କାର୍ଯ୍ୟ କରିଆସିଛି । ବିଶ୍ୱସ୍ତରରେ ସେଣ୍ଟ୍ରାଲ ବ୍ୟାଙ୍କଗୁଡିକ ସେମାନଙ୍କର ସୁନା ମହଜୁଦ ପରିମାଣ ବୃଦ୍ଧି କରୁଥିବା ଏବଂ ରୂପା ଚାହିଦା ଶିଳ୍ପ ଏବଂ ପୁଞ୍ଜିନିବେଶ କ୍ଷେତ୍ରରେ ବୃଦ୍ଧିପାଉଥିବା ଦୃଷ୍ଟିରୁ କୋଟକ ଗୋଲ୍ଡ ସିଲ୍‌ଭର ପାସିଭ ଏଫ୍‌ଓଏଫ୍ ଏହି ସମ୍ପତ୍ତି ବର୍ଗ ନିମନ୍ତେ ଏକ ସମୟୋଚିତ ଏବଂ ବିବିଧକୃତ ପ୍ରବେଶ ଯୋଗାଇ ଦେଉଛି । କୋଟକ ଗୋଲ୍ଡ ସିଲ୍‌ଭର ପାସିଭ ଏଫ୍‌ଓଏଫ କୋଟକ ଗୋଲ୍ଡ ଇଟିଏଫ୍ ଏବଂ କୋଟକ ସିଲ୍‌ଭର ଇଟିଏଫ୍‌ରେ ନିବେଶ କରିବ, ଯାହା ଉଭୟ ଧାତୁ ସହିତ ସଂସ୍ପର୍ଶରେ ଆସିବାର ମୂଲ୍ୟ ସଞ୍ଚୟକାରୀ ଉପାୟ ଯୋଗାଇ ଦେଉଛି ।

# ୫୨ତମ ନୂପୁର ୨୦୨୫ ଉଦ୍‌ଯାପିତ

ଖୋର୍ଦ୍ଧା, (ସବ୍ୟୁ): ସ୍ଥାନୀୟ ପଲଟନ ପଡ଼ିଆସ୍ଥିତ ଇଗଲ କ୍ଲବ୍ ଆନୁକୁଲ୍ୟରେ ଗତ ସେପ୍ଟେମ୍ବର ୨୮ ତାରିଖ ଜଗତଜନନୀ ମା'ଦୁର୍ଗାଙ୍କର ଷଷ୍ଠି ପୂଜା ଦିନ ଠାରୁ ଅକ୍ଟେବର ୯ ତାରିଖ ପର୍ଯ୍ୟନ୍ତ ଚାଲିଥିବା ସାର୍ବଜନୀନ ଦୁର୍ଗାପୂଜା ଓ ୫୨ତମ ନୂପୁର ୨୦୨୫ ଉଦ୍‌ଯାପିତ ହୋଇଯାଇଛି । ଗୁରୁବାର ଉଦ୍‌ଯାପନି ସନ୍ଧ୍ୟାରେ କ୍ଲବ୍‌ର ସଭାପତି ତଥା ପୂର୍ବତନ ଜିଲ୍ଲାଯୋଜନା ବୋଡର୍ ଅଧ୍ୟକ୍ଷ, ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂସ୍କୃତିକ ସନ୍ଧ୍ୟା ସଭାରେ ମୁଖ୍ୟ ଅତିଥି ଭାବେ ବେଗୁନିଆ-ବୋଲଗଡ଼ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟବକ୍ତା ଭାବେ ବିଜେଡ଼ି ଲୋକସଭା ପ୍ରାର୍ଥୀ କ୍ୟାପଟେନ୍ ମନ୍ମଥ ରାଉତରାୟ ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟ



ରଂଜନ ମହାନ୍ତି (ଟିଟନ) ଯୋଗ ଦେଇ ନୂପୁର ଅନୁଷ୍ଠାନକୁ ଭୂୟସି ପ୍ରଶଂସା କରିଥିଲେ । ରାଜ୍ୟରେ ଏକ ଅଗ୍ରଣୀ ଅନୁଷ୍ଠାନ ଭାବେ ନୂପୁର ତାର ପରିଚୟ ପାଇଥିବାରୁ ତାର ଉତର ଉତର ଉନ୍ନତି କାମନା ସହିତ ଭାରତ ଏବଂ ରାଜ୍ୟରେ କିପରି ଏକ ନମ୍ବର ଅନୁଷ୍ଠାନ ଭାବେ ପରିଚିତ ହେବ ସେଥି ପାଇଁ ବିଧାୟକ ପ୍ରଦୀପ ସାହୁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଅନ୍ୟପଟେ ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁଙ୍କର ଏହିଭଳି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ । ସେହିପରି ମୁଖ୍ୟବକ୍ତା ଇଗଲ କ୍ଲବ୍‌ର ସମସ୍ତ ସଦସ୍ୟ ସଦସ୍ୟା କର୍ମକର୍ତା ଓ ଖୋରଧାର ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇବ ସହ ସମସ୍ତଙ୍କର ସହଯୋଗ ଏହିପରି ଜାରି ରହିଥାଉ ବୋଲି କହିଥିଲେ । ପୋ÷ରାଧକ୍ଷା ଶ୍ରୀମତୀ ମହାନ୍ତି ଖୋରଧା ବିକାଶ ସହିତ ଏହିଭଳି ଅନୁଷ୍ଠାନର ସମସ୍ତ ସଦସ୍ୟ ସଦସ୍ୟାମାନଙ୍କୁ ଏକଜୁଟ ହୋଇ କାମ କରିବାକୁ ନିବେଦନ କରିଥିଲେ । ଉପାଧ୍ୟକ୍ଷ ଟିଟନ ମହାନ୍ତି ଦୀର୍ଘ ଦିନ ଧରି କ୍ଲବ୍‌ର ସଦସ୍ୟ ଥିବା ବେଳେ ପ୍ରଥମ ଥର କରି ମଂଚରେ ଅତିଥି ହୋଇଥିବାରୁ ଭାବ ବିଭୋଳ ହୋଇପଡ଼ିଥିଲେ । ଏଥିରେ ରାଜେନ୍ଦ୍ର ସାହୁଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ କାର୍ଯ୍ୟକ୍ରମକୁ ଆହୁରି ସରସ ସୁନ୍ଦର କରିବା ପାଇଁ ଜନସାଧାରଣ ଜନତାଙ୍କ ସହଯୋଗ କାମନା କରିଥିଲେ । ଶେଷରେ ସ୍ଥାନୀୟ କାଉନସିଲର ପ୍ରବୀଣା ଜଗଦ୍ଦେବ ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ନାଗ ଭୂଷଣ ଜେନା, ଅମୀୟ ମହାନ୍ତି, ମୋନାଲିସା ସିଂ, ସୃଷ୍ଟି ମାଝୀ, ଅନୀଲ କୁମାର ରାମ, କାଦାମ୍ବରୀ ରାଉତ, ନର୍ମଦା ବେହେରା, ବିଦୁଲତା ସାହୁ ପ୍ରମୁଖ ମଂଚାସୀନ ଥିବା ବେଳେ ବେଗୁନିଆ-ବୋଲଗଡ଼ , ଟାଙ୍ଗୀ, ଖୋରଧା ଅଂଚଳର ବିଭିନ୍ନ ସରପଂଚ, ସମୀତ ସଭ୍ୟ, ଜିଲ୍ଲାପରିଷଦ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଜିତେନ୍ଦ୍ର ପୃଷ୍ଟି ପରିଚାଳନା କରିଥିଲେ । ମେଲୋଡ଼ି ଦେଖିବା ପାଇଁ ହଜାର ହଜାର ଦର୍ଶକ ଉପସ୍ଥିତ ରହି ଉପଭୋଗ କରିଥିଲେ ।

# ଶାନ୍ତି ଚୁକ୍ତି ପରେ ବି ଗାଜା ଉପରେ ହମଲା: ୩୦ମୃତ

**ତେଲଆଭିଭ:** ଇସ୍ରାଏଲ ଓ ହମାସ ମଧ୍ୟରେ ଦୀର୍ଘ ଦୁଇ ବର୍ଷ ଧରି ଚାଲିଥିବା ସଂଘର୍ଷ ଶେଷ କରିବା ପାଇଁ ଏକ ଐତିହାସିକ ଶାନ୍ତି ଚୁକ୍ତିର ପ୍ରଥମ ପର୍ଯ୍ୟାୟକୁ ନେଇ ସହମତି ପ୍ରକାଶ ପାଇଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଥିଲେ । ଏହି ଘୋଷଣା ପରେ ଏବେ ଏକ ବଡ଼ ଖବର ସାମ୍ନାକୁ ଆସିଛି । ପାଲେଷ୍ଟାଇନ ସ୍ୱାସ୍ଥ୍ୟ ବିଭାଗ ଅନୁଯାୟୀ, ଇସ୍ରାଏଲ ଏବଂ ହମାସ ଯୁଦ୍ଧବିରତି ଚୁକ୍ତି ସ୍ୱାକ୍ଷର କରିବା ପରେ ଇସ୍ରାଏଲ ଗାଜା ଉପରେ ଆକ୍ରମଣ କରିଛି । ଏହି ଆକ୍ରମଣରେ ଗାଜାରେ ଅତି କମରେ ୩୦ଜଣଙ୍କର ମୃତ୍ୟୁ ହୋଇଛି ।



ସ୍ଥାନୀୟ ଅଲ୍‌-ଶିଫା ହସ୍ପିଟାଲର ନିର୍ଦ୍ଦେଶକ ଡାକ୍ତର ମହମ୍ମଦ ଆବୁ ସଲମିୟା କହିଛନ୍ତି ଯେ, ଆକ୍ରମଣରେ ଅତି କମରେ ୬ଜଣଙ୍କର ମୃତ୍ୟୁ ହୋଇଛି ଏବଂ ବୁଧବାର ସନ୍ଧ୍ୟାରୁ ମୋଟ ୩୦ଜଣ ପାଲେଷ୍ଟିନୀୟଙ୍କ ମୃତ୍ୟୁ ହୋଇଛି ।

ଉଲ୍ଲେଖଯୋଗ୍ୟ, ୨୦୨୩ ଅକ୍ଟୋବର ୭ରେ ହମାସର ଆକ୍ରମଣରେ ୧,୨୦୦ ଇସ୍ରାଏଲୀ ନାଗରିକ ନିହତ ହୋଇଥିଲେ ଓ ୨୫୦ରୁ ଅଧିକଙ୍କୁ ପଣବନ୍ଦୀ ଭାବେ ନିଆଯାଇଥିଲା । ଇସ୍ରାଏଲର ପ୍ରତିଆକ୍ରମଣରେ ଗାଜାରେ ୬୦,୦୦୦ରୁ ଅଧିକ ପାଲେଷ୍ଟାଇନ ନାଗରିକ ନିହତ ହୋଇଛନ୍ତି । ୨ବର୍ଷ ପରେ ବୁଧବାର କତର, ଇଜିପ୍ଟ ଓ ଆମେରିକାର ମଧ୍ୟସ୍ଥତା ପରେ ଶାନ୍ତି ଚୁକ୍ତି ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ଇସ୍ରାଏଲ ୬ ସପ୍ତାହ ପାଇଁ ଗାଜାରେ ସାମରିକ କାର୍ଯ୍ୟକଳାପ ବନ୍ଦ କରିବ ଓ ପାଲେଷ୍ଟାଇନ କଏଦୀଙ୍କୁ ମୁକ୍ତ କରିବ ବୋଲି କୁହାଯାଇଥିଲା । ଏହା ସହ ଗାଜାକୁ ମାନବୀୟ ସାହାଯ୍ୟ ମଧ୍ୟ ଯୋଗାଇ ଦିଆଯିବ ସ୍ପଷ୍ଟ କରାଯାଇଥିଲା । ହମାସ କହିଥିଲା ଯେ, ଏହି ଯୁଦ୍ଧବିରତି ପାଲେଷ୍ଟାଇନବାସୀଙ୍କ ଦୁଃଖ ହ୍ରାସ କରିବ, କିନ୍ତୁ ଇସ୍ରାଏଲର ଏହି ଅଂଚଳ ଉପରେ ଅଧିକାରର ଅନ୍ତ ହେବା ଆବଶ୍ୟକ ।ତେବେ ଶାନ୍ତି ଚୁକ୍ତି ହେବା ପରେ ପରେ ୩୦ଜଣଙ୍କ ଜୀବନ ଯିବା ଖବର ଏବେ ଚର୍ଚ୍ଚାରେ ରହିଛି ।

## ତାଲିବାନ ସହ ସମ୍ପର୍କ ସୁଦୃଢ

# କାବୁଲରେ ଦୂତାବାସ ଖୋଲିବ ଭାରତ

**ନୂଆଦିଲ୍ଲୀ:** ୨୦୨୧ରେ ତାଲିବାନ ଆଫଗାନିସ୍ତାନକୁ ଦଖଲ କରିବା ପରେ କାବୁଲରେ ଦୂତାବାସକୁ ଭାରତ ବନ୍ଦ କରି ଦେଇଥିଲା । ହେଲେ ଏବେ ପାକିସ୍ତାନ ପଟୁ ବିପଦ ବଢୁଥିବାରୁ ଭାରତ ସରକାର ଆଫଗାନିସ୍ତାନରେ ଶାସନ କରୁଥିବା ତାଲିବାନ ସହ ସମ୍ପର୍କ ସୁଦୃଢ କରିବା ନିଷ୍ପତ୍ତିରେ ଅଟଳ ଥିବା କୁହାଯାଉଛି । ବନ୍ଧୁକ ମୁନରେ ଆଫଗାନିସ୍ତାନକୁ ଦଖଲ କରିଥିବା ତାଲିବାନ ସହ ସମ୍ପର୍କ ସୁଦୃଢ କରିଛି ଭାରତ । ଆଫଗାନିସ୍ତାନକୁ ଦଖଲ କରିବା ପରେ ତାଲିବାନର କୌଣସି ମନ୍ତ୍ରୀ ପ୍ରଥମଥର ଭାରତ ଗସ୍ତରେ ଆସି ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତ । ଭାରତ ଗସ୍ତରେ ଆସିଥିବା ତାଲିବାର ବୈଦେଶିକ ମନ୍ତ୍ରୀ ଆମୀର ଖାନ ମୁତାକୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି ଏସ ଜୟଶଙ୍କର ।




ଏହି ସମୟରେ କାବୁଲରେ ଭାରତ ତା'ର ଟେକ୍ନିକାଲ ମିଶନକୁ ଅପଗ୍ରେଡ କରି ଦୂତାବାସକୁ ପୁଣି ଖୋଲିବ ବୋଲି ଜୟଶଙ୍କର କହିଛନ୍ତି । ତେବେ ଏଯାଏ ଭାରତ ପକ୍ଷରୁ ତାଲିବାନ ଶାସନକୁ ବିଧିବଦ୍ଧ ସ୍ୱୀକୃତି ମିଳିନାହିଁ ।

ତାଲିବାନ ଓ ପାକିସ୍ତାନ ମଧ୍ୟରେ ଏବେ ତିକ୍ତତା ଚାଲିଛି । ସୀମା ପାର ଆତଙ୍କବାଦ ଓ ପାକିସ୍ତାନ ହଜାର ହଜାର ଆଫଗାନ ଶରଣାର୍ଥୀଙ୍କୁ କାବୁଲ ପଠାଇ ଦେଉଥିବାରୁ ତାଲିବାନ ଏହାକୁ ନେଇ ଖପ୍ପା ହୋଇଛି । ଏପରି ସ୍ଥିତିରେ ଭାରତ ସରକାର ତାଲିବାନକୁ ନିଜ ପାଖକୁ ଆଣିବାକୁ ଉଦ୍ୟମ କରିଛନ୍ତି । ଉଭୟ ଦେଶ ସୀମା ପାର ଆତଙ୍କବାଦକୁ ନେଇ ଚିନ୍ତା ପ୍ରକଟ କରିଥିବା କଥା କହି ପାକିସ୍ତାନକୁ କଟାକ୍ଷ କରିଛନ୍ତି ଜୟଶଙ୍କର ।


## ମିଳିଲାନି ଶାନ୍ତି,ଅଶାନ୍ତି ଝାଡିଲେ ଟ୍ରମ୍ପ

**ୱାଶିଂଟନ :** ନୋବେଲ ଶାନ୍ତି ପୁରସ୍କାର ମିଳିବ ବୋଲି ଆମେରିକା ରାଷ୍ଟ୍ରପତି ବଡ଼ ଆଶା ରଖିଥିଲେ । କିନ୍ତୁ ଆମେରିକାର ଏକ ଶତ୍ରୁ ଦେଶ ଭେନିଜୁଏଲାର ମାରିଆ କୋରିନା ମାଚଡୋଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିବା ପରେ ଟ୍ରମ୍ପ ନିରାଶ ହୋଇଯାଇଛନ୍ତି । ହ୍ୱାଇଟ ହାଉସର ଓଭାଲ୍ ଅଫିସ୍ ଏକ ବୟାନ ଜାରି କରି କହିଛି ଯେ ନୋବେଲ୍ କମିଟି ମାଚାଡୋଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରି ଶାନ୍ତି ଅପେକ୍ଷା ରାଜନୀତିକୁ ପ୍ରାଥମିକତା ଦେଇଛି । ହ୍ୱାଇଟ୍ ହାଉସ୍ ଯୋଗାଯୋଗ ନିର୍ଦ୍ଦେଶକ ଷ୍ଟିଭେନ୍ ଚ୍ୟୁଏଙ୍ଗ୍ ଇନଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି, ନୋବେଲ୍ କମିଟି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶାନ୍ତି ସ୍ଥାପନ ପାଇଁ ପ୍ରୟାସକୁ ଅଣଦେଖା କରିଛି । ଏହା ସତ୍ତ୍ୱେ, ଟ୍ରମ୍ପ ଶାନ୍ତି ପାଇଁ ପ୍ରୟାସ ଜାରି ରଖିବେ । ସେ ଯୁଦ୍ଧ ଶେଷ କରିବେ ଏବଂ ଜୀବନ ବଞ୍ଚାଇବେ । ସେ ମାନବିକ କରୁଣାର ବ୍ୟକ୍ତି ।



# ସର୍ବନିମ୍ନ ସହାୟକ ମୂଲ୍ୟ: ସୁରକ୍ଷା କବଚରୁ ଆତ୍ମନିର୍ଭରଶୀଳତା ପର୍ଯ୍ୟନ୍ତ

**ନୂଆଦିଲ୍ଲୀ :**ପ୍ରତ୍ୟେକ ଫସଲ ଋତୁରେ ଭାରତୀୟ ଚାଷୀମାନେ କଠିନ ପରିଶ୍ରମ କରୁଥିଲେ ସୁଦ୍ଧା ଅସ୍ଥିର ପାଣିପାଗ ଏବଂ ବଜାର କାରଣରୁ ସେମାନେ ଲାଭରୁ ବଞ୍ଚିତ ହୋଇଥା'ନ୍ତି । ଏଭଳି ସ୍ଥିତିରେ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ସେମାନଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଥାଏ । ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ଯାହା ମାଧ୍ୟମରେ ସରକାର ପୂର୍ବ-ନିର୍ଦ୍ଧାରିତ ମୂଲ୍ୟରେ କୃଷକମାନଙ୍କର ଫସଲ କ୍ରୟ କରି ସେମାନଙ୍କୁ ସମର୍ଥନ କରନ୍ତି । ପ୍ରତିବର୍ଷ, ସରକାର ସମ୍ପୃକ୍ତ ରାଜ୍ୟ ସରକାର ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟ/ବିଭାଗର ମତାମତ ବିଚାର କରିବା ପରେ କୃଷି ଖର୍ଚ୍ଚ ଏବଂ ମୂଲ୍ୟ ଆୟୋଗ (ସିଏସିପି)ର ସୁପାରିସ ଆଧାରରେ ୨୨ଟି ବାଧ୍ୟତାମୂଳକ କୃଷି ଫସଲ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ଘୋଷଣା କରନ୍ତି । ଏମଏସପି ସୁପାରିସ କରିବା ସମୟରେ ସିଏସିପି ଉତ୍ପାଦନ ଖର୍ଚ୍ଚ, ଚାହିଦା-ଯୋଗାଣ, ଘରୋଇ ଓ ଅନ୍ତର୍ଜାତୀୟ ଦର, ଆନ୍ତଃଫସଲ ମୂଲ୍ୟ, କୃଷି ଓ ଅଣକୃଷି ବାଣିଜ୍ୟ, ଅର୍ଥବ୍ୟବସ୍ଥା ଉପରେ ଦର ନୀତି ଏବଂ ଉତ୍ପାଦନର ଅତିକମରେ ୫୦ପ୍ରତିଶତ ଲାଭ ପ୍ରଦାନ ଆଦି ଦିଗ ଉପରେ ବିଚାର କରିଥାଏ । ଆହୁରି ଉତ୍ପାଦନ ଖର୍ଚ୍ଚରେ ଶ୍ରମିକଙ୍କ ମଜୁରୀ, ବଳଦ ଓ ମେସିନ ଖର୍ଚ୍ଚ, ଜମି ଭାଗ ପାଉଣା, ବିହନ, ସାର,ଖତ ଜଳସେଚନ, ଆଦି ବାବଦରେ ହେଉଥିବା ଖର୍ଚ୍ଚ, ଅନ୍ୟାନ୍ୟ ବ୍ୟୟ ଏବଂ ପାରିବାରିକ ଶ୍ରମକୁ ସାମିଲ କରାଯାଇଥାଏ । କେନ୍ଦ୍ର ବଜେଟ୍ ୨୦୧୮-୧୯ ରେ ଉତ୍ପାଦନ ଖର୍ଚ୍ଚର ଅତି କମରେ ୧.୫ ଗୁଣ ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରିବା ପାଇଁ ଘୋଷଣା କରାଯାଇଥିଲା । ସେହି ବର୍ଷଠାରୁ, ସରକାର ସମସ୍ତ ବାଧ୍ୟତାମୂଳକ ଫସଲ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିଆସୁଛନ୍ତି । ଏହା ସମସ୍ତ ଫସଲ ପାଇଁ ସର୍ବଭାରତୀୟ ସ୍ତରରେ ଲାଗୁ ହାରାହାରି ଉତ୍ପାଦନ ଖର୍ଚ୍ଚ ଉପରେ ସର୍ବନିମ୍ନ ୫୦% ଲାଭ ସୁନିଶ୍ଚିତ କରେ । କ୍ୟାବିନେଟ ୧ ଅକ୍ଟୋବର ୨୦୨୫ରେ ୨୦୨୬-୨୭ ବିପଣନ ଋତୁ ପାଇଁ ସମସ୍ତ ବାଧ୍ୟତାମୂଳକ ରବି ଫସଲ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ବୃଦ୍ଧି କରିବାକୁ ଅନୁମୋଦନ କରିଛନ୍ତି । ଏହା ବ୍ୟତୀତ, ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦର ଲାଭଦାୟକ ମୂଲ୍ୟ ସୁନିଶ୍ଚିତ କରିବା ପାଇଁ ସରକାର ୨୦୨୫-୨୬ ଖରିଫ ବିପଣନ ଋତୁ ପାଇଁ ବାଧ୍ୟତାମୂଳକ ଫସଲର ଏମଏସପି ବୃଦ୍ଧି କରିଛନ୍ତି । ସରକାର ଏମଏସପି ଦରରେ ଫସଲ କିଣିବା ଲାଗି ସକ୍ରିୟ ପଦକ୍ଷେପ ଗ୍ରହଣ କରିଛନ୍ତି । ଭାରତୀୟ ଖାଦ୍ୟ ନିଗମ(ଏଫସିଆଇ) ଏବଂ ରାଜ୍ୟସ୍ତରରେ ଏହାର ମାନ୍ୟତାପ୍ରାପ୍ତ ସଂସ୍ଥାଗୁଡ଼ିକ ଶସ୍ୟ ଏବଂ ଖଦଡ଼ ଶସ୍ୟ କ୍ରୟ ଜାରି ରଖିଛନ୍ତି ।




## ଜୁବିନ୍ ଗର୍ଗ ମୃତ୍ୟୁ ମାମଲା: ଦୁଇ ପିଏସ୍ଓ ଗିରଫ

**ନୂଆଦିଲ୍ଲୀ:** ଆସାମ ଗାୟକ ଜୁବିନି ଗର୍ଗଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ପୋଲିସ୍ ତାଙ୍କର ଦୁଇ ଜଣ ବ୍ୟକ୍ତିଗତ ନିରାପତ୍ତା ଅଧିକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ନନ୍ଦେଶ୍ୱର ବୋରା ଓ ପରେଶ ବୈଶ୍ୟ । ଗିରଫ ପରେ ସେମାନଙ୍କୁ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରାଯାଇଥିଲା। ସେମାନଙ୍କର ଜାମିନ ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି । ଜୁବିନଙ୍କ ପତ୍ନୀ ଗରିମା ସାଇକିଆ ଗର୍ଗ କହିଛନ୍ତି , ଏହି ଦୁଇ ଅଫିସିଆଲ ଜୁବିନିଙ୍କ ସହ ପ୍ରାୟ ୧୦ ବର୍ଷ ଧରି ରହିଥିଲେ । ଜୁବିନିଙ୍କୁ ଉଲ୍ଫା ସଂଗଠନର ଧମକ ପରେ ଆସାମ ପୋଲିସ୍ ଏହି ଦୁଇ ଅଫିସରଙ୍କୁ ନିଯୁକ୍ତି ଦେଇଥିଲେ ।



# ଇସିଙ୍କ ବଡ଼ ଅଭିଯୋଗ: କିଛି ଦଳ ବିଭ୍ରାନ୍ତି ସୃଷ୍ଟି କରିବାକୁ ଚାହୁଁଛନ୍ତି

**ନୂଆଦିଲ୍ଲୀ:** ସୁପ୍ରିମକୋର୍ଟରେ ବିହାର ଭୋଟର ତାଲିକାରେ ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା(ଏସ୍‌ଆଇଆର୍) ଉପରେ ଶୁଣାଣି ସମୟରେ ନିର୍ବାଚନ କମିସନ ଏକ ଦୃଢ଼ ବୟାନ ରଖି ଅଭିଯୋଗ କରିଛନ୍ତି ଯେ କେତେକ ରାଜନୈତିକ ଦଳ ଏବଂ ସଂସ୍ଥା ଆୟୋଗର ପ୍ରୟାସକୁ ନେଇ ବିଭ୍ରାନ୍ତିକର ମତ ରଖୁଛନ୍ତି । ସେମାନେ ଏଭଳି ମତକୁ ଦୋହରାଇ ଏଥିରୁ ଫାଇଦା ନେବାକୁ ବିଭ୍ରାନ୍ତ ସୃଷ୍ଟି କରିବାକୁ ଚାହୁଁଛନ୍ତି । ଏଭଳି ଦଳ ଓ ଗୋଷ୍ଠୀ ନିର୍ବାଚନ କମିସନଙ୍କୁ ସହଯୋଗ କରିବା ପରିବର୍ତ୍ତେ ଜନସାଧାରଣଙ୍କୁ ବିଭ୍ରାନ୍ତିର ଶିକାର କରାଇବାକୁ ଚେଷ୍ଟା କରୁଛନ୍ତି ବୋଲି କମିସନଙ୍କ ପକ୍ଷରୁ କୁହାଯାଇଛି ।ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ସୁନିଶ୍ଚିତ କରିବାରେ ଆମକୁ ସାହାଯ୍ୟ କରିବା ବଦଳରେ କିଛି ଦଳ ଓ ଗୋଷ୍ଠୀ ଯେଉଁ ମନଗଢା କାହାଣୀ ସୃଷ୍ଟି କରୁଛନ୍ତି ତାହାକୁ ନେଇ ସମସ୍ୟା ଉପୁଜୁଛି' ବୋଲି କମିସନ କହିଛନ୍ତି ।

ଅନ୍ୟପକ୍ଷରେ ଆବେଦନ କାରୀମାନେ ଯୁକ୍ତି କରିଛନ୍ତି ଯେ ନିର୍ବାଚନ କମିସନଙ୍କ ସଂଶୋଧନ ପ୍ରକ୍ରିୟାରେ ପର୍ଯ୍ୟାପ୍ତ ତ୍ରୁଟି ରହିଛି ଏବଂ ଏହା ଭୋଟରଙ୍କୁ ଅତ୍ୟନ୍ତ ବେପରୁଆ ଭାବେ ବାଦ୍ ଦେଉଛି । ଏଭଳି ସ୍ଥିତି ରାଜ୍ୟରେ ମୁକ୍ତ ଓ ନିରପେକ୍ଷ ଭୋଟ୍ କରାଇବାରେ ସକ୍ଷମ ହେବନାହିଁ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି । ତେବେ ଭୋଟରଙ୍କୁ ବାଦ୍ ଦେବା ଅଭିଯୋଗକୁ ଖଣ୍ଡନ କରି ନିର୍ବାଚନ କମିସନ କହିଛନ୍ତି ଯେ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହା ବିଭିନ୍ନ ପ୍ଲାଟଫର୍ମରେ ତାଲିକାରୁ ହଟାଇ ଦିଆଯାଇଥିବା ନାମର ତାଲିକା ପ୍ରକାଶ କରିଛି ଏବଂ ପ୍ରଭାବିତ ସମସ୍ତଙ୍କ ପାଖରେ ଯାଞ୍ଚ ଏବଂ ଆବେଦନ କରିବାକୁ ପର୍ଯ୍ୟାପ୍ତ ସୁଯୋଗ ଅଛି । ନିର୍ବାଚନ କମିସନଙ୍କ ଓକିଲ କୋର୍ଟଙ୍କୁ କହିଛନ୍ତି, ପ୍ରତ୍ୟେକ ବାଦ୍ ପଡ଼ିଥିବା ଭୋଟରଙ୍କ ବାବଦରେ କମିସନ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି । ଆଜି ଶୁଣାଣିରେ ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ କମିସନ ପ୍ରତ୍ୟେକଟି ମାମଲାରେ କାରଣ ଉପସ୍ଥାପନ କରିଛନ୍ତି ଏବଂ ଆବେଦନ କରିବା ପାଇଁ ଲୋକଙ୍କ ପାଖରେ ଏବେ ବି ସମୟ ଅଛି । କୋର୍ଟ ଆହୁରି ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଯେ ପ୍ରତ୍ୟେକ ଗ୍ରାମରେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍ଓ) ତାଲିକା ଏବଂ ଆବେଦନ ଦାଖଲ କରିବାରେ ସାହାଯ୍ୟ କରିବା ପାଇଁ ନିଯୁକ୍ତ ପାରା-ଲିଗାଲ୍ ସ୍ୱେଚ୍ଛାସେବୀଙ୍କ ଯୋଗାଯୋଗ ବିବରଣୀ ପ୍ରଦର୍ଶନ କରାଯିବା ଉଚିତ ।



# ଆଜି ସ୍ୱତନ୍ତ୍ର କୃଷି କାର୍ଯ୍ୟକ୍ରମରେ ଯୋଗଦେବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ଭାରତୀୟ କୃଷି ଗବେଷଣା ସଂସ୍ଥାନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବେ । ପ୍ରଧାନମନ୍ତ୍ରୀ କୃଷକମାନଙ୍କ ସହିତ ମତବିନିମୟ କରି, ପରେ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ, ଯେଉଁଠାରେ ସେ ସମାବେଶକୁ ସମ୍ବୋଧିତ କରିବେ । ଏହି କାର୍ଯ୍ୟକ୍ରମ କୃଷକ କଲ୍ୟାଣ, କୃଷି ସ୍ୱାବଲମ୍ବନ ଏବଂ ଗ୍ରାମୀଣ ଭିତ୍ତିଭୂମିକୁ ସୁଦୃଢ଼ କରିବା ପ୍ରତି ପ୍ରଧାନମନ୍ତ୍ରୀଙ୍କ ନିରନ୍ତର ପ୍ରତିବଦ୍ଧତାକୁ ଗୁରୁତ୍ୱ ଦିଏ । ଏହା ଆଧୁନିକ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରିବା, ଚାଷୀମାନଙ୍କୁ ସମର୍ଥନ କରିବା ଏବଂ କୃଷକ-କୈନ୍ଦ୍ରିକ ପଦକ୍ଷେପରେ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିବାରେ ସହାୟକ ହେବ । ପ୍ରଧାନମନ୍ତ୍ରୀ କୃଷି କ୍ଷେତ୍ରରେ ଦୁଇଟି ପ୍ରମୁଖ ଯୋଜନା ଆରମ୍ଭ କରିବେ, ଯାହାର ମୂଲ୍ୟ ୩୫,୪୪୦ କୋଟି ଟଙ୍କା । ସେ ୨୪,୦୦୦ କୋଟି ଟଙ୍କା ବ୍ୟୟରେ ପ୍ରଧାନମନ୍ତ୍ରୀ ଧନ ଧନ୍ୟ କୃଷି ଯୋଜନା ଆରମ୍ଭ କରିବେ । ଏହାର ଲକ୍ଷ୍ୟ କୃଷି ଉତ୍ପାଦକତା ବୃଦ୍ଧି, ଫସଲ ବିବିଧତା ଏବଂ ସ୍ଥାୟୀ କୃଷି ପଦ୍ଧତି ଗ୍ରହଣ, ପଞ୍ଚାୟତ ଏବଂ ବ୍ଲକସ୍ତରରେ ଅମଳ ପରବର୍ତ୍ତୀ ସଂରକ୍ଷଣକୁ ବୃଦ୍ଧି, ଜଳସେଚନ ସୁବିଧାରେ ଉନ୍ନତି ଏବଂ ୧୦୦ଟି ମନୋନୀତ ଜିଲ୍ଲାରେ ଦୀର୍ଘକାଳୀନ ଏବଂ ସ୍ୱଳ୍ପକାଳୀନ ଋଣ ଉପଲବ୍ଧତାକୁ ସହଜ କରିବା । ପ୍ରଧାନମନ୍ତ୍ରୀ ଡାଲିରେ ଆତ୍ମନିର୍ଭରଶୀଳତା ମିଶନ ମଧ୍ୟ ଆରମ୍ଭ କରିବେ, ଯାହାର ମୂଲ୍ୟ ୧୧,୪୪୦ କୋଟି ଟଙ୍କା ହେବ । ଏହାର ଲକ୍ଷ୍ୟ ଡାଲିର ଉତ୍ପାଦକତା ସ୍ତରକୁ ଉନ୍ନତ, ଡାଲି ଚାଷ ଅଧୀନରେ ଥିବା କ୍ଷେତ୍ରକୁ ବୃଦ୍ଧି, ମୂଲ୍ୟ ଶୃଙ୍ଖଳ - କ୍ରୟ, ସଂରକ୍ଷଣ, ପ୍ରକ୍ରିୟାକରଣକୁ ସୁଦୃଢ଼ କରିବା ଏବଂ କ୍ଷତି ହ୍ରାସ କରିବା ।

## ବରିଷ୍ଠ ଆଇପିଏସଙ୍କ ମୃତ୍ୟୁକୁ ବିତିଲାଣି ୪ଦିନ

# ଅଟକିଛି ବ୍ୟବଚ୍ଛେଦ, ହେଉନି ସଂସ୍କାର

**ନୂଆଦିଲ୍ଲୀ:** ହରିୟାଣାର ପୁଲିସ ଆଇଜି ପୁରନ କୁମାର ଜୀବନ ହାରିବା ଘଟଣାର ତଦନ୍ତ ଯେତେ ଆଗକୁ ବଢୁଛି ମାମଲାରେ ସେତେ ନୂଆ ମୋଡ଼ ସାମ୍ନାକୁ ଆସୁଛି । ପୁଲିସ ପୁରନ କୁମାରଙ୍କ ଘରୁ ଏକ ସୁଇସାଇଡ ନୋଟ୍ ଜବତ କରିଛ । ଉକ୍ତ ସୁଇସାଇଡ ନୋଟରେ ସେ ବର୍ଷ ବର୍ଷ ଧରି ନିର୍ଯାତନା, ଜାତିଗତ ଭେଦଭାବ ଏବଂ ଅପମାନର ସମ୍ମୁଖୀନ ହୋଇଥିବା କଥା ବର୍ଣ୍ଣନା କରିଛନ୍ତି । ଏଥିସହିତ କିଛି ଅଧିକାରୀଙ୍କ ନାମ ଉଲ୍ଲେଖ କରିଛନ୍ତି ।ସେମାନଙ୍କ ମଧ୍ୟରେ ମୁଖ୍ୟ ସଚିବ ଅନୁରାଗ ରସ୍ତୋଗୀ, ଡିଜିପି ଶତ୍ରୁଜିତ କପୁର, ପୂର୍ବତନ ମୁଖ୍ୟ ସଚିବ ଟି.ଭି.ଏସ.ଏନ. ପ୍ରସାଦ୍, ପୂର୍ବତନ ଏସିଏସ୍ (ଗୃହ) ରାଜୀବ ଆରୋରା, ପୂର୍ବତନ ଡିଜିପି ମନୋଜ ଯାଦବ ଏବଂ ପି.କେ. ଅଗ୍ରୱାଲ ଅନ୍ତର୍ଭୁକ୍ତ ଅଛନ୍ତ ।ଏଥିସହିତ ପୁରନ ତାଙ୍କ ଚିଠିର ଶେଷପୃଷ୍ଠାରେ ତାଙ୍କର ସମସ୍ତ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ତାଙ୍କ ପତ୍ନୀ ତଥା ଆଇଏଏସ ଅଧିକାରୀ ଅମନୀତ ପି. କୁମାରଙ୍କୁ ଦାନ କରିଥିବା ଉଲ୍ଲେଖ କରିଛନ୍ତି ।ପୁରନ କୁମାରଙ୍କ ମୃତ୍ୟୁକୁ ୪ଦିନ ବିତି ଯାଇଥିଲେ ସୁଦ୍ଧା ଆଇପିଏସ ଅଧିକାରୀଙ୍କ ପରିବାରଲୋକ ତାଙ୍କ ବ୍ୟବଚ୍ଛେଦ ପାଇଁ ରାଜି ନାହାନ୍ତି । ଏ ନେଇ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛ । ପୁରନଙ୍କ ପତ୍ନୀ ଅମନୀତ ପି. କୁମାର ଓ ତାଙ୍କ ପରିବାରବର୍ଗ ଦାବି କରିଛନ୍ତି କି, 'ଯେ ପର୍ଯ୍ୟନ୍ତ ଦୋଷୀଙ୍କୁ ଗିରଫ କରାଯାଇ ନାହିଁ ସେ ପର୍ଯ୍ୟନ୍ତ ପୁରନଙ୍କ ଶବବ୍ୟବଚ୍ଛେଦ କି ଅନ୍ତିମ ସଂସ୍କାର ହେବନାହିଁ ।'ଏହି ଘଟଣାପରେ ହରିୟାଣା ପୁଲିସ ଓ ପ୍ରଶାସନ ସ୍ତବ୍ଧ ହୋଇଯାଇଥିବା ବେଳେ ବିଭିନ୍ନ ସାମାଜିକ ସଙ୍ଗଠନ ଅମନୀତ କୁମାରଙ୍କ ଦାବିକୁ ଯଥାଶୀଘ୍ର ପୁରଣ ପାଇଁ ଅଡି ବସିଛନ୍ତ । ପୁରନ କୁମାରଙ୍କ ନିସ୍ୱାର୍ଥପର ସେବା, ତ୍ୟାଗ ପାଇଁ ତାଙ୍କୁ ନିଶ୍ଚୟ ନ୍ୟାୟ ମିଳିବା ଆବଶ୍ୟକ ବୋଲି ସାମାଜିକ ସଙ୍ଗଠନ ଦାବି କରିଛନ୍ତି ।

## ୭.୪ ତୀବ୍ରତାରେ ଥରିଲା ଫିଲିପାଇନ୍ସ

**ନୂଆଦିଲ୍ଲୀ:** ଫିଲିପାଇନ୍ସର ମିଣ୍ଡାନାଓ ଅଞ୍ଚଳରେ ୭.୪ ତୀବ୍ରତାର ଏକ ଭୂମିକମ୍ପ ଅନୁଭୂତ ହୋଇଛ । ଏହାକୁ ନଜରରେ ରଖି କର୍ତ୍ତୃପକ୍ଷ ସୁନାମି ପାଇଁ ସତର୍କ ସୂଚନା ଜାରି କରିଛନ୍ତି ଏବଂ ପୁଣି ଥରେ ଭୂକମ୍ପ ହୋଇପାରେ ବୋଲି ସତର୍କ କରାଇଛନ୍ତି । ୟୁରୋପିଆନ୍ ମେଡିଟେରାନିଆନ୍ ସେସ୍ମୋଲୋଜିକାଲ ସେଣ୍ଟର(ଇଏମଏସସି) ଅନୁଯାୟୀ, ଭୂମିକମ୍ପର ଗଭୀରତା ୬୨କିଲୋମିଟର ଥିଲା । ତେବେ ଏହି ଭୂମିକମ୍ପରେ କେତେ ଜଣ ମୃତାହତ ହୋଇଛନ୍ତି, ତାହା ସାମ୍ନାକୁ ଆସିନାହିଁ । ଭୂକମ୍ପ ପରେ ସ୍ଥାନୀୟ କର୍ତ୍ତୃପକ୍ଷ ଉପକୂଳବର୍ତ୍ତୀ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ଉଚ୍ଚ ସ୍ଥାନକୁ ଚାଲିଯିବାକୁ ପରାମର୍ଶ ଦେଇଛନ୍ତି ଏବଂ ନାଗରିକମାନଙ୍କୁ ସରକାରୀ ନିର୍ଦ୍ଦେଶ ପାଳନ କରିବାକୁ ଅନୁରୋଧ କରାଯାଇଛି । ଏହା ପୂର୍ବରୁ ଅକ୍ଟୋବର ୧ରେ ଫିଲିପାଇନ୍ସରେ ଶକ୍ତିଶାଳୀ ଭୂମିକମ୍ପ ହୋଇଥିଲା । ଏଥିରେ ମୃତ୍ୟୁସଂଖ୍ୟା ୬୦ରୁ ଅଧିକ ଥିଲା । କେନ୍ଦ୍ରୀୟ ଫିଲିପାଇନ୍ସରେ ଏହି ଶକ୍ତିଶାଳୀ ଭୂକମ୍ପ ହୋଇଥିଲା ।ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୯ ଥିବା କୁହାଯାଇଥିଲା ।

# ନୂତନ ଫର୍ମାଟ ସହ ଜାତୀୟ ଟେଲିଭିଜନକୁ ଫେରୁଛି ମହାଭାରତ

**ନୂଆଦିଲ୍ଲୀ:** କଲେକ୍ଟିଭ୍ ମିଡିଆ ନେଟୱାର୍କ ଏଆଇ ମାଧ୍ୟମରେ ଭାରତର ସବୁଠାରୁ ପ୍ରସିଦ୍ଧ ମହାକାବ୍ୟ, ମହାଭାରତର ଏକ ଅଭୂତପୂର୍ବ ପୁନଃ-ପରିକଳ୍ପନା ଘୋଷଣା କରିଛି । ଏହି ସିରିଜ ୨୫ ଅକ୍ଟୋବର, ୨୦୨୫ରେ ୱେଭ୍ସ ଓଟିଟିରେ ଏକ ସ୍ୱତନ୍ତ୍ର ଡିଜିଟାଲ ପ୍ରିମିୟର ହେବ, ଏବଂ ତା'ପରେ ୨ ନଭେମ୍ବର, ୨୦୨୫ ଠାରୁ ପ୍ରତି ରବିବାର ସକାଳ ୧୧.୦୦ରେ ଦୂରଦର୍ଶନରେ ପ୍ରସାରିତ ହେବ । ଏହି ସିରିଜ୍ ଭାରତ ଏବଂ ସାରା ବିଶ୍ୱରେ ଡିଜିଟାଲ ଦର୍ଶକଙ୍କ ପାଇଁ ୱେଭ୍ସ ଓଟିଟିରେ ଏକକାଳୀନ ଉପଲବ୍ଧ ହେବ ।



ଏହି ପ୍ରଥମ ପ୍ରକାରର ସହଯୋଗ ଭାରତର ରାଷ୍ଟ୍ରୀୟ ପ୍ରସାରଣକାରୀ ଦୂରଦର୍ଶନର ଐତିହ୍ୟ ଏବଂ ଦେଶବ୍ୟାପୀ ପହଞ୍ଚକୁ ପରବର୍ତ୍ତୀ ପିଢ଼ିର ମିଡିଆ ନେଟୱାର୍କର ସୃଜନଶୀଳ ନବସୃଜନ ସହିତ ମିଶ୍ରଣ କରିଥାଏ । ଅତ୍ୟାଧୁନିକ ଏଆଇ ଉପକରଣ ବ୍ୟବହାର କରି, ଏହି ଧାରାବାହିକ ମହାଭାରତ ମହାକାବ୍ୟର ବିଶାଳ ପରିସର, ଏହାର ଚରିତ୍ର, ଯୁଦ୍ଧକ୍ଷେତ୍ର, ଭାବନା ଏବଂ ନୈତିକ ଦ୍ୱନ୍ଦ୍ୱକୁ ସିନେମାଟିକ୍ ସ୍କେଲ୍ ଏବଂ ଆଶ୍ଚର୍ଯ୍ୟଜନକ ବାସ୍ତବବାଦ ସହିତ ପୁନଃନିର୍ମାଣ କରିଥାଏ । ଏହି ପ୍ରକଳ୍ପ ମେକ୍ ଇନ୍ ଇଣ୍ଡିଆ ଏବଂ ଡିଜିଟାଲ ଇଣ୍ଡିଆର ଆତ୍ମାକୁ ମୂର୍ତ୍ତିମନ୍ତ କରିଥାଏ, ଯାହା ପ୍ରଦର୍ଶନ କରିଥାଏ ଯେ ଐତିହ୍ୟ ଏବଂ ନବସୃଜନ କିପରି ଏକାଠି ବିକଶିତ ହୋଇପାରେ ।

ପ୍ରସାର ଭାରତୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ଦ୍ୱିବେଦୀ ଏହି ସହଯୋଗ ବିଷୟରେ କହିଛନ୍ତି, ପ୍ରସାର ଭାରତୀ ସର୍ବଦା ପ୍ରତ୍ୟେକ ଭାରତୀୟଙ୍କ ଘରେ ଜାତୀୟ ଏବଂ ସାଂସ୍କୃତିକ ମହତ୍ତ୍ୱର କାହାଣୀ ଆଣିବା ପାଇଁ ପ୍ରତିବଦ୍ଧ । ଲକଡାଉନ୍ ସମୟରେ ମୂଳ ମହାଭାରତର ପୁନଃପ୍ରସାରଣ ଆମକୁ ମନେ ପକାଇ ଦେଇଥିଲା ଯେ, ଏହି କାହାଣୀଗୁଡ଼ିକ ପରିବାର ଏବଂ ପିଢ଼ିକୁ କେତେ ଗଭୀର ଭାବରେ ସଂଯୋଗ କରେ । ଏହି ଏଆଇ-ଆଧାରିତ ପୁନଃକଳ୍ପନା ଦର୍ଶକମାନଙ୍କୁ ପରମ୍ପରାକୁ ସମ୍ମାନ ଦେଇ ଏବଂ ଅତ୍ୟାଧୁନିକ କାହାଣୀ କହିବା ପ୍ରଯୁକ୍ତିବିଦ୍ୟାକୁ ଗ୍ରହଣ କରି ଭାରତର ସର୍ବୋତ୍ତମ ମହାକାବ୍ୟ ମଧ୍ୟରୁ ଗୋଟିଏର ଏକ ନୂତନ ଅଭିଜ୍ଞତା ପ୍ରଦାନ କରେ । ଏହା ଆଧୁନିକ ପ୍ରସାରଣରେ ବିବର୍ତ୍ତନ ଏବଂ ଐତିହ୍ୟର ଏକତ୍ର ହେବାର ଏକ ପ୍ରକାଶନ ।

କଲେକ୍ଟିଭ୍ ଆର୍ଟିଷ୍ଟ ନେଟୱାର୍କର ପ୍ରତିଷ୍ଠାତା ଏବଂ ଗ୍ରୁପ୍ ସିଇଓ ବିଜୟ ସୁବ୍ରମଣ୍ୟମ୍ ଏହି ସହଭାଗୀତା ବିଷୟରେ ନିଜର ମତାମତ ପ୍ରକାଶ କରି କହିଛନ୍ତ । ସେ କହିଛନ୍ତି ଯେ, ଲକ୍ଷ ଲକ୍ଷ ଭାରତୀୟଙ୍କ ପରି, ସେ ପ୍ରତି ରବିବାର ଟେଲିଭିଜନରେ କ୍ଲାସିକ୍ ମହାଭାରତ ଦେଖି ବଡ଼ ହୋଇଛନ୍ତି । ଏହା ଏକ ଅଭିଜ୍ଞତା ଥିଲା ଯାହା ଆମର କଳ୍ପନା ଏବଂ ସଂସ୍କୃତି ସହିତ ଆମର ସଂଯୋଗକୁ ଆକାର ଦେଇଥିଲା । ଏହି ନୂଆ ମହାଭାରତ ସହିତ, ଆମର ଆଶା ହେଉଛି ଆଜିର ପିଢ଼ିକୁ ଏକ ନିମଗ୍ନ ଏବଂ ସମନ୍ୱିତ ଅଭିଜ୍ଞତା ପ୍ରଦାନ କରିବା ଯାହା ଆଜିର ପ୍ରଯୁକ୍ତିର ସମ୍ଭାବନା ସହିତ ଗଭୀର ଏବଂ ନିର୍ବିଘ୍ନରେ ପ୍ରତିଧ୍ୱନିତ ହୁଏ । ଏହା ଭକ୍ତି ଏବଂ ପ୍ରଗତିର ମିଶ୍ରଣ, ଏପରି କିଛି ସୃଷ୍ଟି କରେ ଯାହା କେବଳ ପରମ୍ପରାରେ ଗଭୀର ଭାବରେ ମୂଳ ନୁହେଁ ବରଂ ସାହସିକ ଭାବରେ ଦୂରଦର୍ଶୀ ମଧ୍ୟ ।

ପ୍ରସାର ଭାରତୀର ସରକାରୀ ଓଟିଟି ପ୍ଲାଟଫର୍ମ, ୱେଭ୍ସ, ଭାରତର ସଂସ୍କୃତି, ଖବର ଏବଂ ମନୋରଞ୍ଜନର ସମୃଦ୍ଧ ପରମ୍ପରାକୁ ଏକ ଡିଜିଟାଲ୍ ପ୍ଲାଟଫର୍ମରେ ଏକତ୍ରିତ କରେ । ଭିଡିଓ-ଅନ୍-ଡିମାଣ୍ଡ, ଲାଇଭ୍ ଇଭେଣ୍ଟ ଏବଂ ଟିଭି, ରେଡିଓ, ଅଡିଓ ଏବଂ ପତ୍ରିକା ବିଷୟବସ୍ତୁର ଏକ ବିସ୍ତୃତ ସଂଗ୍ରହ ସହିତ, ୱେଭ୍ସ ଏହାର ନିର୍ଭରଯୋଗ୍ୟ, ପରିବାର-ଅନୁକୂଳ ଏବଂ ବହୁଭାଷୀ ପ୍ରସ୍ତାବ ସହିତ ଲକ୍ଷ ଲକ୍ଷ ଉପଭୋକ୍ତାଙ୍କୁ ଶୀଘ୍ର ଆକର୍ଷିତ କରିଛି । ଅନ୍ତର୍ଭୁକ୍ତି, ନବସୃଜନ ଏବଂ ଐତିହ୍ୟର ସ୍ତମ୍ଭ ଉପରେ ନିର୍ମିତ, ଏହି ପ୍ଲାଟଫର୍ମ ଭାରତର କାଳଜୟୀ ଐତିହ୍ୟକୁ ଅତ୍ୟାଧୁନିକ କାହାଣୀ କହିବା ସହିତ ମିଶ୍ରଣ କରିଥାଏ । କଲେକ୍ଟିଭ୍ ଏଆଇ, ମହାଭାରତ ସହିତ ଏହାର ସହଯୋଗ ଉଦାହରଣ ଦିଏ ଯେ, କିପରି ପ୍ରଯୁକ୍ତିବିଦ୍ୟା ଏବଂ ପରମ୍ପରା ଏକାଠି ହୋଇ ଶକ୍ତିଶାଳୀ, ସମସାମୟିକ କାହାଣୀ ସୃଷ୍ଟି କରିପାରିବେ ଯାହା ଭାରତ ଏବଂ ବିଶ୍ୱର ଦର୍ଶକଙ୍କ ସହିତ ପ୍ରତିଧ୍ୱନିତ ହେବ ।

# ଆଜିଠୁ କଳିଙ୍ଗରେ ଏସୀୟ ଟେବୁଲ ଟେନିସ୍ ଚାମ୍ପିଅନସିପ୍




ଭୁବନେଶ୍ୱର,୧୦।୧୦(ସବ୍ୟୁ): ଶନିବାର ଠାରୁ କଳିଙ୍ଗ ଷ୍ଟାଡିୟମରେ ଏସୀୟ ଟେବୁଲ ଟେନିସ୍ ଚାମ୍ପିଅନସିପର ୨୮ତମ ସଂସ୍କରଣ ଆରମ୍ଭ ହେବାକୁଯାଉଛି । ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଆୟୋଜିତ ହେବ । ଅନ୍ତର୍ଜାତୀୟ ଟେବୁଲ ଟେନିସ୍ ମହାସଂଘ, ଭାରତୀୟ ଟେବୁଲ ଟେନିସ୍ ମହାସଂଘ, ଏସିଆନ୍ ଟେବୁଲ ଟେନିସ୍ ୟୁନିୟନ, ଓଡ଼ିଶା ଟେବୁଲ ଟେନିସ୍ ଆସୋସିଏସନ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତାର ଆୟୋଜନ ହୋଇଛି । ଦୀର୍ଘ ୧୬ ବର୍ଷ ପରେ ଭାରତରେ ଏସୀୟ ଟେବୁଲ ଟେନିସ୍ ଚାମ୍ପିଅନସିପ ଅୟୋଜନ କରାଯାଉଛି ।

୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିଅନସିପରେ ୨୨ଟି ଦେଶ ଯଥା ଭାରତ, ଚୀନ, ଜାପାନ, କୋରିଆ ରିପବ୍ଲିକ, ଡେମୋକ୍ରାଟିକ ପିପୁଲ୍ସ ରିପବ୍ଲିକ ଅଫ କୋରିଆ, ତାଇୱାନ, ହଂକଂ, ସିଙ୍ଗାପୁର, ଚାଇନିଜ ମକାଓ, ବାଂଲାଦେଶ, ଇରାନ, କାଜାକିସ୍ତାନ, କିର୍ଗୀସ୍ତାନ, ମାଲେସିଆ, ମାଲଦୀପ, ମଙ୍ଗୋଲିଆ, ନେପାଳ, ଓମାନ, କତାର, ଶ୍ରୀଲଙ୍କା, ଥାଇଲାଣ୍ଡ, ଉଜବେକିସ୍ତାନରୁ ୫୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍, ସପୋର୍ଟ ଷ୍ଟାଫ ଆଦି ଅଂଶଗ୍ରହଣ କରିଛନ୍ତି । ଉଭୟ ପୁରୁଷ ଓ ମହିଳା ଟିମ୍ ଏହି ଚାମ୍ପିଅନସିପରେ ଅଂଶଗ୍ରହଣ କରୁଛନ୍ତି । ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଟିମ୍ ଗୁଡ଼ିକ ଆଗାମୀ ଦିନରେ ଲଣ୍ଡନରେ ଆୟୋଜିତ ହେବାକୁଥିବା ଆଇଆଇଟିଏଫ ୱାର୍ଲଡ଼ ଟେବୁଲ ଟେନିସ୍ ଟିମ୍ ଚାମ୍ପିଅନସିପ୍-୨୦୨୬ ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ।

ସେ ଆହୁରି ମଧ କହିଛନ୍ତି ଯେ, ବିଶ୍ୱର ଟପ୍ ରାଙ୍କିଙ୍ଗ ଟେବୁଲ ଟେନିସ୍ ଖେଳାଳିମାନେ ଏହି ୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିଅନସିପରେ ଅଂଶ ଗ୍ରହଣ କରିଛନ୍ତି । ଭାରତରୁ ମହିଳା ବିଭାଗରେ ଶ୍ରୀଜା ଅକୁଲା, ମନିକା ବତ୍ରା, ଦିୟା ଚିତଲେ, ଯଶସ୍ୱିନୀ ଘୋରପଡ଼େ, ସ୍ୱସ୍ତିକା ଘୋଷ ଏବଂ ପୁରୁଷ ବିଭାଗରେ ଅଙ୍କୁର ଭଟ୍ଟାଚାର୍ଯ୍ୟ, ପ୍ରୟାସ ଜୈନ୍, ମାନୁଷ ଶାହା, ସ୍ନେହିତ ସୁରବଜ୍ଜୁଲା, ମାନବ ଠକ୍କର ଆଦି କ୍ରୀଡାବିତ୍ ଅଂଶଗ୍ରହଣ କରିଛନ୍ତି । ଇତି ମଧ୍ୟରେ ବିଭିନ୍ନ ଦେଶରୁ କ୍ରୀଡ଼ାବିତ୍ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି ।

ଏଥିସହିତ ବିଗତ ଅକ୍ଟୋବର ୬ ତାରିଖରେ ଟେବୁଲ ଟେନିସ୍ ଟିମ୍ ଚାମ୍ପିଅନସିପ୍ ଟ୍ରଫି ଅନାବରଣ କାର୍ଯ୍ୟକ୍ରମ ଆୟୋଜିତ ହେବା ସହିତ ଇତି ମଧ୍ୟରେ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ, ମହାବିଦ୍ୟାଳୟ, ସପିଙ୍ଗ ମଲ୍ ଆଦିରେ ଟ୍ରଫି ଟୁର୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଲୋକମାନଙ୍କ ମଧ୍ୟରେ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିଅନସିପର ଆୟୋଜନକୁ ନେଇ ମଧ ଉତ୍ସାହ ପରିଲକ୍ଷିତ ହୋଇଛି । ଏହି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ପାଇଁ ବୁକ୍ ମାଇ ସୋ (Book My Show) ୱେବସାଇଟରେ ମଧ ଟିକେଟ ବୁକିଂ ବ୍ୟବସ୍ଥା କରାଯାଇଛି । କ୍ରୀଡ଼ାପ୍ରେମୀ ଓ ଦର୍ଶକମାନେ ବୁକ୍ ମାଇ ସୋ (Book My Show) ୱେବ୍ସାଇଟକୁ ଯାଇ ଏସୀୟ ଟେବୁଲ ଟେନିସ୍ ଚାମ୍ପିୟନସିପ୍ ଦେଖିବା ପାଇଁ ନିଜର ଟିକେଟ ବୁକ୍ କରିପାରିବେ ବୋଲି କହିଛନ୍ତି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ । ଆଜିର କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଏସିଆ ଟେବୁଲ ଟେନିସ୍ ୟୁନିୟନର ରିଜିଓନାଲ ଭାଇସ୍ ପ୍ରେସିଡ଼େଣ୍ଟ ଶେଖ୍ ହୟାତ୍ ଅଲ୍ ଖଲିଫା, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଏନ. ଗଣେଶନ, ଅଲମ୍ପିଆନ୍ ତଥା ପଦ୍ମଶ୍ରୀ ଅଚନ୍ତା ଶରତ କମଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଜୟଶ୍ୱାଲଙ୍କ ଶତକ, ଭାରତ ୩୧୮/୨

## ୱିକେଟ୍ ପାଇଁ ଇଣ୍ଡିଜ୍ ନୟାନ୍ତ, ଝଡିଲା ଦୁଇ ୱିକେଟ୍

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି): ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଭାରତ-ଇଣ୍ଡିଜ୍ ଦ୍ୱିତୀୟ ଟେଷ୍ଟ ଆରମ୍ଭ ହୋଇଛି । ପ୍ରଥମ ଦିନ ଘରୋଇ ଭାରତୀୟ ବ୍ୟାଟରଙ୍କ ଦବଦବା ଦେଖିବାକୁ ମିଳିଥିଲା । ଓପନର ଜୟଶ୍ୱ ଜୟଶ୍ୱାଲଙ୍କ ଅପରାଜିତ ୧୭୩ ରନ୍ ବଳରେ ଭାରତ ଷ୍ଟମ୍ପଅପସାରଣ ସୁଧା ୯୦ ଓଭରରେ ୨ ୱିକେଟ୍ ହରାଇ ୩୧୮ ରନ୍ କରିଛି । ଜୟଶ୍ୱାଲ ୧୭୩ ରନ୍ ଓ ଶୁଭମନ ଗିଲ୍ ୨୦ ରନ୍ କରି ଅପରାଜିତ ଅଛନ୍ତି । ଭାରତ ହାତରେ ଆଉ ୮ ୱିକେଟ୍ ଥିବା ବେଳେ ପ୍ରଥମ ଇନିଂସରେ ବଡ଼ ସ୍କୋର କରିବା ଲକ୍ଷ୍ୟରେ ରହିଛି ଟିମ୍ ଇଣ୍ଡିଆ । ଜୟଶ୍ୱାଲ ନିଜ ଟେଷ୍ଟ କ୍ୟାରିୟରର ସପ୍ତମ ଶତକ ହାସଲ କରିଥିବା ବେଳେ ଦୁଇ ଶତକ ଠାରୁ ମାତ୍ର ୨୭ ରନ୍ ପଛରେ ଅଛନ୍ତି । ତେଣୁ ଦ୍ୱିତୀୟ ଦିନ ତାଙ୍କ ଉପରେ ସମସ୍ତଙ୍କ ନଜର ରହିବ । ଭାରତୀୟ ଇନିଂସର ୯୦ ଓଭର ଖେଳ ହୋଇଥିବା ବେଳେ ମାତ୍ର ୨ ୱିକେଟ୍ ଝଡିଥିଲା । ତେଣୁ ଇଣ୍ଡିଜ୍ ବୋଲର ୱିକେଟ୍ ନେବାକୁ ନୟାନ୍ତ ହୋଇଥିଲେ । ଲୋକେଶ ରାହୁଲ ୩୮ ରନ୍ ଓ ଯୁବ ତାରକା ସାଇ ସୁଦର୍ଶନ ୮୭ ରନ୍ କରି ଆଉଟ୍ ହୋଇଥିଲେ । ଉଭୟଙ୍କୁ ବାମହାତି ସ୍ପିନର ଜୋମେଲ ୱାରିକନ୍ ଆଉଟ କରିଥିଲେ ।



ମ୍ୟାଚର ପ୍ରଥମ ଅଧିବେଶନରେ ଭାରତ ଗୋଟିଏ ୱିକେଟ୍ ହରାଇ ୯୪ ରନ୍ କରିଥିଲା । ଲଞ୍ଚରୁ ଟି ବ୍ରେକ ଯାଇ ଅର୍ଥାତ୍ ଦ୍ୱିତୀୟ ଅଧିବେଶନରେ ଦଳ କୌଣସି ୱିକେଟ୍ ହରାଇ ନଥିଲା । ଜୟଶ୍ୱାଲଙ୍କ ସହ ସୁଦର୍ଶନ ୩୦ ଓଭର ବ୍ୟାଟିଂ କରି ଦଳୀୟ ସ୍କୋରରେ ୧୨୬ ରନ୍ ଯୋଡି ଥିଲେ । ଓପନର ଲୋକେଶ ରାହୁଲ ଓ ଜୟଶ୍ୱାଲଙ୍କ ମଧ୍ୟରେ ପ୍ରଥମ ୱିକେଟ୍ ପାଇଁ ୫୮ ରନର ପାର୍ଟନରସିପ୍ ହୋଇଥିଲା । ୱାରିଙ୍କାଙ୍କ ଚମତ୍କାର ସ୍ପିନ ଯୋଗୁଁ ଲୋକେଶ ରାହୁଲ ଷ୍ଟମ୍ପିଂ ହୋଇଥିଲେ । ଏହାପରେ ପଡ଼ିଆକୁ ଆସିଥିଲେ ସାଇ ସୁଦର୍ଶନ । ସେ ଜୟଶ୍ୱାଲଙ୍କ ସହ ମିଶି ସ୍କୋରକୁ ଆଗେଇ ନେଇଥିଲେ । ଜୟଶ୍ୱାଲ ୧୪୫ ବଲରେ କ୍ୟାରିୟରର ସପ୍ତମ ଶତକ ହାସଲ କରିଥିଲେ । ସାଇ ମଧ କ୍ୟାରିୟର ଦ୍ୱିତୀୟ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ । ଦ୍ୱିତୀୟ ୱିକେଟ୍ ପାଇଁ ଉଭୟଙ୍କ ମଧ୍ୟରେ ୧୯୭ ରନ୍ ର ପାର୍ଟନରସିପ୍ ହୋଇଥିଲା । ଦଳୀୟ ସ୍କୋର ୨୫୧ ରନ୍ ବେଳେ ସାଇ ବ୍ୟକ୍ତିଗତ ୮୭ ରନ୍ କରି ୱାରିଙ୍କାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ । ସାଇଙ୍କ ପରେ ପଡ଼ିଆକୁ ଆସିଥିଲେ ଗିଲ । ସେ ଜୟଶ୍ୱାଲଙ୍କ ସହ ମିଶି ଆଉ ବିପର୍ଯ୍ୟୟ ଘଟାଇବାକୁ ଦେଇନଥିଲେ । ଉଭୟ ଦଳୀୟ ସ୍କୋରକୁ ୨୫୧କୁ ୩୧୮ରେ ପହଞ୍ଚାଇଛନ୍ତି । ଜୟଶ୍ୱାଲ ମଧ ନିଜର ୧୫୦ ରନ୍ ପୂରଣ କରିଛନ୍ତି । ୧୭୩ ରନର ଅପରାଜିତ ଇନିଂସରେ ଜୟଶ୍ୱାଲ ୨୨ଟି ଚୌକା ମାରିଛନ୍ତି । ଗିଲ ମଧ ୩ଟି ଚୌକା ସହ ଅପରାଜିତ ୨୦ ରନ୍ କରିଛନ୍ତି ।

# ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିଅନସିପ୍ ଆରମ୍ଭ

କଳିଙ୍ଗ ଷ୍ଟାଡ଼ିୟମ ଠାରେ ୪୦ତମ ନ୍ୟାସନାଲ ଜୁନିୟର ଆଥଲେଟିକ୍ସ ଚାମ୍ପିଅନସିପ୍ ପ୍ରତିଯୋଗିତା ଆରମ୍ଭ ହୋଇଛି । ଏହା ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ପ୍ରାୟ ୨୦୦୦ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିବା ବେଳେ ଓଡ଼ିଶାରୁ ୩୮ଜଣ ପୁରୁଷ ଏବଂ ୩୭ଜଣ ମହିଳା ସର୍ବମୋଟ ୭୫ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଛନ୍ତି । ଓଡ଼ିଶାରେ ଏକା ସହ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଟୁର୍ଣ୍ଣାମେଣ୍ଟର ଆୟୋଜନ ହେବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ବିଗତ ଅଗଷ୍ଟ ମାସରେ ଭାରତର ପ୍ରଥମ ୱାର୍ଲଡ଼ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜର ଆୟୋଜନ ମଧ କଳିଙ୍ଗ ଷ୍ଟାଡ଼ିୟମରେ ସଫଳତାର ସହ କରାଯାଇଥିଲା । ବିଶ୍ୱ ସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଠାରୁ ନେଇ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାର ଆୟୋଜନ କରିବା ସହ ବିଶ୍ୱ କ୍ରୀଡ଼ା ଜଗତରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଛନ୍ତି ।

# ଏସିଆ ରଗବୀ ଏମିରେଟସ ସେଭେନ୍ସ ସିରିଜ ପାଇଁ ଭାରତୀୟ ମହିଳା ଦଳର ପ୍ରସ୍ତୁତି

ଭୁବନେଶ୍ୱର,୧୦।୧୦(ସବ୍ୟୁ): ଇଣ୍ଡିଆନ ରଗ୍‌ବୀ ଫୁଟବଲୟୁନିଅନ (ଆଇଆରଏଫୟୁ) ପକ୍ଷରୁ ଘୋଷଣା କରାଯାଇଛି ଯେ, ସିନିୟର ୱିମେନ୍ସ ରଗ୍‌ବୀ ସେଭେନ୍ସ ଟିମ ଆସନ୍ତା ଅକ୍ଟୋବର ୧୮ ଓ ୧୯ ତାରିଖରେ ଶ୍ରୀଲଙ୍କାର କଲମ୍ବୋରେ ଖେଳା ଯିବାକୁଥିବା ଏସିଆ ରଗ୍‌ବୀ ଏମିରେଟ୍‌ସ ସେଭେନ୍ସ ସିରିଜ (ଏଆରଇଏସଏସ) ୨୦୨୫ର ଲେଗ୍ ୨ର ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହୋଇଛି । ୧୦ମ ସିଡ୍ ଭାବେ ଲେଗ୍ ୧ରେ ପ୍ରବେଶ କରିବା ପରେ ଏବଂ ଶୀର୍ଷ ୬ଟି ଟିମ୍‌ରେ ସ୍ଥାନ ପାଇବା ପରେ ଭାରତୀୟ ଦଳ କଲମ୍ବୋ ଲେଗ୍‌ରେ ପ୍ରବେଶ କରିଛି । ଫିଲିପାନ୍ସ (୨୪-୫) ଓୟୁଏଇ (୧୯-୧୨) ବିରୋଧରେ ବିଜୟ ସମେତ ଟିମ୍‌ର ପ୍ରଦର୍ଶନ ଶୀର୍ଷ ସ୍ତରରେ ଭାରତର ବର୍ଦ୍ଧିତ ଶକ୍ତି, ଦକ୍ଷତା ଓ ସଂଯମତାକୁ ପ୍ରଦର୍ଶିତ କରୁଛି । ଏସିଆ ରଗ୍‌ବୀ ଏମିରେଟ୍‌ସ ସେଭେନ୍ସ ସିରିଜରେ ଏସିଆର ୧୨ଟି ଶୀର୍ଷ ଜାତୀୟ ଟିମ୍ ସାମିଲ ରହିଛନ୍ତି । ଯେଉଁମାନେ ଏକାଧିକ ଲେଗ୍‌ରେ ପ୍ରତିଯୋଗିତା କରିବେ, ଏବଂ ଏହାର ସଂଗୃହୀତ ପଏଣ୍ଟ ଫାଇନାଲ ର୍‍ୟାଙ୍କିଙ୍ଗ ନିର୍ଣ୍ଣୟ କରିବ । ଟିମ୍‌ର ପ୍ରଗତି ସମ୍ପର୍କରେ ଭାରତୀୟ ରଗ୍‌ବୀ ଫୁଟବଲ ସଂଘର ଅଧ୍ୟକ୍ଷ ରାହୁଲ ବୋଷ କହିଛନ୍ତି । "ହାଙ୍ଗ୍‌ଝୁରେ ଭାରତର ପ୍ରଦର୍ଶନ ଉଭୟ ଉତ୍ସାହଜନକ ଓ ପ୍ରେରଣାଦାୟକ ଥିଲା । ଏସିଆର ପ୍ରମୁଖ ପ୍ରତିଯୋଗିତାରେ ପଦାର୍ପଣ କରିବା ଏବଂ ୬ଷ୍ଠ ସ୍ଥାନ ହାସଲ କରିବା ଆମର ମହିଳା ରଗ୍‌ବୀ ପ୍ରୋଗ୍ରାମର ଉତ୍ସର୍ଗୀକୃତତା ଓ ପ୍ରଗତିକୁ ପ୍ରତିଫଳନ କରୁଛି । ଟିମ୍ କଲମ୍ବୋ ପାଇଁ ପ୍ରସ୍ତୁତ ହେଉଥିବାରୁ ଆମେ ଏହି ବେଗ ଆଗକୁ ବଢାଇବା ଏବଂ ଏସିଆର ପ୍ରତିଷ୍ଠିତ ଟିମଗୁଡିକରେ ଭାରତକୁ ସ୍ଥାନିତ କରିବା ଦିଗରେ ଆମର ଯାତ୍ରା ଜାରି ରଖିବା ପାଇଁ ଚାହୁଁଛୁ ।

DSPL-311

ଭାରତ ସରକାର



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଆଭାସୀ ମାଧ୍ୟମରେ
ପ୍ରଧାନମନ୍ତ୍ରୀ
ଶ୍ରୀ ନରେନ୍ଦ୍ର ମୋଦୀଙ୍କ
କରକମଳରେ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶୁଭାରମ୍ଭ
• ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା
• ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନ

ଭିତ୍ତିପ୍ରସ୍ତର ସ୍ଥାପନ
ପ୍ରଧାନମନ୍ତ୍ରୀ ମତ୍ସ୍ୟସମ୍ପଦ ଯୋଜନା ଅଧୀନରେ ୧୦୦ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ସମନ୍ୱିତ ଆକ୍ୱାପାର୍କ ଏବଂ ୫୯.୧୩ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ପାଇକାରୀ ମାଛ ବଜାର

ରାଜ୍ୟସ୍ତରୀୟ ସମାରୋହ
ଗରିମାମୟ ଉପସ୍ଥିତି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି

ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ

୧୧ ଅକ୍ଟୋବର ୨୦୨୫ | ସକାଳ ୧୦.୦୦ ଘଟିକା | କୃଷି ଶିକ୍ଷା ସଦନ, ଓୟୁଏଟି

କୃଷି ଓ କୃଷକ ସଶକ୍ତିକରଣ ବିଭାଗ । ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ
ଓଡ଼ିଶା ସରକାର

OIPR: 01102/13/0034/2526

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି